୫୧
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୬/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, December 26/2024 | Page 16 ₹ 7.00 | BALASORE

୫୧ଶ ଭାଗ ୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 33 | ମୂଲ୍ୟ ₹୭/-


# ବିମାନ ଦୁର୍ଘଟଣା: ୩୫ ମୃତ

ଆଜରବୈଜାନ ରାଜଧାନୀ ବାକୁରୁ ୬୭ ଯାତ୍ରୀଙ୍କୁ ନେଇ ରୁଷିଆର ଚେଚନ୍ୟାସ୍ଥିତ ଗ୍ରୋଜ୍ନି ଅଭିମୁଖେ ଯାତ୍ରା କରୁଥିବା ଏକ ବିମାନ ବୁଧବାର କାସ୍ପିଆନ୍ ସାଗର ଉପକୂଳ କାଜାଖସ୍ତାନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୩୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଆହତ ହୋଇଛନ୍ତି। କେତେଜଣ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଉଡ଼ାଣ ବେଳେ ବିମାନକୁ ପକ୍ଷୀ ଧକ୍କାଦେବାରୁ ଏପରି ଘଟିଥିବା ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଉକ୍ତ ଏୟାରକ୍ରାଫ୍ଟର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଭଲ ଭାବେ କାର୍ଯ୍ୟ ନ କରିବା ଭଳି ନାଭିଗେଶନ୍ ସମସ୍ୟା ରହିଥିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ମଧ୍ୟ କୁହାଯାଉଛି।


ଦୁର୍ଘଟଣାଗ୍ରସ୍ତ ବିମାନ

**ମସ୍କୋ,୨୫।୧୨**

ଆଜରବୈଜାନରୁ ୬୭ ଜଣଙ୍କୁ ନେଇ ରୁଷିଆ ଯାଉଥିବା ଏକ ବିମାନ ବୁଧବାର କାଜାଖସ୍ତାନର ଅକାଟଉ ସହରରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ଏଥିରେ ଅନ୍ୟୂନ ୩୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଜଣ ବର୍ତ୍ତିଯାଇଛନ୍ତି। ଆହତମାନଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କାଜାଖସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଟେଲିଗ୍ରାମରେ ସୂଚନା ଦିଆଯାଇଛି।

ଆଜରବୈଜାନ ଏୟାରଲାଇନ୍ସ ପରିଚାଳିତ ଜେ୨-୮୨୪୩ ନମ୍ବର ବିଶିଷ୍ଟ ଏମ୍ବ୍ରାଏର ୧୯୦ ଏୟାରକ୍ରାଫ୍ଟ ବୁଧବାର ସକାଳେ ରାଜଧାନୀ ବାକୁରୁ ୬୨ ଯାତ୍ରୀ ଓ ୫ କ୍ରିଉ ମେମ୍ବରଙ୍କୁ ନେଇ ରୁଷିଆର ଚେଚନ୍ୟାସ୍ଥିତ ଗ୍ରୋଜ୍ନି ଅଭିମୁଖେ ଯାତ୍ରା କରୁଥିଲା। ଗ୍ରୋଜ୍ନି ଆକାଶରେ ଘନ କୁହୁଡ଼ି ଆଚ୍ଛାଦିତ ☞ପୃଷ୍ଠା-୪

# ନବୀନଙ୍କୁ ଭାରତରତ୍ନ ଦିଅ କହିଲେ କେନ୍ଦ୍ରମନ୍ତ୍ରୀ ଗିରିରାଜ

**ନୂଆଦିଲ୍ଲୀ/ ଭୁବନେଶ୍ୱର(ସୁନୀତ୍ ମିଶ୍ର),୨୫।୧୨**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭାରତରତ୍ନ ଦେବା ପାଇଁ ବୁଧବାର ବିହାରର ଏମ୍‌ପି ତଥା କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ଦାବି କରିଛନ୍ତି। ଏହି ମନ୍ତବ୍ୟ ପରେ ଓଡ଼ିଶାରେ ବିଜେଡିକୁ ତଳିତଳାନ୍ତ କରି ଭାଜପାକୁ ଶକ୍ତିଶାଳୀ କରିବା ପାଇଁ ହେଉଥିବା ଉଦ୍ୟମ ସମ୍ପର୍କରେ ସୋସିଆଲ ମିଡିଆରେ ପୁଣିଥରେ ଚର୍ଚ୍ଚା ହେଉଛି। ବିଜେଡି ରାଜ୍ୟ ଶାସନରୁ ଗାଦିଚ୍ୟୁତ ହେବା ପଛରେ ଯୋଜନାବଦ୍ଧ ଷଡ଼ଯନ୍ତ୍ର ହୋଇଥିବା ନେଇ ଅନେକ ଚର୍ଚ୍ଚା ହୋଇଆସୁଥିବାବେଳେ ଗିରିରାଜଙ୍କ ମନ୍ତବ୍ୟ ଏହାକୁ ଅଧିକ ସରଗରମ କରିଛି।


ଗିରିରାଜ ସିଂ

ଭାଜପାରେ ବିଜେଡିକୁ ଲୀନ କରିଦେବା ପାଇଁ ଉଭୟ ଦଳର କେତେଜଣ ନେତା ଭିତିରିଆ ପ୍ରୟାସ କରୁଛନ୍ତି ବୋଲି ଅନେକେ ବିଗତ ଦିନର କେତେକ ଘଟଣାରେ ସୋସିଆଲ ମିଡିଆରେ ମତ ଦେଇଥିବାବେଳେ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ହିନ୍ଦୁଙ୍କ ସାଦା ଖାଦ୍ୟ


No. T-

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା୩୦।୧୨।୨୦୨୪ରିଖ (ସୋମବାର) ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୨୫।୧୨।୨୦୨୪ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ** (https://janasunani.odisha.gov.in/) ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତିସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0040/2425


# ବିଲରେ ଭାସୁଛି ପାଚିଲା ଧାନ

## ଫସଲ ହାନି ପାଇଁ କ୍ଷତିପୂରଣ ମିଳିବ: ସମବାୟ ମନ୍ତ୍ରୀ

**ଭୁବନେଶ୍ୱର,୨୫।୧୨(ଅନିଲ ଦାସ)**

ବିଲରେ ଭାସୁଛି ପାଚିଲା ଧାନ, ମଣ୍ଡିରେ ଭିଜୁଛି ଅମଳ ଧାନ। ଅଦିନିଆ ବର୍ଷା ଚାଷୀଙ୍କୁ ସର୍ବସ୍ୱାନ୍ତ କରି ଦେଇଛି। ଧାନଗଣ୍ଡାକର ମୂଲ କେମିତି ମିଳିବ ସେ ନେଇ ସାରା ରାଜ୍ୟରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଗତ ୪ ଦିନ ଧରି ରାଜ୍ୟରେ ଲାଗିରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀଙ୍କ ଝାଳବୁହା ଧନକୁ ଏକପ୍ରକାର ବରବାଦ କରିଦେଇଛି। ବର୍ଷା କମିବାର ନାଁ ଧରୁନି। ବିଲରୁ ଅମଳ ହୋଇ ପାରୁନି ପାଚିଲା ଧାନ। ପାଣିରେ ଭିଜି ନଷ୍ଟ ହେବା ସହ ଗଜା ହେବା ଆଶଙ୍କା ବହୁଗୁଣା ବଢ଼ିଗଲାଣି। ଋଣକରି ଚାଷ କରିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଆହୁରି ୨୪ ଘଣ୍ଟା ବର୍ଷାର ପ୍ରକୋପ ରହିବ। ଦକ୍ଷିଣ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଉପକୂଳ ଦକ୍ଷିଣ ପଶ୍ଚିମ ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଧୀରେ ଧୀରେ ଏହା ଦୁର୍ବଳ ହୋଇଯିବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବରେ ଗୁରୁବାର ଦକ୍ଷିଣ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ☞ପୃଷ୍ଠା-୪







# କ୍ରିସ୍‌ମସ୍‌ରେ ବି ଛାଡ଼ିଲାନି ରୁଷିଆ


ୟୁକ୍ରେନ୍‌ର ଖାର୍କିଭ୍‌ରେ ବିଧ୍ୱସ୍ତ ଏକ ଶକ୍ତିପ୍ରକଳ୍ପର ନିଆଁ ଲିଭାଉଛନ୍ତି ଅଗ୍ନିଶମବାହିନୀ।

କିଭ୍, ୨୫।୧୨

ଧରାପୃଷ୍ଠରେ ଯୀଶୁଙ୍କ ଅବତରଣକୁ ନେଇ ବୁଧବାର ବିଶ୍ୱବାସୀ କ୍ରିସ୍‌ମସ ପାଳନରେ ମସ୍‌ଗୁଲ ଥିବାବେଳେ ୟୁକ୍ରେନ୍ ଉପରେ ଘନ ଘନ ଆକ୍ରମଣ କରିଛି ରୁଷିଆ। ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମି ଉପରେ ରୁଷୀୟ ସୈନ୍ୟ ତୁହାକୁ ତୁହା ମିଶାଇଲ ଓ ଡ୍ରୋନ୍ ମାଡ଼ କରିଛନ୍ତି। ଏଥିରେ ଏକ ତାପଜ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ଧ୍ୱସ୍ତବିଧ୍ୱସ୍ତ

## ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ମିଶାଇଲ, ଡ୍ରୋନ୍ ଆକ୍ରମଣ

ହୋଇଯାଇଛି। ଫଳରେ ଅନେକ ୟୁକ୍ରେନୀୟ ଏକ ମେଟ୍ରୋ ଷ୍ଟେଶନରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି। ୟୁକ୍ରେନୀୟ ତୈଳ ଓ ଶକ୍ତି ଉତ୍ସଗୁଡ଼ିକ ଉପରେ ରୁଷିଆ ଜଳ, ସ୍ଥଳ ଓ ଆକାଶମାର୍ଗରୁ ୭୮ ମିଶାଇଲ୍ ଛାଡ଼ିଛି। ଏତିକି ନୁହେଁ, ୧୦୬ ଡ୍ରୋନ୍ ଆକ୍ରମଣ ମଧ୍ୟ କରିଥିବା ୟୁକ୍ରେନୀୟ ବାୟୁସେନା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସେଥିରୁ ୫୯ ମିଶାଇଲ ଓ ୫୪ ଡ୍ରୋନ୍‌କୁ ୟୁକ୍ରେନ୍ ଖସାଇ ଦେଇଥିବା କିଭ୍ ପକ୍ଷରୁ ସୂଚନା ଦିଆଯାଇଛି। ଇତିମଧ୍ୟରେ ଖସିପଡ଼ିଥିବା ଏକ ଡ୍ରୋନ୍ ଯୋଗୁ ରୁଷିଆର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଆଣ୍ଡ୍ରି ସିବିହା କହିଛନ୍ତି, ରୁଷିଆର ଏକ ମିଶାଇଲ୍ ମୋଲଡୋଭାନ୍ ଓ ରୋମାନୀୟ ବାୟୁସୀମା ଦେଇ ଗତି କରିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭ୍ଲାଡିମିର ଜେଲେନ୍‌ସ୍କି କହିଛନ୍ତି, ପୁଟିନ୍ ଜାଣିଶୁଣି ଆକ୍ରମଣ ପାଇଁ କ୍ରିସ୍‌ମାସକୁ ବାଛିଛନ୍ତି। ଏହାଠୁ ବଳି ଅମାନବୀୟ କାର୍ଯ୍ୟ କ’ଣ ହୋଇପାରେ ବୋଲି ଜେଲେନ୍‌ସ୍କି ପ୍ରଶ୍ନ କରିଛନ୍ତି।

ପ୍ରକାଶଯେ, ୨୦୨୨ ଫେବୃଆରୀ ୨୪ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ରୁଷିଆର ମୋଟ ୬ ଲକ୍ଷରୁ ଊର୍ଦ୍ଧ୍ୱ ମୃତାହତ ହୋଇଥିବାବେଳେ ୟୁକ୍ରେନ୍‌ର ୮୦ ହଜାର ସୈନ୍ୟ ନିହତ ଓ ୪ ଲକ୍ଷ ଆହତ ହୋଇଛନ୍ତି। ଆଉ କେତେଜଣ ପର୍ଯ୍ୟବେକ୍ଷକଙ୍କ ମତରେ ଉଭୟ ରୁଷିଆ ଓ ୟୁକ୍ରେନ୍‌ର ମୃତାହତଙ୍କ ସଂଖ୍ୟା ଅଧିକ ହୋଇପାରେ। ଗତ ୨୧ରେ ୟୁକ୍ରେନ୍ ରୁଷିଆର କାଜାନ ସହରରେ ୯/୧୧ ଶୈଳରେ ୭ଟି ସୁଉଚ୍ଚ ଅଟ୍ଟାଳିକାକୁ ଡ୍ରୋନ୍ ଆକ୍ରମଣ କରିଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ରୁଷିଆ ସୈନ୍ୟ ଏଭଳି ଆକ୍ରମଣ କରିଥିବା କୁହାଯାଇଛି।

## କ୍ରିସ୍‌ମସ୍‌ରେ ପୋପ୍‌ଙ୍କ ଶାନ୍ତି ଆହ୍ୱାନ

କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ବୁଧବାର ଭାଟିକାନ୍ ସିଟିରେ କ୍ରିସ୍‌ମସ ପାଳନ ଅବସରରେ ଶାନ୍ତି ପ୍ରତିଷ୍ଠାର ଆହ୍ୱାନ ଦେଇଛନ୍ତି। ଅସ୍ତ୍ରଶସ୍ତ୍ର ବ୍ୟବହାର ବନ୍ଦକରି ବିଭାଜନ ଏଡ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି। ବିଶ୍ୱରେ ଶାନ୍ତି ଓ ଏକତା ପ୍ରତିଷ୍ଠା ନିମନ୍ତେ ସାମୁହିକ ଉଦ୍ୟମ ଲୋଡ଼ା ବୋଲି ପୋପ୍ କହିଛନ୍ତି।



## ସଂସଦ ଭବନ ନିକଟରେ ନିଜକୁ ନିଆଁ ଲଗାଇଦେଲେ



ନୂଆଦିଲ୍ଲୀ, ୨୫।୧୨

ସଂସଦ ଭବନ ନିକଟରେ ଜଣେ ବ୍ୟକ୍ତି ନିଜକୁ ନିଆଁ ଲଗାଇ ଦେଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ତାଙ୍କୁ ଉଦ୍ଧାରକରି ସ୍ଥାନୀୟ ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି କରିଛି। ଘଟଣାସ୍ଥଳରେ ଫୋରେନ୍‌ସିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ଯାଞ୍ଚରୁ ବ୍ୟକ୍ତି ଜଣକ ଉତ୍ତରପ୍ରଦେଶର ବାଗ୍‌ପତ ନିବାସୀ ଜିତେନ୍ଦ୍ର ହୋଇଥିବା ଜଣାପଡ଼ିଛି। ଜିତେନ୍ଦ୍ର ରେଳ ଭବନ ନିକଟସ୍ଥ ଏକ ପାର୍କରେ ନିଜ ଶରୀରରେ ନିଆଁ ଲଗାଇ ସଂସଦ ଭବନ ଆଡ଼କୁ ଦୌଡ଼ି ଆସୁଥିଲେ। ଜିତେନ୍ଦ୍ରଙ୍କ ଶରୀରର ୯୫% ପୋଡ଼ିଯାଇଥିବା ନେଇ ଡାକ୍ତର କହିଛନ୍ତି। ତେବେ ସେ ନିଜକୁ କ’ଣ ପାଇଁ ନିଆଁ ଲଗାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ଅଧା ପୋଡ଼ିଯାଇଥିବା ଏକ ୨ ପୃଷ୍ଠାର ନୋଟ୍ ପୋଲିସକୁ ହସ୍ତଗତ ହୋଇଛି। ବାଗ୍‌ପତର କୌଣସି ବ୍ୟକ୍ତିଗତ ଶତ୍ରୁତାକୁ ନେଇ ଜିତେନ୍ଦ୍ର ଏପରି ଘଟାଇଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

## ସଂକ୍ଷେପରେ

### ଆଫଗାନିସ୍ତାନରେ ପାକିସ୍ତାନର ବୋମାମାଡ଼: ୪୬ ମୃତ

କାବୁଲ, ୨୫।୧୨

ଆଫଗାନିସ୍ତାନର ପୂର୍ବ ପକ୍ତିକା ରାଜ୍ୟର ବରମଲ ଜିଲାରେ ବୁଧବାର ପାକିସ୍ତାନୀ ସେନା ଦ୍ୱାରା ଏୟାରଷ୍ଟ୍ରାଇକ କରାଯାଇ ୪୬ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ୬ ଜଣ ଆହତ ହୋଇଥିବାନେଇ ତାଲିବାନ୍ ସରକାରଙ୍କ ଉପ ମୁଖପାତ୍ର ହମଦୁଲ୍ଲା ଫିତରତ କହିଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଓ ମହିଳା ରହିଛନ୍ତି। ବରମଲ ଜିଲାରେ ୪ଟି ସ୍ଥାନରେ ବୋମା ମାଡ଼ କରାଯାଇଥିବା ନେଇ ଫିତରତ କହିଛନ୍ତି। ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଇନାୟତୁଲ୍ଲାହ ଖୌରାଜମି କହିଛନ୍ତି, ପାକିସ୍ତାନର ଏହି ନିଷ୍ଠୁର କାର୍ଯ୍ୟ ସମସ୍ତ ଅନ୍ତର୍ଜାତୀୟ ନୀତିକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରିଛି। ପଡ଼ୋଶୀ ପାକିସ୍ତାନକୁ ଏହି ଏୟାର ଷ୍ଟ୍ରାଇକ୍‌ର ଜବାବ ଦିଆଯିବ। ତେବେ ତାଲିବାନ୍‌ର ଅଭିଯୋଗ ଉପରେ ପାକିସ୍ତାନୀ ସେନା ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

### ଖାଇରେ ଖସିଲା ବସ୍: ୪ ମୃତ, ୨୪ ଆହତ

ଡେରାଡୁନ୍, ୨୫।୧୨

ଉତ୍ତରାଖଣ୍ଡର ଆଲମୋରାରୁ ହଲଦ୍ୱାନୀ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ବୁଧବାର ଭାରସାମ୍ୟ ହରାଇ ଭୀମତଲ ସହରର ୧୫୦୦ ଫୁଟ ଗଭୀର ଏକ ଖାଇରେ ଖସିଯିବାରୁ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ମହିଳା, ଜଣେ ପୁରୁଷ ଏବଂ ଜଣେ ଶିଶୁ ରହିଛନ୍ତି। ବସ୍ ମଧ୍ୟରୁ ୨୧ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଦୁର୍ଘଟଣା ଘଟିବା ମାତ୍ରେ ଘଟଣାସ୍ଥଳରେ ପୋଲିସ, ଅଗ୍ନିଶମ ବାହିନୀ, ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବଳ(ଏସ୍‌ଡିଆର୍‌ଏଫ୍) ଟିମ୍, ସ୍ଥାନୀୟ ଲୋକଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ସେହିପରି ଘଟଣାସ୍ଥଳରେ ୧୫ଟି ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉତ୍ତରାଖଣ୍ଡ ସରକାର ମୃତକଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି।

# ‘ଦିଲ୍ଲୀ ନିର୍ବାଚନ ପୂର୍ବରୁ ଆତିଶୀ ଗିରଫ ହେବେ’

ନୂଆଦିଲ୍ଲୀ, ୨୫।୧୨

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଉପଦେଷ୍ଟା ଅରବିନ୍ଦ କେଜରିୱାଲ ଭାଜପା ଉପରେ ନୂଆ ଅଭିଯୋଗ ଆଣିଛନ୍ତି। ବୁଧବାର ଏକ ଖବରଦାତା ସମ୍ମିଳନୀ କରି ସେ କହିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ଗିରଫ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ଆତିଶୀଙ୍କୁ ଗିରଫ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ଇନ୍‌କମ ଟାକ୍ସକୁ କୁହାଯାଇଛି। ଭାଜପା ପ୍ରରୋଚନାରେ ପରିବହନ ବିଭାଗରେ ଏକ ନକଲି ମାମଲା ରୁଜୁ କରାଯାଇ ଆତିଶୀଙ୍କୁ ଗିରଫ କରିବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ସେ ତାଙ୍କ ନିଜସ୍ୱ ସୂତ୍ରରୁ ଖବର

## ଭାଜପା ଷଡ଼ଯନ୍ତ୍ର ରଚୁଥିବା ନେଇ ଅଭିଯୋଗ ଆଣିଲେ କେଜ୍‌ରିୱାଲ

ପାଇଥିବା କେଜରିୱାଲ କହିଛନ୍ତି। ସେହିପରି ଆତିଶୀଙ୍କୁ ଗିରଫ କରିବା ପୂର୍ବରୁ ତାଙ୍କ ସମେତ ଆପ୍‌ର ଅନେକ ବରିଷ୍ଠ ନେତାଙ୍କ ଘରେ ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ରେଡ୍ କରାଯିବ। ଦିଲ୍ଲୀ ନିର୍ବାଚନ ପୂର୍ବରୁ ଆପ୍‌ର ବଢୁଥିବା ଲୋକପ୍ରିୟତାରେ ଭୟଭୀତ ହୋଇ ଦଳର ନିର୍ବାଚନ ପ୍ରସ୍ତୁତିକୁ ବ୍ୟାହତ କରିବା ନିମନ୍ତେ ଭାଜପା ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ପ୍ରୟାସ କରାଯିବ ବୋଲି କେଜ୍‌ରିୱାଲ ଅଭିଯୋଗ ଆଣିଛନ୍ତି।

# ଦଳାଚକଟାରେ ମୃତ ମହିଳାଙ୍କ ପରିବାରକୁ ୨ କୋଟି ସହାୟତା

ହାଇଦ୍ରାବାଦ, ୨୫।୧୨

ଗତ ୪ ତାରିଖରେ ‘ପୁଷ୍ପା ୨’ର ସ୍କ୍ରିନିଂ ବେଳେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଦଳଚକଟା ଘଟି ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ୮ ବର୍ଷର ପୁଅ ଗୁରୁତର ଆହତ ହୋଇଥିଲେ। ବୁଧବାର ଏହି ଦଳାଚକଟା ପୀଡ଼ିତଙ୍କ ପରିବାରକୁ ଅଭିନେତା ଅଲ୍ଲୁ ଅର୍ଜୁନ ଓ ‘ପୁଷ୍ପା ୨’ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ୨ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବା ନେଇ ଘୋଷଣା କରାଯାଇଛି। ଏନେଇ ଅଲ୍ଲୁ ଅର୍ଜୁନଙ୍କ ବାପା ତଥା ଫିଲ୍ମ ନିର୍ମାତା ଅଲ୍ଲୁ ଅରବିନ୍ଦ ସୂଚନା ଦେଇଛନ୍ତି। ଅଲ୍ଲୁ ଅର୍ଜୁନଙ୍କ ପକ୍ଷରୁ ୧ କୋଟି, ‘ପୁଷ୍ପା ୨’ ପ୍ରଡକ୍ସନ କମ୍ପାନୀ ମାଇତ୍ରୀ ମୁଭି ମେକର୍ସ ପକ୍ଷରୁ ୫୦ ଲକ୍ଷ ଏବଂ


ଅଲ୍ଲୁ ଅର୍ଜୁନ

ନିର୍ଦ୍ଦେଶକ ସୁକୁମାରଙ୍କ ପକ୍ଷରୁ ପୀଡ଼ିତ ପରିବାରକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯିବ ବୋଲି ସେ କହିଛନ୍ତି। ବୁଧବାର ଅଲ୍ଲୁ ଅରବିନ୍ଦ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲକୁ ଯାଇ ଗୁରୁତର ଆହତ ଥିବା ପୀଡ଼ିତ ବାଳକଙ୍କୁ ଭେଟିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି ବୋଲି ଅଲ୍ଲୁ ଅରବିନ୍ଦ କହିଛନ୍ତି।

## ବିଭ୍ରାନ୍ତିକର ଭିଡିଓ ଶେୟାର ନ କରିବାକୁ ହାଇଦ୍ରାବାଦ ପୋଲିସର ଚେତାବନୀ

ସନ୍ଧ୍ୟା ଥିଏଟର ଦଳାଚକଟା ଘଟଣାରେ ଭୁଲ୍ ସୂଚନା କିମ୍ବା ବିଭ୍ରାନ୍ତିକର ଭିଡିଓଗୁଡ଼ିକୁ ସୋସିଆଲ ମିଡିଆରେ ପ୍ରଚାରପ୍ରସାର କରାଗଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୁଧବାର ହାଇଦ୍ରାବାଦ ପୋଲିସ ଚେତାବନୀ ଦେଇଛି। ଏକ୍ସ’ରେ ଏକ ପୋଷ୍ଟ କରି ହାଇଦ୍ରାବାଦ ପୋଲିସ ପକ୍ଷରୁ କୁହାଯାଇଛି, ଅଲ୍ଲୁ ଅର୍ଜୁନ ସନ୍ଧ୍ୟା ଥିଏଟରରେ ପହଞ୍ଚିବା ପୂର୍ବରୁ ଦଳଚକଟା ଘଟିଥିବା ନେଇ ଏକ ମିଥ୍ୟା ଭିଡିଓକୁ କେତେଜଣ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଭାଇରାଲ କରୁଥିବା ନେଇ ଜଣାପଡ଼ିଛି। ମାମଲାର ଏବେ ତଦନ୍ତ ଚାଲିଛି। ତେଣୁ ମିଥ୍ୟା ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇଦ୍ରାବାଦ ପୋଲିସ କହିଛି।

## ଫୁରସତ୍

# ‘ବର୍ଡର ୨’ ଶୁଟିଂ ଆରମ୍ଭ



ସନ୍ନି ଦେଓଲ

ମୁମ୍ବାଇ

ବହୁ ପ୍ରତୀକ୍ଷିତ ‘ବର୍ଡର ୨’ ଫିଲ୍ମର ଶୁଟିଂ ଆରମ୍ଭ ହୋଇଛି। ଟିସିରିଜ୍ ପ୍ରଡକ୍ସନ ହାଉସ୍ ପକ୍ଷରୁ ‘ବର୍ଡର ୨’ ଶୁଟିଂ ସେଟ୍‌ର ଏକ ଝଲକକୁ ଶେୟାର କରାଯାଇଛି, ଯାହା ଫିଲ୍ମକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିଛି। ‘ବର୍ଡର’ ଫିଲ୍ମର ନାୟକ ଅଭିନେତା ସନ୍ନି ଦେଓଲ ‘ବର୍ଡର ୨’ରେ ମଧ୍ୟ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏହାସହ ‘ବର୍ଡର ୨’ରେ ଅଭିନେତା ବରୁଣ ଧାୱନ, ଦିଲ୍‌ଜିତ ଦୋସାଞ୍ଜ ଏବଂ ଅହାନ ସେଟ୍ଟିଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତେବେ ଫିଲ୍ମରେ କେଉଁ ଅଭିନେତ୍ରୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ ସେନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏଯାଏ ସ୍ପଷ୍ଟ ହୋଇନାହିଁ। ‘ବର୍ଡର ୨’ ରେ ଅନେକ ଆକ୍ସନ ଦୃଶ୍ୟ ରହିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣା ପଡ଼ିଛି। ରିପୋର୍ଟ ଅନୁଯାୟୀ, ଜଣାଶୁଣା ହଲିଉଡ୍ ଆକ୍ସନ୍ କୋରିଓଗ୍ରାଫର୍ ନିକ୍ ପାୱେଲ ‘ବର୍ଡର ୨’ର ସମସ୍ତ ଆକ୍ସନ ଦୃଶ୍ୟଗୁଡ଼ିକୁ ଡିଜାଇନ କରିବେ। ୧୯୯୭ରେ ମୁକ୍ତିଲାଭ କରିଥିବା ‘ବର୍ଡର’ ଚଳଚ୍ଚିତ୍ର ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ତେବେ ୨୯ ବର୍ଷ ପରେ ଅର୍ଥାତ୍ ୨୦୨୬ ଜାନୁଆରୀ ୨୩ରେ ଏହାର ସିକ୍ୱେଲ ‘ବର୍ଡର ୨’ ମୁକ୍ତିଲାଭ କରିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି।

## ବାମ ହାତରେ ହ୍ୟାଣ୍ଡକଫ, ଡାହାଣ ହାତରେ ପରୀକ୍ଷା ଦେଲେ

ଭୋପାଳ

ମଧ୍ୟପ୍ରଦେଶର ବୁର୍‌ହାନ୍‌ପୁର ଜିଲା ଶିକରପୁରା ଥାନା ଅଞ୍ଚଳରେ ୨ ଜଣ ଅଭିଯୁକ୍ତ ହାତକଡ଼ି ଲଗାଇ ପରୀକ୍ଷା ଦେବା ପାଇଁ ପହଞ୍ଚୁଥିବାର କେତେକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଉଭୟ ଅଭିଯୁକ୍ତ ୨ ଭାଇ ହୋଇଥିବା ଜଣାପଡ଼ିଛି। ପରୀକ୍ଷା କେନ୍ଦ୍ରରେ ଅନ୍ୟ ଛାତ୍ରୀଛାତ୍ରମାନେ ୨ ଅଭିଯୁକ୍ତଙ୍କୁ ହାତକଡ଼ି ଲଗାଇ ପୋଲିସ ସହ ଠିଆ ହୋଇଥିବାର ଦେଖି ସେମାନଙ୍କୁ ଆଶ୍ଚର୍ଯ୍ୟର ସହ ଚାହିଁ ରହିଥିବାର ଦେଖିବାକୁ ମିଳିଛି। ତେବେ ଏହି ୨ ଭାଇଙ୍କୁ ଏକ ହତ୍ୟା ମାମଲାରେ ଗିରଫ କରାଯାଇଛି। ଗତ ୩ ମାସ ହେବ ଉଭୟେ ଜେଲରେ ରହୁଛନ୍ତି। ପୂର୍ବରୁ ଦ୍ୱାଦଶ ପରୀକ୍ଷା ପାଇଁ ଏହି ୨ ଭାଇ ଫର୍ମ ପୂରଣ କରିଥିବାରୁ ସେମାନଙ୍କୁ ପରୀକ୍ଷା ଦେବା ଲାଗି କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଶନିବାର ଉଭୟେ ହାତକଡ଼ି ପିନ୍ଧି ୨ ଜଣ ପୋଲିସ କର୍ମୀଙ୍କ ସହ ପରୀକ୍ଷା ଦେବାକୁ ଆସି ପହଞ୍ଚିଥିଲେ। ଉଭୟ ଅଭିଯୁକ୍ତଙ୍କ ମା’ କହିଛନ୍ତି, ଗଣେଶ ପୂଜା ସମୟରେ ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବକଙ୍କ ହତ୍ୟା ହୋଇଥିଲା। ଉକ୍ତ ହତ୍ୟାକାଣ୍ଡରେ ତାଙ୍କ ୨ ପୁଅଙ୍କ ନାଁ ସାମ୍ନାକୁ ଆସିଥିଲା। ସେବେଠାରୁ ଉଭୟେ ଜେଲରେ ଅଛନ୍ତି। ତେବେ ତାଙ୍କ ୨ ପୁଅଙ୍କୁ ଦ୍ୱାଦଶ ବୋର୍ଡ ପରୀକ୍ଷା ଦେବା ପାଇଁ ଅନୁମତି ଦିଆଯାଉ ବୋଲି ସେ କୋର୍ଟଙ୍କୁ ନିବେଦନ କରିଥିଲେ। ମହିଳାଙ୍କର ଏହି ନିବେଦନକୁ କୋର୍ଟ ଗ୍ରହଣ କରିଥିଲେ।

## କ୍ରିସ୍‌ମସ୍ ଟ୍ରି ହେୟାରଷ୍ଟାଇଲ



ନୂଆଦିଲ୍ଲୀ

ସୋସିଆଲ ମିଡିଆରେ ଚର୍ଚ୍ଚିତ ରହୁଥିବା ବିୟୁଟି ଇନ୍‌ଫ୍ଲୁଏନ୍ସର ତାନିଆ ସିଂ ବୁଧବାର ନିଜର କେଶକୁ କ୍ରିସ୍‌ମସ୍ ଟ୍ରି ରୂପେ ସଜାଇ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଭିଡିଓରେ ପ୍ରଥମେ ତାନିଆ ତାଙ୍କ ମୁଣ୍ଡରେ ଏକ ଖାଲି ଥଣ୍ଡା ପାନୀୟ ବୋତଲ ରଖି ଏହାକୁ ଯତ୍ନର ସହ ନିଜ କେଶ ଦ୍ୱାରା ଘୋଡ଼ାଇ ଦେଉଛନ୍ତି। ଏହାପରେ ସେ କେଶକୁ ବିଭିନ୍ନ ଲାଇଟିଂ, ଷ୍ଟାର ଏବଂ ଅନ୍ୟାନ୍ୟ କ୍ରିସ୍‌ମସ୍ ଉପକରଣ ଦ୍ୱାରା ସଜ୍ଜିତ କରୁଛନ୍ତି। ଏହାପରେ ତାନିଆଙ୍କ କେଶ ଏକଦମ ଅବିକଳ କ୍ରିସ୍‌ମସ୍ ଟ୍ରି ପରି ଦେଖାଯାଉଛି। କ୍ୟାପ୍‌ଶନ୍‌ରେ ତାନିଆ ଲେଖିଛନ୍ତି, ସମସ୍ତଙ୍କୁ ମେରି କ୍ରିସ୍‌ମସ୍। ମୋର କ୍ରିସ୍‌ମସ୍ ଟ୍ରି ହେୟାରଷ୍ଟାଇଲ କିପରି ଲାଗୁଛି। ଏହି ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ତାନିଆଙ୍କ ଏହି ନୂତନ ହେୟାରଷ୍ଟାଇଲକୁ ଇନ୍‌ଷ୍ଟାଗ୍ରାମ ୟୁଜର୍ସ ଖୁବ୍ ପସନ୍ଦ କରିଛନ୍ତି।






# ୧୫୪୨ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ଶୁଭାରମ୍ଭ

- ପ୍ରଥମ ପର୍ଯ୍ୟାୟରେ ୭୭ ଆଦର୍ଶ ପ୍ୟାକ୍ସ ପ୍ରତିଷ୍ଠା ହେବ
- ସମବାୟ ସମିତି ଖାତାପତ୍ର ଅଡିଟ୍ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଭୁବନେଶ୍ୱର ସମବାୟ ବ୍ୟାଙ୍କ ଜମାକାରୀ ଜମା ରାଶି ଫେରସ୍ତ ପାଇବେ

ଭୁବନେଶ୍ୱର,୨୫ା୧୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୧୫୪୨ଟି ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନ କନଭେନ୍ସନ ସେଣ୍ଟରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ସମବାୟ ସମିତିଗୁଡ଼ିକର ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ସମୁଦାୟ ୨୭୧୧ଟି ପାକ୍ସ ଥିବାବେଳେ ରାଜ୍ୟ ସରକାର ଆଉ ୧୫୪୨ଟି ନୂଆ ବହୁମୁଖୀ ପାକ୍ସ ଗଠନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ସମୁଦାୟ ପାକ୍ସ ସଂଖ୍ୟା ୪୨୫୩କୁ ବୃଦ୍ଧି ପାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମବାୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୂତନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ସମୁଦାୟ ୫୪ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭୭ଟି ପାକ୍ସକୁ ମଡେଲ୍ ପାକ୍ସ ଭାବରେ ବିକଶିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ମଡେଲ ପାକ୍ସଗୁଡ଼ିକ ଗୋଟିଏ ଗୋଟିଏ ୱାନ୍ ଷ୍ଟପ୍ ଶପ୍ ଭଳି କାର୍ଯ୍ୟ କରିବ, ଅର୍ଥାତ ଗୋଟିଏ ଛାତ ତଳେ କୃଷି ସମ୍ବନ୍ଧୀୟ ସବୁ ପ୍ରକାର ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମଡେଲ ପାକ୍ସ ଓ ଲାମ୍ପ୍ସଗୁଡ଼ିକ ସମବାୟ ସମିତିଗୁଡ଼ିକୁ ସଶକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।




ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, ୨୦୧୫ରୁ ବନ୍ଦ ହୋଇ ପଡ଼ିଥିବା ଭୁବନେଶ୍ୱର ସହରାଞ୍ଚଳ ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀଙ୍କୁ ଜମାରାଶି ଫେରସ୍ତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସମବାୟ ବ୍ୟାଙ୍କ ଉପରେ ଲୋକଙ୍କ ଆସ୍ଥା ପୁନଃ ପ୍ରତିଷ୍ଠାରେ ସହାୟକ ହେବ ବୋଲି ସେ କହିଛନ୍ତି। ନୂଆ ସରକାର ସମବାୟ କ୍ଷେତ୍ରକୁ କ୍ରିୟାଶୀଳ ଓ ଚଳଚଞ୍ଚଳ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସମବାୟ ସଂସ୍ଥା ଉପରେ ଲୋକଙ୍କ ଆସ୍ଥା ଫେରାଇ ଆଣିବା ସହିତ ଏହାକୁ ଗ୍ରାମ୍ୟ ଅର୍ଥନୀତି ବିକାଶର ଏକ ପ୍ରମୁଖ ଇଞ୍ଜିନ ଭାବରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ ପ୍ରାଥମିକ ସମବାୟ ସମିତିର ଖାତାପତ୍ର ଅଡିଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର କୃଷି କ୍ଷେତ୍ରରେ ସମବାୟ ସଂସ୍ଥାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଓଡ଼ିଶା ବୋଧହୁଏ ଏକମାତ୍ର ରାଜ୍ୟ ଯେଉଁଠି ମୋଟ ଫସଲ ଋଣର ୬୦ ପ୍ରତିଶତରୁ ଅଧିକ ସମବାୟ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥାଏ ଏବଂ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ପ୍ରାୟ ୩୦ ପ୍ରତିଶତ ପ୍ରଦାନ କରିଥାନ୍ତି। କୃଷକମାନଙ୍କୁ ଠିକ୍ ସମୟରେ ଋଣ ଦେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ କିଛି ବର୍ଷ ହେବ ଋଣ ନାଁରେ ଏଭର ଗ୍ରୀନ୍ ରୀତି ଚାଲିଥିଲା। ବର୍ତ୍ତମାନ ଏହା ଆଉ ହେଉନାହିଁ। ଚାଷୀମାନେ ଋଣ ପାଉଛନ୍ତି।

ରାଜ୍ୟର ଶତକଡ଼ା ନବେ ଭାଗରୁ ଅଧିକ କୃଷି ପରିବାରର ସଭ୍ୟମାନଙ୍କୁ ପ୍ରାଥମିକ କୃଷି ଋଣ ସମବାୟ ସମିତିଗୁଡ଼ିକ ମାଧ୍ୟମରେ କୃଷି କାର୍ଯ୍ୟ ନିମନ୍ତେ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଉଛି। ଓଡ଼ିଶାର ଚାଷୀମାନେ ଏକ ଲକ୍ଷ ଟଙ୍କା ବିନା ସୁଧରେ ଫସଲ ଋଣ ପାଉଛନ୍ତି।

ଦୁଗ୍ଧ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ କ୍ୟାବିନେଟରେ କାମଧେନୁ ସହିତ ଗୋ-ମାତା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ସମବାୟ ଆନ୍ଦୋଳନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଗୋପାଳପୁର ସମବାୟ ତାଲିମ କେନ୍ଦ୍ରର ବିକାଶ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରାଯାଇଛି। ମୁଖ୍ୟମନ୍ତ୍ରୀ କେତେକ ସମବାୟ ସଂସ୍ଥାର ସଦସ୍ୟଙ୍କୁ ମାଇକ୍ରୋ ଏଟିଏମ ଓ ରୂପେ କାର୍ଡ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମବାୟ କ୍ଷେତ୍ରର ଉନ୍ନତି ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ନାବାର୍ଡ ଉପ ପରିଚାଳନା ନିର୍ଦ୍ଦେଶକ ଡ. ଅଜୟ କୁମାର ସୁଦ୍ କହିଥିଲେ ଯେ, ୧୮୯୮ରେ ଦେଶର ପ୍ରଥମ ସମବାୟ ସଂସ୍ଥା ଓଡ଼ିଶାରେ ଗଠିତ ହୋଇଥିଲା। ସମବାୟର ବିକାଶ ପାଇଁ ଉତ୍ତମ ପ୍ରଶାସନିକ ଦକ୍ଷତା, ଆର୍ଥିକ ସମ୍ବଳ ଓ ଟେକ୍ନୋଲୋଜିର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି। ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ସ୍ୱାଗତ ଭାଷଣ ଦେଇଥିଲେ। ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାଶ ଧନ୍ୟବାଦ୍ ଦେଇଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ; ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ସଚିବ ଗୁହା ପୁନମ୍ ତାପସ କୁମାର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଜାନୁଆରୀରୁ ଚାଷୀ ପଞ୍ଜୀକରଣ, ଚିହ୍ନଟ ହେବେ ଅଣଚାଷୀ

ଭୁବନେଶ୍ୱର, ୨୫ା୧୨(ସୁନିତ୍ ମିଶ୍ର)

ରାଜ୍ୟର ଯେଉଁ ଅଣଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭ ଉଠାଉଛନ୍ତି ସେମାନଙ୍କୁ ବାଦ୍ ଦିଆଯିବ। ରାଜ୍ୟ ସରକାର ଏବେ ଉପଯୁକ୍ତ ଚାଷୀଙ୍କୁ ଚିହ୍ନଟକରିବା ପ୍ରକ୍ରିୟା ଆରମ୍ଭ କରିବେ। ଜାନୁଆରୀରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଯିବ। ଚାଷୀମାନଙ୍କୁ ୧୪ ଡିଜିଟ ନମ୍ବର ବିଶିଷ୍ଟ ସ୍ୱତନ୍ତ୍ର ଆଇଡି ମିଳିବ। ଡିଜିଟାଲ କୃଷକ କାର୍ଡ ମଧ୍ୟ ସରକାର ଯୋଗାଇ ଦିଆଯିବ। ଏଥିପାଇଁ ଚାଷୀଙ୍କ ଡାଟାବେସ୍ ପ୍ରସ୍ତୁତ କରିବାକୁ ସବୁ ଜିଲାପାଳଙ୍କୁ କୃଷି ବିଭାଗ ପକ୍ଷରୁ ଆକ୍ସନ ପ୍ଲାନ୍ ଏବଂ ଏସ୍ଓପି ପଠାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିବ। ସବୁ ପଞ୍ଚାୟତରେ ସ୍ୱତନ୍ତ୍ର ଶିବିର ଖୋଲାଯିବ। ଏହି ଶିବିରରେ ୨ ଜଣ ଲେଖାଏ ଗ୍ରାମ୍ୟ କୃଷି ସେବକ ଓ ଜଣେ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହିବେ। ଚାଷୀଙ୍କୁ ଶିବିର ପର୍ଯ୍ୟନ୍ତ ଆଣିବା ପାଇଁ ସ୍ଥାନୀୟ କୃଷକ ସାଥୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପ୍ରତ୍ୟେକ ଶିବିରର ତଦାରଖ ଦାୟିତ୍ୱରେ କୃଷି ଓଭରସିୟର, ବ୍ଲକ୍ କୃଷି ଅଧିକାରୀ, ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାରଙ୍କ ମଧ୍ୟରୁ ଜଣେ ରହିବେ। ଚାଷୀମାନେ ନିଜର ଆଧାର କାର୍ଡ, ଆଧାର ଲିଙ୍କ୍ ଥିବା ମୋବାଇଲ ଫୋନ୍, ଜମିପଟ୍ଟା ଦାଖଲକରି ପଞ୍ଜୀକରଣ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଏହି ଶିବିରରେ ପିଏମ୍ କିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, କୃଷକ ଓଡ଼ିଶାର ହିତାଧିକାରୀଙ୍କ ପଞ୍ଜୀକରଣ ଶେଷ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସାର୍ଥା ଫାଣ୍ଡି ଅଧିକାରୀ ନିଲମ୍ବିତ

## ଚୋରି ସନ୍ଦେହରେ ଯୁବକଙ୍କୁ ପିଟି ହତ୍ୟା ମାମଲା

ବାଲେଶ୍ୱର, ୨୫ା୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାର୍ଥା ଗ୍ରାମରେ ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ପିଟି ହତ୍ୟା ଘଟଣାରେ ଏସ୍ପି ରାଜପ୍ରସାଦ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଫାଣ୍ଡି ଅଧିକାରୀ ଏସ୍ଆଇ ଚନ୍ଦ୍ରଶେଖର ମହାନ୍ତିଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବନ ପରେ ତାଙ୍କୁ ବସ୍ତା ଏସ୍ଡିପିଓଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି।

ସୂଚନା ମୁତାବକ, କିଛିଦିନ ପୂର୍ବରୁ ସିଂଲା ଥାନା ସାର୍ଥା ଫାଣ୍ଡି ଅଧୀନ ଓଡ଼ିଶାଳ ବଜାର ଛକରେ ଥିବା ଅଜୟ ଦାସଙ୍କ ଲୁଗା ଦୋକାନରୁ ଚୋରି ହୋଇଥିଲା। ଚୋରିରେ ସମ୍ପୃକ୍ତି ଥିବା ସନ୍ଦେହରେ ଗତ ୨୨ ତାରିଖରେ ୪ଜଣ ଯୁବକଙ୍କୁ କାବୁ କରି ଦୋକାନୀ ଓ ତାଙ୍କର ଦୁଇ ପୁଅ ଏବଂ ଅନ୍ୟ ସହଯୋଗୀ ଏକ ବିଦ୍ୟୁତ୍ ଖୁଣ୍ଟିରେ ବାନ୍ଧି ଠେଙ୍ଗା ଓ ରଡ୍‌ରେ ନିର୍ଦ୍ଦୁମ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ସାର୍ଥା ଅଞ୍ଚଳର ଯୁବକ ତ୍ରିଲୋଚନ ପ୍ରଧାନଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୩ଜଣ ଯୁବକଙ୍କୁ ଗୁରୁତର ଆହତ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାକୁ ନେଇ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ସାର୍ଥା ଫାଣ୍ଡିଠାରୁ ମାତ୍ର ୨ରୁ ୩ଶହ ମିଟର ଦୂରରେ ଏହି ଜଘନ୍ୟ ଘଟଣା ଘଟିଥିଲେ ହେଁ ସେଠାରେ ଫାଣ୍ଡି ଅଧିକାରୀ ପହଞ୍ଚି ନ ଥିଲେ। ପରେ ସିଂଲା ଥାନା ଓଆଇସି ଭୁବନମୋହନ ସେଠୀ ସଦଳବଳେ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ। ଗତ ୨୩ ତାରିଖରେ ଏସ୍ପି ରାଜପ୍ରସାଦ ସାଇଣ୍ଟିଫିକ୍ ଟିମ୍ ସହ ସେଠାରେ ପହଞ୍ଚି ତଦନ୍ତ କରିଥିଲେ। ଫାଣ୍ଡି ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ଏସ୍ପି ତାଙ୍କୁ ନିଲମ୍ବନ କରିଛନ୍ତି।


ଫାଣ୍ଡି ଅଧିକାରୀ ଚନ୍ଦ୍ର ଶେଖର ମହାନ୍ତି।

# ମିସ୍ ୟୁନିଭର୍ସରେ ଦାମନଯୋଡ଼ିର ଅନୁଶ୍ରୀ

କୋରାପୁଟ,୨୫ା୧୨
(ଅମିତାଭ ବେହେରା)

ରାଜସ୍ଥାନ ଜୟପୁରରେ ଅନୁଷ୍ଠିତ ହୋଇଥିବା ମିସ୍ ୟୁନିଭର୍ସ ବିୟୁଟି ପ୍ରତିଯୋଗିତାରେ ଦାମନଯୋଡ଼ିର ଅନୁଶ୍ରୀ ପାତ୍ର ଅନ୍ତର୍ଜାତୀୟସ୍ତରକୁ ମନୋନୀତ ହୋଇ ଭାରତର ପ୍ରତିନିଧିତ୍ୱ କରିବେ। ଦାମନଯୋଡିର ଅର୍ଦ୍ଧେନ୍ଦୁ କୁମାର ପାତ୍ର ଓ ଶ୍ରୀଦେବୀଙ୍କ କନ୍ୟା ଅନୁଶ୍ରୀ ଛୋଟ ବେଳୁ ପାଠପଢ଼ା ସହ ମଡେଲିଂରେ ରୁଚି ରଖିଥିଲେ। ରାଜସ୍ଥାନ ଜୟପୁରର ଜି ଷ୍ଟୁଡିଓରେ ଜାତୀୟସ୍ତରୀୟ ମିସ୍ ୟୁନିଭର୍ସ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଅନ୍ତର୍ଜାତୀୟସ୍ତରକୁ ୪ଜଣ ମନୋନୀତ ହୋଇଛନ୍ତି। ସେଥିମଧ୍ୟରୁ ଓଡ଼ିଶାରୁ ଅନୁଶ୍ରୀ ରହିଛନ୍ତି। ଆଗକୁ ଅନ୍ତର୍ଜାତୀୟସ୍ତରରେ ହେବାକୁ ଥିବା ମିଷ୍ଟି ୟୁନିଭର୍ସରେ ସେ ଭାରତର ପ୍ରତିନିଧିତ୍ୱ କରିବେ। କୋରାପୁଟ ଭଳି ଏକ ଆଦିବାସୀ ବହୁଳ ପଛୁଆ ଜିଲାରୁ ଯାଇ ଭାରତ ପାଇଁ ପ୍ରତିନିଧିତ୍ୱ କରୁଥିବାରୁ ପରିବାର ଓ ସାଙ୍ଗମାନେ ତାଙ୍କୁ ଫୁଲତୋଡ଼ା ଓ ମିଠା ଖୁଆଇ ସ୍ୱାଗତ କରିଥିଲେ। ଇଚ୍ଛା ଶକ୍ତି ଥିଲେ ଜଣେ ଆଗକୁ ଯାଇପାରିବ, ପଛୁଆ ଜିଲା ହେଲେ ମଧ ନିଜର ଆତ୍ମବିଶ୍ୱାସ ଉପରେ ସର୍ବଦା ବିଶ୍ୱାସ ରଖି ଆଗକୁ ଗଲେ ସଫଳତା ମିଳିବ ବୋଲି ଅନୁଶ୍ରୀ କହିଛନ୍ତି।



ଅନୁଶ୍ରୀ ପାତ୍ର

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀଙ୍କ ପରଲୋକ

ଭବାନୀପାଟଣା,
୨୫ା୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ଶତପଥୀଙ୍କ ବୁଧବାର ସକାଳ ୮ଟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ୬୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛି ଦିନ ତଳେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ କର୍କଟ ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ମଧ ହୋଇଥିବା ଜଣାପଡିଥିଲା। ଦେହ ଅସୁସ୍ଥ ଥିବାରୁ ଗତ ଅକ୍ଟୋବର ୧ରୁ ସେ ବିଶ୍ୱବିଦ୍ୟାଳୟରୁ ଛୁଟି ନେଇଥିଲେ।

ଗତ ୨୦୨୧ ଏପ୍ରିଲ ୧୬ରେ ସେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଯୋଗଦାନ କରିଥିଲେ। ୧୯୮୪ରେ ସେ ପ୍ରଥମେ ଅଧ୍ୟାପକ ଭାବେ କଟକ କଲେଜରେ ଯୋଗଦାନ କରିଥିଲେ। ଏହାସହ ରାଜ୍ୟର ବିଭିନ୍ନ ବଡ଼ ବଡ଼ କଲେଜରେ ଅଧ୍ୟାପକ ସମେତ ପ୍ରାଧ୍ୟାପକ ଭାବେ ଦାୟିତ୍ୱ ମଧ ତୁଲାଇଥିଲେ। ସେ ଏକାଧାରାରେ ଜଣେ ଶିକ୍ଷାବିତ୍, ପ୍ରବଚକ, ସାହିତ୍ୟିକ ସର୍ବୋପରି ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ବେଶ୍ ଜଣାଶୁଣା। କୁଳପତି ଦାୟିତ୍ୱ ସମୟରେ ସେ ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଓ ସଫେଇ ଅଭିଯାନ କରିଥିଲେ। ଏଥିରେ ତାଙ୍କର ପ୍ରକୃତିପ୍ରେମୀ ମନୋଭାବ ପ୍ରତିଫଳିତ ହୋଇଥିଲା। ସେ ଜଣେ ଛାତ୍ରବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନ ସହ ସେ ଦୀର୍ଘବର୍ଷ ହେଲା ଜଡ଼ିତ ରହିଥିଲେ। ସେ ୨୬ରୁ ଊର୍ଦ୍ଧ୍ୱ ପୁସ୍ତକ ଲେଖିଛନ୍ତି। ବିଭିନ୍ନ ସ୍ଥାନରେ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି।

ଜଗତସିଂହପୁର ଜିଲା ବୋରିକିନାର ମୂଳ ବାସିନ୍ଦା ଶତପଥୀ ପରିବାର ସହିତ ଭୁବନେଶ୍ୱର ସିଆର୍‌ପି ଛକ ଅଞ୍ଚଳରେ ରହୁଥିଲେ। ପରିବାର କହିଲେ ତାଙ୍କର ସ୍ତ୍ରୀ, ଜଣେ ପୁଅ ଓ ଝିଅ ଅଛନ୍ତି। ପୁଅ ଆୟୁର୍ବେଦିକ ପଢୁଥିବାବେଳେ ଝିଅର ବିବାହ ସରିଛି।

ତାଙ୍କ ବିୟୋଗରେ ସମଗ୍ର କଳାହାଣ୍ଡି ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ଶୁଣି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ କର୍ତ୍ତୃପକ୍ଷ, ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଶୋକ ପ୍ରକାଶ କରିଛନ୍ତି। ନିଜ ଫେସ୍‌ବୁକ୍ ପେଜ୍ ଜରିଆରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ଛାତ୍ର ସଂସଦ ସଭାପତି ଅବିନାଶ ଠାକୁର ପ୍ରମୁଖ ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି।


ପ୍ରଫେସର ସଞ୍ଜୟ ଶତପଥୀ।

# ଲୋକ ଅଭିବ୍ୟକ୍ତିର ପ୍ରତୀକ ଥିଲେ ବାଜପେୟୀ: ଧର୍ମେନ୍ଦ୍ର

## ବୁର୍ଲାରେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ସମ୍ବଲପୁର,୨୫ା୧୨(ବି.ଶଙ୍କର)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଜଣେ ବିଚାରଧାରା ସହ ଲୋକ ଅଭିବ୍ୟକ୍ତିର ବଡ ପ୍ରତୀକ ଥିଲେ। ତାଙ୍କ ନେତୃତ୍ୱ ଭାରତକୁ ବିଶ୍ୱ ମାନଚିତ୍ରରେ ଏକ ଶକ୍ତିଶାଳୀ ରାଷ୍ଟ୍ରଭାବେ ପ୍ରତିଷ୍ଠିତ କରିଥିଲା। ଓଡ଼ିଶାରେ ଭାଜପା ସରକାରକୁ ଆସିବାର ବଡ ଭୂମିକା ଅଟଳଜୀଙ୍କର ରହିଥିଲା। ଓଡ଼ିଶାର ପଶ୍ଚିମାଞ୍ଚଳରେ ମରୁଡ଼ି ପଡିଥିବା ବେଳେ ସେ କଳାହାଣ୍ଡି ଓ ବଲାଙ୍ଗୀର ଜିଲାକୁ ଟ୍ରେନ୍‌ରେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ବୁଧବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାଠାରେ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଏବଂ ସୁଶାସନ ଦିବସ ଅବସରରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅଟଳ ଉଦ୍ୟାନର ଉଦ୍‌ଘାଟନ ସହ ଗୋଲଗୁଣ୍ଡା ଛକକୁ ଅଟଳ ଛକ ନାମକରଣର ଶୁଭାରମ୍ଭ କରିଥିଲେ।

ଜିଲା ପ୍ରଶାସନ ଓ ଅଟଳ ବିହାରୀ ବାଜପେୟୀ ସ୍ମୃତି ସମିତି ଆୟୋଜିତ କାର୍ଯ୍ୟକମରେ ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍ପି ମୁକେଶ କୁମାର ଭାମୁ, ପୂର୍ବତନ ବିଧାୟକ ନାଉରୀ ନାଏକ ଯୋଗଦେଇଥିଲେ। ଅଟଳ ବିହାରୀ ବାଜପେୟୀ ସ୍ମୃତି ସମିତି ସଭାପତି ପ୍ରସନ୍ନ କୁମାର ସାହୁ ଅତିଥିଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।


ବୁଧବାର ବୁର୍ଲାଠାରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଅତିଥି ବୃନ୍ଦ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସିପିଆଇର ୧୦୦ତମ ପ୍ରତିଷ୍ଠା ବାର୍ଷିକୀରେ ପତାକା ଉତ୍ତୋଳନ ଦିବସ, ସ୍ଥାନ: ଭଗବତୀ ଭବନ, ଅଶୋକନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଆଡେଡ୍ କଲେଜ ଟିଚର୍ସ ଆଣ୍ଡ ଏମ୍ପ୍ଲଇଜ୍ ଆସୋସିଏଶନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୪୯ତମ ରାଜ୍ୟ ଅଧିବେଶନ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ ପରିସର, କଟକ, ସମୟ:ପୂର୍ବାହ୍ନ ୧୦ଟା ୩୦।

## ପୁରୀ
- ସତ୍ୟବାଦୀ ସେବା ଟ୍ରଷ୍ଟ ଓ ମୂଳ ଅଳସା ଯୁବ ସଂଘ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ମୂଳ ଅଳଶା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ଜଟଣୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ମା'ଉତ୍ତରାୟଣୀ କ୍ଲବ ପ୍ରେକ୍ଷାଳୟ, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ଜିଲା ଯୁବ କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ହରିଭାଇନା ଛକ, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଦେୱାନୀ ଅଦାଲତ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ମୁନି ସମାଜର ଜିଲାସ୍ତରୀୟ ବାର୍ଷିକ ଅଧିବେଶନ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସଦ୍‌ଗୁରୁ ଶିବମୁନି ଯୋଗ ସେବାଶ୍ରମ, ହଳଦୀପଦା, ବାଲେଶ୍ୱର, ସମୟ: ସକାଳ ୯ଟା।
- ଓଡ଼ିଶା ଗବେଷଣା ସମ୍ମିଳନୀ–୨୦୨୪ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ସମୟ: ସକାଳ ୯ଟା ୩୦।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଭୀମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ନଈଗୋପାଳପୁର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସ, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

- ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ, ସ୍ଥାନ: ଦୁର୍ଗା ମଣ୍ଡପ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ଚନ୍ଦନେଶ୍ୱର ବସ୍‌ଷ୍ଟାଣ୍ଡ, ଭୋଗରାଇ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଓରାଳୀ, ଛେନାପଦି, ସମୟ: ସକାଳ ୭ ଓ ସନ୍ଧ୍ୟା ୬ ଟା।
- ଟିବି ମୁକ୍ତ ଭାରତ ଅଭିଯାନ, ସ୍ଥାନ: କେନ୍ଦୁଝର ସ୍ଥିତ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ ଟା।

## ଭଦ୍ରକ
- ଭାଜପା ପକ୍ଷରୁ ବୀର ବାଳ ଦିବସ ପାଳନ, ସ୍ଥାନ: ଚାନ୍ଦବାଲି କାଇର୍ଭ ହୋଟେଲ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ୧୨ଟା।
- ବିଜେଡ଼ିର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ରାଜ୍ୟସ୍ତରୀୟ କଳାପ୍ରଦର୍ଶନୀ,ସ୍ଥାନ:ଶ୍ରୀରାମଚନ୍ଦ୍ର ଉପ୍ରା ବିଦ୍ୟାଳୟ, ଦେଉଳସାହି, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: କପ୍ତିପଦା ଓ ଉଦଳା କଲେଜ, ସମୟ:ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ପାରମ୍ପରିକ ଲୋକନୃତ୍ୟ ପ୍ରତିଯୋଗିତା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୪ଟା।
- କପ୍ତିପଦା ଉପଖଣ୍ଡସ୍ତରୀୟ ଧୁମୁସା ମହୋତ୍ସବ ଉଦ୍‌ଘାଟନ,ସ୍ଥାନ:ଉଦଳା ହାଇସ୍କୁଲ ପଡ଼ିଆ,ସମୟ: ଅପରାହ୍ନ ୫ଟା।
- ମୟୂରଭଞ୍ଜ ପୁସ୍ତକ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟାରୁ ରାତି ୧୦ଟା।

## ବ୍ରହ୍ମପୁର
- ସିପିଆଇର ଶତବାର୍ଷିକ ପାଳନ, ସ୍ଥାନ: ପାର୍କ ସାହିସ୍ଥିତ ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ଗଞ୍ଜାମ
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ, ସ୍ଥାନ: ଆସିକା ବ୍ଲକ ଦେବଭୂମି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବୁଗୁଡା ପିପୁଲ୍ସ ହାଇସ୍କୁଲ ପଡ଼ିଆ,ସମୟ: ଅପରାହ୍ନ ୫ଟା।

## କନ୍ଧମାଳ
- ବିଜେଡ଼ିର ପ୍ରତିଷ୍ଠା ଦିବସ, ସ୍ଥାନ: ଦାରିଙ୍ଗବାଡି ମିଶ୍ର କଲ୍ୟାଣ ମଣ୍ଡପ, ସମୟ: ସକାଳ ୧୧ଟା।

## ଢେଙ୍କାନାଳ
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ: ଅଡିଟୋରିୟମ, ଆରଟିଓ ଅଫିସ ପାଖ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଅଠରବାଙ୍କି ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସ୍ଥଳ ପାରାଦୀପ ,ସମୟ: ପୂର୍ବାହ୍ନ ୧୦ ଟା।
- ତିର୍ତ୍ତୋଲ ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଉତ୍ସବ ସ୍ଥାନ: ତିର୍ତ୍ତୋଲସ୍ଥିତ ଆନନ୍ଦ ମଣ୍ଡପ ପରିସର, ସମୟ: ଅପରାହ୍ନ ୨ଟ ।୩୦।

## କେନ୍ଦ୍ରାପଡ଼ା
- ମା'ତାରିଣୀଙ୍କ ମେଳା ଓ ମହୋତ୍ସବ, ସ୍ଥାନ: ବଣିଆମାଳ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- କେନ୍ଦ୍ରାପଡ଼ା କ୍ରିକେଟ୍ ସୁପରଲିଗ୍ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ଟାଇଗର୍ସ ବନାମ ଇଲେଭେନ ଷ୍ଟାର କ୍ରିକେଟ୍ କ୍ଲବ୍ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ:ସକାଳ ୯ଟା।
- ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ:ମ୍ୟୁନିସିପାଲିଟି ହଲ, କେନ୍ଦ୍ରାପଡ଼ା ସହର, ବିଜେଡି କାର୍ଯ୍ୟାଳୟ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।
- ଡେରାବିଶ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ:ସନ୍ଧ୍ୟା ୬ଟା।

## ଯାଜପୁର
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା–୨୦୨୪,ସ୍ଥାନ : ଯାଜପୁର କୁସୁମା ସମ୍ମୁଖ ପଡ଼ିଆ। ସମୟ : ଅପରାହ୍ନ ୩ଟା।
- ଧର୍ମଶାଳା ମହୋତ୍ସବ, ସ୍ଥାନ : ଧର୍ମଶାଳା ମହୋତ୍ସବ ପଡ଼ିଆ। ସମୟ : ଅପରାହ୍ନ ୫ଟା।
- ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ, ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଲାୟନ୍ସ କ୍ଲବର ମିଳିତ ସହଯୋଗରେ ରକ୍ତଦାନ ଶିବିର, ସ୍ଥାନ : ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଯାଜପୁର ନେହୁରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ଉତ୍ସବ, ସ୍ଥାନ : ଯାଜପୁର ଏନ୍‌ସି କଲେଜ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ନୟାଗଡ଼ ଜିଲା ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ କୃଷି ମେଳାର ତୃତୀୟ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରହ୍ନ ୫ଟା।
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ:ବିଜେଡି କାର୍ଯ୍ୟାଳୟ ନୟାଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ:ରଣପୁରର ମା'ମଣିନାଗ ପୀଠସ୍ଥ କଲ୍ୟାଣ ମଣ୍ଡପ, ସମୟ:ଅପରାହ୍ନ ୨ଟା।
- ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ:ଦଶପଲ୍ଲା ଦୁର୍ଗାବଜାର ନିକଟସ୍ଥ ଶ୍ରୀକ୍ରିଷ୍ଣା ମଣ୍ଡପ, ସମୟ:ପୂର୍ବାହ୍ନ ୯ଟା।
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ:ଭାପୁର ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ୧୦ଟା ।
- ଭାପୁର ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ:ଭାପୁର, ସମୟ: ପୂର୍ବାହ୍ନ ୧୦ଟା ।

## ରାୟଗଡ଼ା
- ରାୟଗଡ଼ା ଲୋକ ମହୋତ୍ସବ ଚଇତି ଶୋଭାଯାତ୍ରା, ସ୍ଥାନ: ମଝିଘରିଆଣି ମନ୍ଦିରରୁ ଜିସିଡ଼ି ଖେଳ ପଡିଆ, ସମୟ: ସକାଳ ୯ ଟା ।
- ଜିଲାସ୍ତରୀୟ ଚଇତି ଉତ୍ସବ ଉଦଘାଟନ, ସ୍ଥାନ: ଜିସିଡ଼ି ଖେଳ ପଡିଆ, ସମୟ: ଅପରାହ୍ନ ୫ ଟା ।

## ସମ୍ବଲପୁର
- ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରେମେଡ ଛକ, ସମୟ : ସକାଳ ୮ଟା।
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଲୋକ ମହୋତ୍ସବ ପାଇଁ ସମଲେଇ ମନ୍ଦିରରୁ ଆଜ୍ଞାମାଳ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଲୋକ ମହୋତ୍ସବ ପାଇଁ ଭୂମିପୂଜନ, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ବରଗଡ ସମର୍ପଣ ପକ୍ଷରୁ ଥିଲା–ଅଛେ–ହେବା, ସ୍ଥାନ:ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା: ୬ଟା୧୫।
- ମଞ୍ଚନାୟକ ପକ୍ଷରୁ ହେପ୍ପି ଏନିଭରସରୀ ନାଟକ, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୭ଟା୩୦।
- ବରଗଡ ଢୋଲବନ୍ଧର ସଚେତନତା ପକ୍ଷରୁ ଏ ରୋବୋ ନାଟକ, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ରାତି: ୮ଟା୪୫।

## ସୁବର୍ଣ୍ଣପୁର
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- ୨୮ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ରେ ସୋନପୁର ବନାମ କୋଲକତା ମ୍ୟାଚ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୦ଟା ।
- ଭାଗବତ ପାରାୟଣ, ସ୍ଥାନ: ଅମର ପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଧନୁଯାତ୍ରା ମହୋତ୍ସବର ଦଶମ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ତଳିପଡ଼ା(କୁମ୍ଭାରପଡ଼ା), ନିଳିବନ୍ଧ ଛକ, ବରଗଡ଼, ସମୟ: ସକାଳ ୮ଟା।
- କନକ ଦୁର୍ଗା ଦେବୀ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ମର୍ଷାଗିକ୍ରା, ଜହ୍ନାପଡ଼ା, ଅତାବିରା, ସମୟ: ପୂର୍ବାହ୍ନ ୯ଟା ୫୯।
- ରକ୍ତଦାନ ଶିବିର, ସ୍ଥାନ: ମହିମା ନଗର, ସୋହେଲା, ସମୟ: ସକାଳ ୯ଟା।
- ମହିଷାସୁର ରାଜ ଦରବାର କାର୍ଯ୍ୟକ୍ରମ, ସ୍ଥାନ: ମର୍ଷାଗିକ୍ରା, ଜହ୍ନାପଡ଼ା, ଅତାବିରା, ସମୟ: ସନ୍ଧ୍ୟା ୬ଟା।
- ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ, ସ୍ଥାନ: ସାଉଥଖଣ୍ଡି, ଗାଇସିଲେଟ୍, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ରାଉରକେଲା ବିଜେଡ଼ି ପକ୍ଷରୁ ବିଜୁବାବୁଙ୍କୁ ମାଲ୍ୟାର୍ପଣ, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ସକାଳ ୯ଟା।
- ଫଳବଣ୍ଟନ, ସ୍ଥାନ: ରାଉରକେଲା ସରକାରୀ ଡାକ୍ତରଖାନା, ସମୟ: ସକାଳ ୯ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା ।
- ବିଜେଡ଼ି କର୍ମୀ ସମାବେଶ, ସ୍ଥାନ: ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା।
- ସିପିଆଇ ପକ୍ଷରୁ ଶତବାର୍ଷିକୀ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ରା ରୋଡ୍, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- କୋଶଲୀ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: ନୂଆପଡା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- କେସିଏସଏ କପ କ୍ରିକେଟ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲ, ସ୍ଥାନ: ରାଜାଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖଡିଆଳ, ସମୟ: ସକାଳ ୯ ଟା।
- ଯୋଗ ବେଦାନ୍ତ ସେବା ସମିତି ଜାମିଲି ନୂଆପଡା ପକ୍ଷରୁ ତୁଳସୀ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ଏକତା ଛକ, ସମୟ: ପୂର୍ବାହ୍ନ ୧୧ ଟା।

## ବୌଦ୍ଧ
- ବୌଦ୍ଧ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସୁଖଭାବାଧିପତି ମଙ୍ଗଳ ଦୃଷ୍ଟ ଯୋଗୁ ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ଯୁକ୍ତିତର୍କରୁ ଅନର୍ଥ ଘଟିବାର ସମ୍ଭାବନା ରହିଛି। ତଥାପି ସାମ୍ବାଦିକତା, ଏଜେନ୍‌ସିପ୍, ପରିବହନ, ବାଣିଜ୍ୟରେ ସଫଳତା ପାଇବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗିରହିବ। ବ୍ୟବସାୟିକ ସ୍ଥିତି ଭଲ ରହିଲେ ମଧ୍ୟ ଆର୍ଥିକ ପରିସ୍ଥିତି ବଦଳି ନ ପାରେ।

**ବୃଷ** ଅଷ୍ଟମସ୍ଥ ରବି ଯୋଗୁ ପରିବାରରେ ସ୍ୱାସ୍ଥ୍ୟହାନିର ଆଶଙ୍କା ଦେଖାଦେବ। ଜମିଜମା ବିଷୟରେ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିପାରନ୍ତି। ଆନୁଷ୍ଠାନିକ କାମରେ ବାଦାନୁବାଦ ହେତୁ ସମସ୍ୟା ସୃଷ୍ଟି ହୋଇପାରେ। କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ମୋଟା ଅଙ୍କର ଅର୍ଥ ବନ୍ଧୁଙ୍କଠାରୁ କରଜ କରିପାରନ୍ତି।

**ମିଥୁନ** ଆପଣଙ୍କ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଆଜି ବନ୍ଧୁଗହଣରେ କିଛି କଡ଼ା ଭାଷା ପ୍ରୟୋଗ କରି ସମ୍ପର୍କ ନଷ୍ଟ କରିପାରନ୍ତି। ଯେଉଁ କ୍ଷେତ୍ରରେ ଯାହାକି ନିଷ୍ପତ୍ତିନେବେ ତାହା ଶେଷ ସମୟରେ ଓଲଟ ପାଲଟ ହୋଇଯିବ। କିନ୍ତୁ କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଭାବେ ଫଳ ପାଇବାର ଆଶା କରାଯାଇପାରେ।

**କର୍କଟ** ସପ୍ତମ କେନ୍ଦ୍ରସ୍ଥ ଶୁକ୍ରଙ୍କ ଶୁଭଦୃଷ୍ଟିରୁ ବିଳାସବ୍ୟସନରେ ସମୟ କଟିବ। କିନ୍ତୁ କର୍ମକ୍ଷେତ୍ରରେ ସତର୍କରେ କାମ କରିବା ଭଲ ନତୁବା ପରେ ଅନୁତାପ କରିବାକୁ ପଡିବ। ଅଷ୍ଟମସ୍ଥ ଶନିଙ୍କ ଯୋଗୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହି ନ ପାରେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ସିଂହ** ମଙ୍ଗଳ ଭାଗ୍ୟସ୍ଥାନରେ ଥିବାରୁ ପ୍ଲଟିଂ କାରବାରରେ ଉନ୍ନତି ଓ ଅଗ୍ନି ସମ୍ବନ୍ଧିତ ଯନ୍ତ୍ରପାତି ବ୍ୟବସାୟରୁ ସୁଫଳ ପାଇବେ। ଯେଉଁ ଅର୍ଥ ବହୁ ପୂର୍ବରୁ ପାଇବାର ଥିଲା ତାହା ଆଜି ପ୍ରାପ୍ତ ହେବ। ବ୍ୟବସାୟକୁ ଆଗକୁ ବଢାଇବାପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି।

**କନ୍ୟା** ନିକଟ ସମ୍ପର୍କୀୟମାନେ ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଆପଣଙ୍କ ପାରିବାରିକ କ୍ଷେତ୍ରକୁ ସମସ୍ୟାବହୁଳ କରି ପାରନ୍ତି। ସହକର୍ମୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ଭିତରେ ରହିବ।

**ତୁଳା** କଠୋର ବାକ୍ୟାଳାପ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସୃଷ୍ଟିର କାରଣ ହେବ। ଭଲ ସମ୍ପର୍କ ନ ଥିବା ବନ୍ଧୁମାନଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ସୃଷ୍ଟି ହୋଇପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବାକୁ ପଡ଼ିବ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ଦୂର ସ୍ଥାନକୁ ଯାତ୍ରା କରିବାକୁ ମନ ବଳାଇପାରନ୍ତି।

**ବିଛା** ଆଜି ଦିନଟିରେ ଆରୋଗ୍ୟଲାଭ, ଚେଷ୍ଟା ସଫଳ, ଋଣସୂତ୍ରରେ ଅର୍ଥଲାଭ ପ୍ରଭୃତି ଶୁଭଫଳ ପାଇବେ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। ଲେଖାପଢା, କଳା, ସାହିତ୍ୟ, ସାମ୍ବାଦିକତା ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇପାରନ୍ତି। ଗୃହସୀମାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ।

**ଧନୁ** ସ୍ୱାସ୍ଥ୍ୟହାନି, କଳହ, ଧନକ୍ଷୟ ଓ ସମ୍ପର୍କ ନଷ୍ଟର ଆଶଙ୍କା ଦେଖାଦେବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ବିରକ୍ତ ହେବା ଠିକ୍ ହେବନାହିଁ। କେତେକ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**ମକର** ଶୁକ୍ର ରାଶିରେ ଅବସ୍ଥାନ କରିଥିବାରୁ ମଉଜ ମଜଲିସ୍ ମଧ୍ୟରେ ଦିନଟିକୁ ଅତିବାହିତ କରିବେ। କିନ୍ତୁ ଅଫିସରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ। ପରିବାରରେ ଛୋଟ କଥାଟିକୁ ଗୁରୁତ୍ୱ ନ ଦେବା କାରଣରୁ ଟେନ୍‌ସନ କିଛି ମାତ୍ରାରେ କମିଯିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ପିଲାଙ୍କ ଶିକ୍ଷା କିମ୍ବା ସ୍ୱାସ୍ଥ୍ୟସକଶେ ଚିନ୍ତିତ ରହିବେ। ଜମିଜମା ସମସ୍ୟା, ବ୍ୟବସାୟ କିମ୍ବା ପରିବହନରେ ଝଗଡ଼ା କ୍ରମଶଃ ଜଟିଳ ହେବ। ଖଳଲୋକମାନଙ୍କ ଶତ୍ରୁତା ହେତୁ ନିଜ ପରିସରରେ ସମାଲୋଚିତ ହୋଇପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପଡ଼ୋଶୀରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ସ୍ୱାର୍ଥକୁ ଆଖିଆଗରେ ରଖି ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଗୃହ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ଭୁଲିଯାଇ ପାରନ୍ତି।

ଆଜି ଡିସେମ୍ବର ୨୬ ତାରିଖ, ପୌଷ କୃଷ୍ଣପକ୍ଷର ସର୍ବସମ୍ମତ ସଫଳା ଏକାଦଶୀ, ଗୁରୁବାର । ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୨ ଗତେ ଘ. ୦୭।୪୯ ମଧ୍ୟେ ଶୁଦ୍ଧଶୁଭ ବେଳା। ଅପରାହ୍ନ ଘ.୦୧।୦୮ ଗତେ ଘ.୦୨।୨୯ ମଧ୍ୟେ ରାହୁ କାଳ ।

## ରକ୍ତଦେଇ ଜୀବନ ବଞ୍ଚାଇଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

**ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)**

ଆଜି ବି ସମାଜରେ ମାନବିକତା ବଞ୍ଚିରହିଛି। ଏହାର ଜ୍ୱଳନ୍ତ ଉଦାହରଣ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲାରେ ଦେଖିବାକୁ ମିଳିଛି। ରକ୍ତ ଦେଇ ଜଣେ ଗୁରୁତର ରୋଗୀର ଜୀବନ ବଞ୍ଚାଇଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସୁବଳ ବେହେରା। ସୋମବାର ଫିରିଙ୍ଗିଆ ହସ୍ପିଟାଲରୁ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରୋଗୀ ନେଇଆସିଥିଲେ। ସେହି ହସ୍ପିଟାଲରେ ପୂର୍ବରୁ କାଳୁଚରଣ ପାତ୍ର ନାମକ ଜଣେ ରୋଗୀ ଚିକିତ୍ସିତ ହେଉଥିଲେ। କନ୍ଧମାଳର ରାଇକିଆ ବ୍ଲକ ଅନ୍ତର୍ଗତ ବେରେଟାକିଆ ଗ୍ରାମର କାଳୁଚରଣ ପାତ୍ର ରକ୍ତହୀନତା ରୋଗରେ ପୀଡିତ ଥିଲେ ଓ ତୁରନ୍ତ ରକ୍ତ ଦରକାର ଥିବାରୁ ତାଙ୍କୁ କନ୍ଧମାଳ ହସ୍ପିଟାଲକୁ ଅଣାଯାଇଥିଲା। ହେଲେ ହସ୍ପିଟାଲ ରକ୍ତଭଣ୍ଡାରରେ ଏ+ ଗ୍ରୁପ୍‌ର ରକ୍ତ ନ ଥିଲା। ତେଣୁ ରୋଗୀଙ୍କ ସମ୍ପର୍କୀୟମାନେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ସାହାଯ୍ୟ ମାଗିଥିଲେ। ସୁବଳଙ୍କ ରକ୍ତ ମଧ୍ୟ ଏ+ ହୋଇଥିବାରୁ ସେ ବିଳମ୍ବ ନ କରି ତୁରନ୍ତ ରକ୍ତଦାନ କରିଥିଲେ। ଘଟଣା ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ଜାଣିବା ପରେ ତାଙ୍କୁ ପ୍ରଶଂସା କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା: ଆବେଦନ ପ୍ରକ୍ରିୟା ଆରମ୍ଭ କରିବାକୁ ପୌରାଞ୍ଚଳକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୧୨(ଅନିଲ ଦାସ)**

ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ (ଓୟୁଏଚଏମ) ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ ଅଧୀନରେ ଆବେଦନ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟର ସମସ୍ତ ସହରାଞ୍ଚଳ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସର ପୂର୍ବ ପର୍ଯ୍ୟାୟ ଭଳି ଏହି ପର୍ଯ୍ୟାୟ ପାଇଁ ଆବେଦନଗୁଡିକ ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ବିକଶିତ ଏକ ୱେବ୍ ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନରେ ଗ୍ରହଣ କରାଯିବ। ପୌରସଂସ୍ଥାଗୁଡିକ ସେମାନଙ୍କ କାର୍ଯ୍ୟାଳୟରେ ହେଲପ୍‌ଡେସ୍କ ପ୍ରତିଷ୍ଠା କରିବେ। ୱାର୍ଡ ଗୁଡିକରେ ଶିବିର ଆୟୋଜନ କରିବା ସହ ଆବେଦନକାରୀଙ୍କୁ ସାହାଯ୍ୟ କରିବା ପାଇଁ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି) ସହିତ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏକ ସୁଗମ ଆବେଦନ ପ୍ରକ୍ରିୟା ନିଶ୍ଚିତ କରିବାକୁ, ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ ପରାମର୍ଶ ଦେଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ପକ୍ଷରୁ ମଙ୍ଗଳବାର ଗାଡକଣରେ ଏକ ଶିବିର ଆୟୋଜନ କରି ଏହି ପ୍ରକ୍ରିୟା ଆରମ୍ଭ କରିଛି। ଗାଡକଣଠାରେ ଏହି ଶିବିର ଆୟୋଜନ କରିବାର ମହତ୍ୱ ରହିଛି। କାରଣ ପ୍ରଧାନମନ୍ତ୍ରୀ ତାଙ୍କର ୭୪ ତମ ଜନ୍ମଦିନ (୧୭ ସେପ୍ଟେମ୍ବର ୨୦୨୪)ରେ ପରିଦର୍ଶନ କରିବା ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନଙ୍କ ସହିତ କଥା ହୋଇଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶ ଅନୁଯାୟୀ ପ୍ରମୁଖ ଶାସନ ସଚିବଙ୍କ ମାର୍ଗଦର୍ଶନରେ ଗାଡକଣକୁ ଏକ ମଡେଲ ଗ୍ରାମ ଭାବରେ ବିକାଶ ପାଇଁ ମନୋନୀତ ହୋଇଛି।

ଓୟୁଏଚ୍‌ଏମ୍‌ର ସହଯୋଗରେ ଅନୁଷ୍ଠିତ ଏହି ଉଦଘାଟନୀ ଶିବିରରେ ଉକ୍ତ ଯୋଜନାରୁ ଲାଭ ପାଇବାକୁ ଇଚ୍ଛା କରୁଥିବା ପରିବାରଗୁଡିକ ଆବେଦନପତ୍ର ଦାଖଲ କରିବାକୁ ଆମନ୍ତ୍ରଣ କରାଯାଇ ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ କାଗଜପତ୍ର ଆଣିବାକୁ ହିତାଧିକାରୀମାନଙ୍କୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ନବୀନଙ୍କୁ ଭାରତରତ୍ନ ...

ତାହା ଏବେ ଜୋର ଧରିଛି। ସୂଚନାଥାଉ କି, କେନ୍ଦ୍ରରେ କ୍ଷମତାସୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏହାର ସୁପ୍ରିମୋ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ଦେବା ପାଇଁ ୨ ସପ୍ତାହ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦାବି କରିଥିଲା। ଏବେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ନୀତୀଶଙ୍କ ସହ ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଭାରତରତ୍ନ ଦିଆଯିବା ଉଚିତ୍ ବୋଲି ଦାବି କରିଛନ୍ତି। ବିରୋଧୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) କେନ୍ଦ୍ରମନ୍ତ୍ରୀଙ୍କ ଦାବିକୁ ନେଇ ଉପହାସ କରିଛି। ନୀତୀଶଙ୍କୁ ଏହି ସମ୍ମାନ ଦେବାରେ ସେମାନଙ୍କୁ କିଏ ଅଟକାଇଛି ବୋଲି ଆର୍‌ଜେଡି ପ୍ରଶ୍ନ କରିଛି।

ଏକଦା ନୀତୀଶଙ୍କ ସମାଲୋଚକ ଭାବେ ପରିଚିତ ବରିଷ୍ଠ ଭାଜପା ନେତା ଗିରିରାଜଙ୍କ ଦାବିକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି। ଅନ୍ୟପକ୍ଷେ ୨ ଦିନ ତଳେ ଅନୁଷ୍ଠିତ ବିହାର ଭାଜପାର କୋର୍ କମିଟି ବୈଠକରେ ନୀତୀଶଙ୍କୁ ବିହାର ବିଧାନସଭା ନିର୍ବାଚନ ବେଳେ ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ବୈଠକ ପରେ ଗିରିରାଜ କହିଥିଲେ, ନୀତୀଶ କୁମାର ହେଉଛନ୍ତି ଆମ ନେତା। ସେ ଆମ ନେତା ହୋଇ ରହିବେ। ସେହିପରି ନିଜ ସଂସଦୀୟ ନିର୍ବାଚନମଣ୍ଡଳୀ ବେଗୁସରାଇରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ଅନୁରୂପ ଭାବାବେଗ ପ୍ରକାଶ କରି ନୀତୀଶ ଓ ପୂର୍ବତନ ସହଯୋଗୀ ନବୀନଙ୍କୁ ପ୍ରଶଂସାରେ ପୋତିଦେଇଛନ୍ତି। ସେ କହିଛନ୍ତି, ପୂର୍ବରୁ ବିହାର ଖରାପ ରାସ୍ତା, ସ୍କୁଲ ଓ ବିଲ୍ଡିଂକୁ ନେଇ ପରିଚିତ ଥିଲା। କିନ୍ତୁ ନୀତୀଶ କ୍ଷମତାକୁ ଆସିବା ପରେ ରାଜ୍ୟକୁ ବିକାଶର ନୂଆ ସୋପାନକୁ ନେଇଯାଇଛନ୍ତି। ସେହିପରି ନବୀନ ପଟ୍ଟନାୟକ ଅନେକ ବର୍ଷ ଧରି ଓଡ଼ିଶାର ସେବା କରିଛନ୍ତି। ଏମାନଙ୍କ ଭଳି ନେତାଙ୍କୁ ସର୍ବୋଚ୍ଚ ସମ୍ମାନ ଭାରତରତ୍ନ ଦିଆଯିବା ଉଚିତ ବୋଲି ଗିରିରାଜ ଦାବି କରିଛନ୍ତି।

### ବିଲରେ ଭାସୁଛି ...

ବର୍ଷା ହେବ। ଗଞ୍ଜାମ, ଗଜପତି, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୨୭ ତାରିଖରୁ ବର୍ଷା ସମ୍ପୂର୍ଣ୍ଣ ଛାଡ଼ିଯିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବା ବେଳେ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଖୋର୍ଦ୍ଧାରେ ସର୍ବାଧିକ ୭୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଳାହାଣ୍ଡି ୬୫, ନବରଙ୍ଗପୁର ୬୨, କୋଷାଗୁମୁଡ଼ା ୫୮, ଜୁନାଗଡ଼ ୫୧, ଭବାନୀପାଟଣା ୪୬.୧, ଝରିଗାଁ ୪୬, ଗଞ୍ଜାମ ୪୧, କନ୍ଧମାଳ ୩୬, କଟକ ୨୭, କେନ୍ଦ୍ରାପଡ଼ା ୫୫, ଗଜପତି ଜିଲାରେ ୨୪.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି।

ଯାଜପୁର ବ୍ଲକର ଇନ୍ଦାରୋଇ ଗ୍ରାମର ଚାଷୀ ଦୀନବନ୍ଧୁ ସାହୁ କହିଛନ୍ତି, ଲଗାଣ ବର୍ଷା ଯୋଗୁ ବିଲରେ ପାଚିଲା ଧାନ ପାଣିରେ ଭାସୁଛି। ବର୍ଷା ନ ଛାଡ଼ିବା ଯାଏ ଖଳାକୁ ଆଣି ପାରୁନୁ। ୪/୫ ଦିନ ରହିଲାଣି, ଆଉ ଅମଳ ହେବା ଭଳି ଲାଗୁନି। ଧାନ ବିକି ଦି'ପଇସା ପାଇବି ବୋଲି ଆଶାଥିଲା। କ'ଣ କରିବୁ ବୁଦ୍ଧିବାଟ ଦିଶୁନି। ସରକାର ଯାହା ଦେବେ ସେଥିରେ କ'ଣ ଆମର ପେଟ ପୂରିବ। ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ଚାଷୀ ଲମ୍ବୋଦର ହୋତା କହିଛନ୍ତି, ଏତେ ବର୍ଷା ହେବ ବୋଲି ଜାଣି ନ ଥିଲୁ। ସବୁତ ଗଲା। ଏବେ କରିବୁ କ'ଣ। ପାଣି ଛାଡ଼ିବାକୁ ଆହୁରି ୩/୪ ଦିନ ଲାଗିଯିବ। କାଦୁଅ ସରସର ଧାନ କେଉଁଠିକୁ ନେବୁ। ଧାର କରଜ କରି ଚାଷରେ ଲାଗାଇଥିବା ଟଙ୍କା ଶୁଝିବୁ କେମିତି ବୋଲି ସେ କହିଛନ୍ତି।

ଫସଲ ଅମଳ ସମୟରେ ବର୍ଷା ଜାରି ରହିଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ବର୍ଷାରେ ଫସଲହାନି ହୋଇଥିଲେ ଚାଷୀମାନଙ୍କୁ କ୍ଷତିପୂରଣ ମିଳିବ। ଫସଲହାନିର ତଦାରଖ କରିବା ପାଇଁ ଏକ କମିଟି ଗଠନ କରାଯିବ। ଏହି କମିଟି ସ୍ପଟକୁ ଯାଇ ତଦନ୍ତ କରିବ। ଫସଲହାନି ହୋଇଥିଲେ କ୍ଷତିପୂରଣ ମିଳିବ। ସବୁ ଚାଷୀଙ୍କୁ ବୀମାଭୁକ୍ତ କରାଯାଇଛି। ବୀମା କମ୍ପାନୀଙ୍କ ଉପରେ ନଜର ରଖାଯାଇଛି। କୌଣସି କମ୍ପାନୀ ଠକି ପାରିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ଚାଷୀମାନଙ୍କର ଅବସ୍ଥାକୁ ଦେଖି ମଙ୍ଗଳବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ, ଧାନର ମାନ ଖରାପ ଥିଲେ ମଧ୍ୟ ରାଜ୍ୟ ସରକାର କିଣିବେ। ଏଥିପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟୋକନ ଅବଧି ଶେଷ ହୋଇ ଯାଇଥିଲେ ମଧ୍ୟ ଆହୁରି ୧୫ ଦିନ ମହଲତ ଦିଆଯିବ। ଓଦା ଧାନ ଶୁଖାଇ ମଣ୍ଡିରେ ବିକ୍ରି ପାଇଁ ଅଧିକ ସମୟ ଦିଆଯିବ। ପାଗ ଖରାପ ଯୋଗୁ କିଛି ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। ବର୍ଷାରେ ଯେଉଁ ଚାଷୀଙ୍କର ଧାନ କ୍ଷତି ହୋଇଛି ଆକଳନ କରି ଉଚିତ ମୂଲ୍ୟ ଦିଆଯିବ। ଅନ୍ୟପକ୍ଷରେ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ରାଜ୍ୟ ସରକାର ପ୍ରସ୍ତୁତ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଅଦିନିଆ ବୃଷ୍ଟିପାତଜନିତ କ୍ଷୟକ୍ଷତି ପୂରଣ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଯାହା ନିୟମ ଅଛି ସେହି ଅନୁସାରେ କ୍ଷତିପୂରଣ ଦିଆଯିବ। ସରକାର ଲୋକଙ୍କ ସାଙ୍ଗରେ ଅଛନ୍ତି ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଇତିମଧ୍ୟରେ ଲଘୁଚାପ ଜନିତ ଅଦିନିଆ ବର୍ଷା ଯୋଗୁ ହୋଇଥିବା ଫସଲ କ୍ଷୟକ୍ଷତିର ଆକଳନ ମଧ୍ୟ ଆରମ୍ଭ ହୋଇଛି ।

### ବିମାନ ଦୁର୍ଘଟଣା...

ହୋଇଥିବାରୁ ବିମାନଟି କଜାଖାସ୍ତାନର ଅକାଟଉକୁ ଉଡ଼ାଣ କରିଥିଲା। ଉଡ଼ାଣ ବେଳେ ବିମାନ ସହ କେତୋଟି ପକ୍ଷୀ ଧକ୍କାହେବା ପରେ ଏହାର ପାଇଲଟ ଭାରସାମ୍ୟ ହରାଇଥିଲେ। ଅକାଟଉରେ ପହଞ୍ଚିବାର ୩ କି.ମି. ପୂର୍ବରୁ ବିମାନ ଡାହାଣ ପଟକୁ ଢଳିଯାଇ ଜରୁରୀ ଅବତରଣ ପାଇଁ ଉଦ୍ୟମ କରିଥିଲା। ଏୟାରପୋର୍ଟ ନିକଟରେ ଅନେକ ଥର ଚକ୍କର କାଟିବା ପରେ ଶେଷରେ ଏହା ଏକ ଖୋଲା ପଡ଼ିଆରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଯାତ୍ରୀଙ୍କ ମଧ୍ୟରେ ଆଜରବୈଜାନର ୩୭, କାଜାଖାସ୍ତାନର ୬, କିର୍ଗିଜ୍‌ସ୍ତାନର ୩ ଓ ରୁଷିଆର ୧୬ ଯାତ୍ରୀ ରହିଥିବା କାଜାଖସ୍ତାନ ପରିବହନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୁର୍ଘଟଣାରେ ୨ ପାଇଲଟଙ୍କ ମୃତ୍ୟୁ ଘଟିଥିବା ରୁଷୀୟ ନ୍ୟୁଜ୍ ଏଜେନ୍ସି ଇଣ୍ଟାର୍‌ଫାକ୍ସ ସ୍ପଷ୍ଟ କରିଛି।

ଦୁର୍ଘଟଣାସ୍ଥଳରେ ଯାତ୍ରୀମାନେ ଜୀବନ ବଞ୍ଚାଇବା ପାଇଁ ଜଳନ୍ତା ବିମାନର ଏକ୍‌ଜିଟ୍ ଗେଟ୍ ଦେଇ ବାହାରୁଥିବା ବେଳର ଦୃଶ୍ୟ କେତେକ ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଛି। ସେଠାରୁ କେତେଜଣ ଯାତ୍ରୀଙ୍କ ମୃତଦେହ ଠାବ ହୋଇଥିବାବେଳେ ଆହତମାନଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲକୁ ନିଆଯାଇଛି। ଫ୍ଲାଇଟ୍‌ରାଡାର୨୪ ପକ୍ଷରୁ ଉପଲବ୍ଧ ତଥ୍ୟ ଅନୁସାରେ ବିମାନ କାସ୍ପିଆନ୍ ସାଗର ଉପରେ ଉଡ଼ାଣ କରି ନିଜ ଗନ୍ତବ୍ୟସ୍ଥଳ ଆଡ଼କୁ ଅଗ୍ରସର ହେଉଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଏହାର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଭଲ ଭାବେ କାମ କରୁ ନ ଥିବାରୁ ଅଟୋମେଟିକ୍ ଡିପେଣ୍ଡାଣ୍ଟ ସର୍ଭିଲାନ୍ସ–ବ୍ରଡ୍‌କାଷ୍ଟ (ଏଡିଏସ୍–ବି) ଉପଯୁକ୍ତ ଡେଟା ଟ୍ରାନ୍ସମିଟ୍ କରିପାରି ନ ଥିଲା ବୋଲି ଫ୍ଲାଇଟ୍‌ରାଡାର୨୪ ପକ୍ଷରୁ କୁହାଯାଇଛି। ତେବେ ବିମାନ କାସ୍ପିଆନ୍ ସାଗରକୁ କାହିଁକି ଅତିକ୍ରମ କରିଥିଲା, ସେନେଇ ଅଧିକାରୀମାନେ ସ୍ପଷ୍ଟ କରିପାରି ନାହାନ୍ତି। ଅନ୍ୟପକ୍ଷେ ଚେଚନ୍ୟା ଓ ଇନ୍‌ଗୁଶେଟିଆର ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳରେ ବୁଧବାର ସକାଳେ ଡ୍ରୋନ୍ ଷ୍ଟ୍ରାଇକ୍ କରାଯାଇଥିବା କହିଛନ୍ତି। କାସ୍ପିଆନ୍ ସାଗର ପୂର୍ବ ଉପକୂଳ ନିକଟ ରୁଷିଆର ମଖାଚକାଲା ଏୟାରପୋର୍ଟର ଜଣେ ଅଧିକାରୀ କହିଛନ୍ତି, ବିମାନଟି ଯେଉଁଠାରୁ ରାଡାର ବାହାରକୁ ଚାଲିଯାଇଥିଲା, ସେହି ଅଞ୍ଚଳର ଆକାଶରେ ବୁଧବାର ସକାଳେ ଅନେକ ଘଣ୍ଟା ଧରି ଇନ୍‌କମିଂ ଟ୍ରାଫିକ୍ ବନ୍ଦ ରହିଥିଲା। କାଜାଖସ୍ତାନ ସରକାର ଏହାର ତଦନ୍ତ ପାଇଁ ଏକ କମିଶନ ଗଠନ କରିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏନେଇ ଶୋକବ୍ୟକ୍ତ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କୁ ସବୁ ପ୍ରକାର ସହାୟତା ଦିଆଯିବ ବୋଲି କହିଛନ୍ତି।

# ଉତ୍ସବମୁଖର ଚର୍ଚ୍ଚ

## କ୍ରିସ୍‌ମସ୍, ବଡ଼ଦିନ: ବାଧକ ସାଜିଲା ବର୍ଷା



କ୍ରିସ୍‌ମସ୍ ଓ ବଡ଼ଦିନ ଅବସରରେ ବୁଧବାର ଭୁବନେଶ୍ୱର ସତ୍ୟନଗରସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ମହମବତୀ ଜାଳି, ଗୋଲାପ ଦେଇ ପ୍ରଭୁ ଯିଶୁଙ୍କୁ ଭକ୍ତି ନିବେଦନ କରୁଛନ୍ତି । (ଫଟୋ- ବିକାଶ ନାୟକ)

ଭୁବନେଶ୍ୱର,୨୫।୧୨(ସୌମ୍ୟରଞ୍ଜନ ରାଉତ)

ମଧ୍ୟରାତିରେ ପ୍ରଭୁ ଯିଶୁଙ୍କ ଧରାବତରଣ ପରେ ବୁଧବାର ଧୁମ୍‌ଧାମ୍‌ରେ ଉତ୍ସବ ମନାଇଥିଲେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଶ୍ରଦ୍ଧାଳୁ। ଶାନ୍ତି, ପ୍ରେମ, ମୈତ୍ରୀର ବାର୍ତ୍ତା ନେଇ କ୍ରିସ୍‌ମସ୍ ପର୍ବ ସହ ବଡ଼ଦିନ ପାଳନ କରିଥିଲେ। ଏଥିପାଇଁ ରାଜଧାନୀ ଭୁବନେଶ୍ୱର ୟୁନିଟ୍-୪ସ୍ଥିତ ବାପ୍‌ଟିଷ୍ଟ ଓ ସତ୍ୟନଗରସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚ ସହ ଏହାର ଶାଖା କଳିଙ୍ଗ ବିହାର, କଳିଙ୍ଗ ନଗର ଓ ଚନ୍ଦ୍ରଶେଖରପୁରରେ ଥିବା ଚର୍ଚ୍ଚଗୁଡିକ ଉତ୍ସବମୁଖର ହୋଇପଡିଥିଲା। ତେବେ ଏଥିରେ ବର୍ଷା ବାଧକ ସାଜିଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କୁ ଅଟକାଇପାରି ନ ଥିଲେ। ବହୁ ଶ୍ରଦ୍ଧାଳୁ ଚର୍ଚ୍ଚରେ ପହଞ୍ଚି ପ୍ରାର୍ଥନା କରିଥିଲେ। ତେବେ ସନ୍ଧ୍ୟାରୁ ବର୍ଷା ଛାଡ଼ିଯିବା ପରେ ପ୍ରବଳ ଭିଡ଼ ହୋଇଥିଲା।

କ୍ରିସ୍‌ମସ-ଟ୍ରି, ସାନ୍ତାକ୍ଲଜ, ଯିଶୁ ଜନ୍ମ ହୋଇଥିବା ଗୁହାଳ ଘର ସହ ଚର୍ଚ୍ଚକୁ ସୁସଜ୍ଜିତ କରାଯାଇଥିବାବେଳେ ରଙ୍ଗିନ ଆଲୋକମାଳାରେ ଝଲସି ଉଠିଥିଲା। ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ସହ କେକ୍ ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ବାପ୍‌ଟିଷ୍ଟ ଚର୍ଚ୍ଚ ଏବଂ ଅନ୍ୟାନ୍ୟ ଚର୍ଚ୍ଚରେ ପରିବାର, ସାଙ୍ଗସାଥୀଙ୍କ ସହ ଶ୍ରଦ୍ଧାଳୁମାନେ ପ୍ରାର୍ଥନା କରିବା ସହ ଏହି ପବିତ୍ର ଦିନକୁ ଧୁମ୍‌ଧାମରେ ପାଳନ କରିଥିଲେ। ସମସ୍ତ ଏକାଠି ହୋଇ କ୍ୟାରୋଲ ଗାନ କରିଥିଲେ। ପରେ ସମସ୍ତେ ହାତମିଳାଇ, ଗୋଲାପ ଦେଇ ପରସ୍ପରକୁ ବଡ଼ଦିନର ଶୁଭେଚ୍ଛା ଜଣାଇଥିଲେ। ଏଥିସହ ପରସ୍ପରକୁ କେକ୍ ଖୁଆଇ ଏହି ଦିନର ଶୁଭ କାମନା ଜଣାଇବା ସହ ଉପହାର ମଧ୍ୟ ଦେଇଥିଲେ। ଶାନ୍ତିପୂର୍ଣ୍ଣ ଭାବେ ବଡ଼ଦିନ ପାଳନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସହରର ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ବିଭିନ୍ନ ଚର୍ଚ୍ଚ ଓ ଆଖପାଖରେ ପୋଲିସ ମୁତୟନ କରାଯାଇଥିଲା। ଅନ୍ୟପକ୍ଷରେ ବଡ଼ଦିନରେ ଭୋଜି ସହ ବୁଲାବୁଲି କରିବାର ଯୋଜନା କରିଥିଲେ। ଏଥିପାଇଁ ବହୁ ପୂର୍ବରୁ ପିଣ୍ଡି ବୁକ୍ କରିଥିଲେ ମଧ୍ୟ ବର୍ଷା ଯୋଗୁ ତାହା ସମ୍ଭବ ହୋଇପାରି ନ ଥିଲା। ପିଣ୍ଡି ଟଙ୍କା ପାଣିରେ ପଡିବାରୁ ଅନେକେ ଘରେ ଭୋଜି କରି ଦିନ କାଟିଥିଲେ।

# ଟ୍ରଲର ମାଲିକ, ଡ୍ରାଇଭରଙ୍କ ଘରୁ ୯ ଭିଏଚ୍‌ଏଫ୍ ଜବତ

ରାଜନଗର,୨୫।୧୨
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରୁ ଗୋଟିଏ ଭିଏଚ୍‌ଏଫ୍ ଜବତ ହେବାର ୫ଦିନ ପରେ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରୁ ୯ ଭିଏଚ୍‌ଏଫ୍ ଜବତ କରାଯାଇଛି। ମଙ୍ଗଳବାର ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସସ୍ମିତା ସାହୁଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଅନିଲ ମହାପାତ୍ର, ହାବିଲଦାର ପରିକ୍ଷିତ ସେଠୀ ଓ କନ୍‌ଷ୍ଟେବଲ ଭଗବାନ ସାହୁ ପ୍ରମୁଖ ତାଳଚୁଆ ସାମୁଦ୍ରିକ ଥାନାର ୫ ଗାଁରୁ ୯ ବେଆଇନ ଭିଏଚ୍‌ଏଫ୍ ଜବତ କରିଛନ୍ତି। ତାଳଚୁଆ ବଜାର ଟ୍ରଲର ମାଲିକ ମଦନ ଦେବନାଥଙ୍କ ଘରୁ ୨, ସ୍ୱଦେଶ ମଣ୍ଡଳଙ୍କ ଘରୁ ଗୋଟିଏ, ସନାତନ ପରିଡ଼ାଙ୍କ ଘରୁ ଗୋଟିଏ ଭିଏଚ୍‌ଏଫ୍ ଜବତ ହୋଇଥିଲା।



ଜବତ ହୋଇଥିବା ଭିଏଚ୍‌ଏଫ୍।

ଅମରାବତୀ ଗାଁରୁ ବୋଟ୍ ଡ୍ରାଇଭର ଗୁରୁପଦ ଦାସଙ୍କ ଘରୁ ଗୋଟିଏ, ଭଞ୍ଜପ୍ରସାଦର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଘରୁ ୨ଟି, ଶୈଳେନ୍ଦ୍ରନଗରର ନାସିର ଅଲ୍ଲୀ ଖାଁଙ୍କ ଘରୁ ଗୋଟିଏ ଓ ଗିରିଆପାହିର ଜୟଦେବ ମଣ୍ଡଳଙ୍କ ଘରୁ ଗୋଟିଏ ଭିଏଚ୍‌ଏଫ୍ ଜବତ କରାଯାଇଥିବା ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସାହୁ ସୂଚନା ଦେଇଛନ୍ତି। ତାଳଚୁଆ ବଙ୍ଗୀୟ ଭାଷାଭାଷୀ ଅଞ୍ଚଳ ହୋଇଥିବାରୁ ସେଠାରୁ ଭିଏଚ୍‌ଏଫ୍ ଜବତ କରାଯିବା ଉପକୂଳ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ବିନା ଲାଇସେନ୍ସରେ କିପରି ଭିଏଚ୍‌ଏଫ୍‌ଗୁଡ଼ିକ ଦୀର୍ଘଦିନ ହେଲା ଚାଲୁଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।






ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର। -ଶ୍ରୀମା

-ସଫଳା ଏକାଦଶୀ
ଓ ହଳ ନିଷେଧ



# ହିନ୍ଦୁଙ୍କ ସାଦା ଖାଦ୍ୟ



ଦେବଦତ୍ତ ପଟ୍ଟନାୟକ

ଓଡ଼ିଶାରେ ଯଦି ଆପଣ ଶାକାହାର ଖାଦ୍ୟ ଖାଇବାକୁ ଚାହାନ୍ତି, ତେବେ 'ସାଦା' ଖାଦ୍ୟ ମାଗିବାକୁ ପଡ଼େ। ଯେତେବେଳେ ବୌଦ୍ଧଧର୍ମ ଏବଂ ଜୈନଧର୍ମ ଓଡ଼ିଶାର ପ୍ରମୁଖ ଧର୍ମ ଥିଲା, ସେତେବେଳେ ଏହା ଆରମ୍ଭ ହୋଇଥିଲା। ଅତିଗରିଷ୍ଠ, ମସଲାଯୁକ୍ତ, ଆମିଷ କିମ୍ବା ରାଜସିକ ଖାଦ୍ୟରୁ ଦୂରେଇ ରହି ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରି ଜଣେ ସନ୍ନ୍ୟାସ ଜୀବନ ପ୍ରଦର୍ଶନ କରୁଥିଲେ। ସାତ୍ତ୍ୱିକ ଖାଦ୍ୟ ସାଧାରଣତଃ ଉଦ୍ଭିଦଜାତ ଖାଦ୍ୟକୁ ବୁଝାଉଥିଲେ ମଧ୍ୟ ଘିଅ, କ୍ଷୀର ଓ ଦହି ଖାଇବା ପାଇଁ ଅନୁମତି ଦିଆଯାଉଥିଲା। ମଦ୍ୟପାନ ଏବଂ ମାଦକ ଦ୍ରବ୍ୟ ବ୍ୟବହାର ତାମସିକ ଖାଦ୍ୟ ଭାବରେ ବିବେଚନା କରାଯାଉଥିଲା। କିନ୍ତୁ ଅବସର ବିନୋଦନ ସମୟରେ ଏବଂ ରୀତିନୀତି ପରମ୍ପରା ବିଶେଷକରି ତାନ୍ତ୍ରିକ କାର୍ଯ୍ୟ ଓ ଅନେକ ଗ୍ରାମୀଣ ରୀତିନୀତିରେ ଏସବୁ ଲୋକପ୍ରିୟ ଥିଲା। କିନ୍ତୁ ବୈଷ୍ଣବଧର୍ମ ଉତ୍ଥାନ ପରେ ଶାକାହାର ଖାଦ୍ୟକୁ ବ୍ରାହ୍ମଣମାନେ ମନ୍ଦିର ଖାଦ୍ୟ ବା ପ୍ରସାଦ ଭାବେ ଘୋଷଣା କଲେ, ଯାହା ଶୁଦ୍ଧ ଓ ଅଶୁଦ୍ଧ ମଧ୍ୟରେ ପ୍ରଭେଦ ସୃଷ୍ଟି କରିଥିଲା।

ଭାରତରେ ଯେଉଁ ସଂସ୍ଥାଗୁଡ଼ିକ ହିନ୍ଦୁମାନଙ୍କୁ ଭୋଟ୍‌ବ୍ୟାଙ୍କ ଭାବରେ ଏକାଠି କରିବାକୁ ଚାହାନ୍ତି, ସେମାନଙ୍କର କେବଳ ଶାକାହାର ଖାଦ୍ୟ ପରିବେଷଣ କରୁଥିବା କ୍ୟାଣ୍ଟିନ୍ ଅଛି। ହେଲେ ସେମାନେ ୮୦ ପ୍ରତିଶତ ହିନ୍ଦୁଙ୍କୁ ବାଦ୍ ଦିଅନ୍ତି ଏବଂ ଆଶ୍ଚର୍ଯ୍ୟ ବିଷୟ ଯେ, ସେମାନେ କାହିଁକି ଖାଦ୍ୟ ମାଧ୍ୟମରେ ସମସ୍ତ ଗୋଷ୍ଠୀକୁ ଏକାଠି କରିବାରେ ସକ୍ଷମ ହେଉନାହାନ୍ତି। ଉତ୍ତର ଭାରତରେ ମୁସଲମାନ ଏବଂ ନିମ୍ନ ଜାତିର ଲୋକମାନେ ମାଂସ ଖାଉଥିଲେ। ମୋଗଲ ଶାସନ ପତନ ସମୟରେ ଯେତେବେଳେ ରାଜପୁତ ରାଜାମାନେ ସ୍ୱାଧୀନତା ହାସଲ କରିବାକୁ ଲାଗିଲେ, ସେତେବେଳେ ସେମାନଙ୍କର ହିନ୍ଦୁ ପରିଚୟ ଘୋଷଣା କରିବା ସହ ପୂର୍ବ ଶାସକଙ୍କଠାରୁ ନିଜକୁ ଭିନ୍ନ ଦର୍ଶାଇବା ପାଇଁ ସେମାନେ ଶାକାହାରୀବାଦକୁ ଏକ ସଙ୍କେତ ଭାବରେ ପ୍ରୋତ୍ସାହିତ କରୁଥିଲେ। ନୀଚ ଜାତିର କୃଷକମାନେ ଉଚ୍ଚ ଜାତି ଭାବରେ ନିଜକୁ ଦର୍ଶାଇବା ପାଇଁ ଖାଦ୍ୟପେୟର ଧାରା ବଦଳାଇଲେ, ଯାହାକି ସଂସ୍କୃତୀକରଣ ଭାବେ ଜଣାଶୁଣା। ତେଣୁ ଖାଦ୍ୟ କେବଳ ଧର୍ମ ନୁହେଁ, ଜାତିକୁ ମଧ୍ୟ ପ୍ରତିପାଦନ କରେ। ତେଣୁ ଏହାକୁ ଶାକାହାରୀବାଦର ପୁରାତନ ବ୍ରାହ୍ମଣୀୟ ଧାରାକୁ ପ୍ରତ୍ୟାବର୍ତ୍ତନ ବୋଲି ବିବେଚନା କରାଯାଏ, ଯାହା ଭୋଟ୍‌ବ୍ୟାଙ୍କ ରାଜନୀତିରେ ସାହାଯ୍ୟ କରେ ନାହିଁ।

ଶାକାହାର ଖାଦ୍ୟ ଅହିଂସକ ଓ ଏହା ପରିବେଶ ଅନୁକୂଳ ଭଳି ଅନେକ ଯୁକ୍ତିଯୁକ୍ତ କାରଣ ଥାଇପାରେ। କିନ୍ତୁ ଭାରତରେ



ଶାକାହାର ଖାଦ୍ୟ ଜାତି ସହିତ ଜଡ଼ିତ। ସେଥିପାଇଁ ଶାକାହାର ରେସ୍ତୋରାଁଗୁଡ଼ିକ ନିଜକୁ 'ଶୁଦ୍ଧ' ଶାକାହାରୀ ବୋଲି କହିଥା'ନ୍ତି, ଯଦିଓ ସେଗୁଡ଼ିକ ପ୍ରାଣୀ ପ୍ରୋଟିନ୍ ଯଥା କ୍ଷୀର, କଦଳୀ, ଦହି , ଲହୁଣି ଓ ଘିଅ ପରଷି ଥାଆନ୍ତି। ଯେତେବେଳେ ଏହି ବିଷୟକୁ ଜଣେ ସୂଚିତ କରନ୍ତି, ସେତେବେଳେ ଦୁଗ୍ଧ ଅହିଂସା ଉପାୟରେ ଉତ୍ପାଦନ ହୁଏ ବୋଲି ତାଙ୍କୁ କୁହାଯାଇଥାଏ। ସେହି ତର୍କ ଅନୁଯାୟୀ, ଏହି ରେସ୍ତୋରାଁଗୁଡ଼ିକରେ ଅଣ୍ଡା ମଧ୍ୟ ପରଷାଯିବା ଯିବା ଉଚିତ। କିନ୍ତୁ ଭାରତରେ ମଧ୍ୟାହ୍ନଭୋଜନ ଦେଉଥିବା ପ୍ରସିଦ୍ଧ ବୈଷ୍ଣବ ସଙ୍ଗଠନଗୁଡ଼ିକ ଗରିବ ଓ ଅଭାବୀ ଲୋକଙ୍କୁ ଅଣ୍ଡା ଦେବାକୁ ମନା କରିଦିଅନ୍ତି।

ଭିଟାମିନ୍ ବି-୧୨ କେବଳ ପ୍ରାଣୀଙ୍କଠାରୁ ମିଳେ। ଏହା କୌଣସି ଉଦ୍ଭିଦରୁ ମିଳି ନ ଥାଏ ବୋଲି କେହି ସ୍ୱୀକାର କରିବାକୁ ଚାହାନ୍ତି ନାହିଁ। 'ଶୁଦ୍ଧ' ଶାକାହାର ଖାଦ୍ୟରେ ମୁଖ୍ୟତଃ ରସୁଣ, ପିଆଜ, ଛତୁ ଏପରିକି କେତେକ ନିର୍ଦ୍ଦିଷ୍ଟ ଡାଲି ଓ ବାଇଗଣ ଭଳି 'ଅଶୁଦ୍ଧ' ଶାକାହାର ଖାଦ୍ୟର ସ୍ଥାନ ନାହିଁ। ପ୍ରତ୍ୟେକଟି ଖାଦ୍ୟ ପଛରେ ଥିବା ଯୁକ୍ତି ଅତ୍ୟନ୍ତ ଜଟିଳ ଏବଂ ଏହା କେବଳ ବିଶ୍ୱାସ ଓ ପରମ୍ପରା ପରିସରଭୁକ୍ତ। ଏହା ପଛରେ ବୈଜ୍ଞାନିକ ସିଦ୍ଧାନ୍ତ ଅଛି ବୋଲି ଯାହା କୁହାଯାଉଛି ତାହା ଭୁଲ୍ ଧାରଣା। କେହି ସ୍ୱୀକାର କରିବାକୁ ଚାହାନ୍ତି ନାହିଁ ଯେ, ଭାରତରେ ଖାଦ୍ୟ ଏକ ଜାତିର ସଙ୍କେତ। ଶୁଦ୍ଧତା ହିଁ ଉଚ୍ଚ-ନୀଚ ପଦାନୁକ୍ରମ ବା ବର୍ଗୀକରଣ ପ୍ରତିଷ୍ଠା କରେ। ମନୁସ୍ମୃତି ଓ ଧର୍ମଶାସ୍ତ୍ର ଶାକାହାରବାଦକୁ ପ୍ରୋତ୍ସାହିତ କରନ୍ତି ଏବଂ ସେସବୁ ସ୍ୱୀକାର କରନ୍ତି ଯେ, ମାଂସାହାର ଓ ସୁରାପାନ ସାଧାରଣ ଜୀବନର ଏକ ଅଂଶ। ଏହିସବୁ ଶାସ୍ତ୍ର ଅଣ୍ଡା ଉପରେ କୌଣସି ମତ ରଖିନାହାନ୍ତି। କିନ୍ତୁ ବ୍ରିଟିଶ୍ ଶାସନ ସମୟରେ ଇସ୍‌ଲାମର ଶରିୟା ଆଇନରେ ଲୋକଙ୍କୁ ଈଶ୍ୱର କିମ୍ବା ମହମ୍ମଦଙ୍କ ଅନୁମତି ନେବାକୁ ପଡ଼ିଲା। ଏଭଳି ବିଶ୍ୱାସ ହିନ୍ଦୁଧର୍ମରେ ନାହିଁ, ତଥାପି ହିନ୍ଦୁଧର୍ମର ଗୁରୁମାନେ ଦାବି କରନ୍ତି ଯେ, ଶାରୀରିକ ଶୁଦ୍ଧତା ଓ ଆତ୍ମାନୁଭବ ସକାଶେ ଏକ ନିର୍ଦ୍ଦିଷ୍ଟ ପ୍ରକାର ଖାଦ୍ୟ ଆବଶ୍ୟକ, ଯାହା ଖାଇବାକୁ ବେଦ ପରାମର୍ଶ ଦିଏ। ଏହି ପ୍ରକାର ବିଚାର ଜୈନଧର୍ମରେ ରହିଛି, ଯାହା ଜୀବନର କର୍ମ ବୋଝକୁ ହିଂସାତ୍ମକ କାର୍ଯ୍ୟର ଏକ ଅଂଶ ଭାବେ ବିଚାର କରେ। ଏଭଳି କାର୍ଯ୍ୟ ସହିତ ଆତ୍ମା ସହ ସମ୍ବନ୍ଧ ରହିଛି ଏବଂ ଏହା ଆତ୍ମାକୁ ନିମ୍ନମୁଖୀ କରାଇ ମୋକ୍ଷ ପଥରେ ବାଧା ଉପୁଜାଏ।

ଇସ୍‌ଲାମ ଶାସ୍ତ୍ରରେ ସୂଚିତ ବୈଧ ଖାଦ୍ୟ (ହଲାଲ)କୁ ହାରାମ ଖାଦ୍ୟ (ଯାହା ଇସ୍‌ଲାମ ଶାସ୍ତ୍ରରେ ସୂଚିତ ଖାଦ୍ୟକୁ ପାଳନ ନ କରେ)ର ଭିନ୍ନତା ଜଣେ ମୁସଲମାନର ପରିଚୟ ନିର୍ଦ୍ଦିଷ୍ଟ କରେ। ସେହିଭଳି ହିନ୍ଦୁ ପ୍ଲାଟ୍‌ଫର୍ମରେ ଥିବା ରାଜନେତାମାନେ ହିନ୍ଦୁମାନଙ୍କୁ ଚିହ୍ନଟ କରିବା ପାଇଁ ସମାନ ପ୍ରକାର କୋଡ୍ ବା ସଂକେତ ଚାହୁଁଛନ୍ତି। ଶାକାହାର ଖାଦ୍ୟକୁ ସାତ୍ତ୍ୱିକ କୁହାଯାଏ, କିନ୍ତୁ ଏହା ମୁଖ୍ୟତଃ ବ୍ରାହ୍ମଣ ଏବଂ ବୈଶ୍ୟ (ବଣିକ)ଙ୍କ ଖାଦ୍ୟ । ଏହି ବଣିକ ବର୍ଗ ପୂର୍ବରୁ ବୌଦ୍ଧ ଏବଂ ଜୈନଧର୍ମାବଲମ୍ବୀ ଥିଲେ। ତେଣୁ ସେମାନେ ପୁରାତନ ଖାଦ୍ୟାଭ୍ୟାସ ଜାରି ରଖିଛନ୍ତି। ବୈଦିକ କାଳରେ ପଶୁ ବଳିଦାନ ରୀତିନୀତିର ଏକ ଅଂଶ ଥିଲା । ପବିତ୍ର ରୀତିନୀତିରେ ମାଂସ ନୈବେଦ୍ୟ ନ ହେଲେ ଅନେକ ବ୍ରାହ୍ମଣ ତାହାକୁ ଛୁଅନ୍ତି ନାହିଁ । ଆଜିର ସମୟରେ ଅନେକ ଉତ୍ତର ଭାରତୀୟ ବ୍ରାହ୍ମଣମାନେ ସେହି ମାଂସକୁ ଗ୍ରହଣ କରନ୍ତି ନାହିଁ । ତେବେ ପାହାଡ଼ିଆ ଏବଂ ଉପକୂଳ ଅଞ୍ଚଳରେ ବାସ କରୁଥିବା ଅନେକ ବ୍ରାହ୍ମଣ ଉପ-ଗୋଷ୍ଠୀ ମାଛ ଖାଆନ୍ତି। ମାଂସ, ମାଛ ଏବଂ ମଦ୍ୟପାନ ଭୈରବ ଏବଂ ଭବାନୀ ପରି ଦେବୀଙ୍କର ପ୍ରିୟ ହୋଇ ରହିଛି।

ବ୍ରାହ୍ମଣ ଏବଂ ବୈଶ୍ୟଙ୍କ ଖାଦ୍ୟକୁ ଶାକାହାର ଏବଂ ସାତ୍ତ୍ୱିକ କୁହାଯାଉଥିବାବେଳେ ରାଜକୀୟ ଖାଦ୍ୟକୁ ରାଜସିକ କୁହାଯାଏ। ଏହିପରି ଭାବରେ ପୁରୋହିତମାନଙ୍କର ରାଜ ପୃଷ୍ଠପୋଷକମାନେ ବାଘ୍‌ହା ଶିକାର କରି ଖାଉଥିଲେ। ଅଧିକାଂଶ ରାଜ ପରିବାର ଦେବୀ ଦୁର୍ଗାଙ୍କୁ ପୂଜା କରୁଥିଲେ ଏବଂ ନବରାତ୍ରରେ ମଇଁଷି ଓ ଛେଳି ମା'ଙ୍କ ନିକଟରେ ବଳି ଦିଆଯାଉଥିଲା। ବର୍ତ୍ତମାନ ମନ୍ଦିରଗୁଡ଼ିକ ବ୍ରାହ୍ମଣ ଏବଂ ବୈଶ୍ୟଙ୍କ ନିୟନ୍ତ୍ରଣରେ ଥିବାରୁ ସେଠାରେ ମା'ଙ୍କୁ ମଇଁଷି ଓ ଛେଳି ବଦଳରେ କଖାରୁ ବଳି ଦିଆଯାଉଛି। ସାତ୍ତ୍ୱିକ ଓ ରାଜସିକ ତାମସିକ ଖାଦ୍ୟ ଉପରେ ବିଚାର କରିବା। ଯଦି ଏହା ରାଜପୁତ ଖାଦ୍ୟ ନୁହେଁ, ଯଦି ବ୍ରାହ୍ମଣ ଖାଦ୍ୟ ନୁହେଁ, ଯଦି ବୈଶ୍ୟ ଖାଦ୍ୟ ନୁହେଁ, ତେବେ ଏହା ଶୂଦ୍ର ଖାଦ୍ୟ କି? କାହାଠାରୁ ଏହି ପ୍ରଶ୍ନର ଉତ୍ତର ମିଳେ ନାହିଁ । କେହି ସ୍ୱୀକାର ମଧ୍ୟ କରନ୍ତି ନାହିଁ ଯେ ବହୁ ପୂର୍ବରୁ 'ଅସ୍ପୃଶ୍ୟ' ଲୋକଙ୍କୁ ବଳକା, ବାସି ଏପରିକି ନଷ୍ଟ ଖାଦ୍ୟ ଦିଆଯାଇଥିଲା, ଯାହାର ବାସ୍ତବତା ଉପରେ ଏବେ ଦଳିତ ଲେଖକମାନେ ଗୁରୁତ୍ୱ ଦେଇଛନ୍ତି। ଏହିପରି ସରଳ ବା ସାଦା ଖାଦ୍ୟ ଭାରତର ସନ୍ନ୍ୟାସ ପରମ୍ପରାରୁ ସୃଷ୍ଟି ହୋଇଥିଲାବେଳେ ଶୁଦ୍ଧ ଖାଦ୍ୟ ଜାତି ବ୍ୟବସ୍ଥାରୁ ଉତ୍ପନ୍ନ ହୋଇଥିଲା। ତେବେ ହିନ୍ଦୁ ପରିଚୟର ସଙ୍କେତ ଭାବେ ଶୁଦ୍ଧ ଖାଦ୍ୟକୁ ବ୍ୟବହାର କଲେ ହିନ୍ଦୁମାନଙ୍କୁ ଏକତ୍ର କରିବା କଷ୍ଟକର ହୋଇଯିବ।

-devduttofficial@gmail.com

# ପ୍ରାଣବର୍ଷା



ଡା. ଉମେଶ ଚନ୍ଦ୍ର ପାତ୍ର

ଗୀତାରେ ଭଗବାନ କୃଷ୍ଣ କହନ୍ତି, 'ଯଜ୍ଞାଦ ଭବତି ପର୍ଜନ୍ୟଃ' ଅର୍ଥାତ୍ ଯଜ୍ଞ ଦ୍ୱାରା ପର୍ଜନ୍ୟ ବର୍ଷା ହୁଏ। ଲୋକେ ବର୍ଷାର ଅର୍ଥ ପାଣିବର୍ଷାକୁ ବୁଝନ୍ତି, ଏହା ଯଦି ସତ ହୋଇଥାନ୍ତା ତେବେ ପାଣିବର୍ଷା ମନୁଷ୍ୟ ହାତରେ ଥାନ୍ତା, କଦାପି ପାଣିର ଅଭାବ ପଡ଼ନ୍ତା ନାହିଁ। ଯେତେବେଳେ ଯେତିକି ବର୍ଷାର ଆବଶ୍ୟକତା ହୁଅନ୍ତା ସେତେବେଳେ ସେତିକି ବର୍ଷା କରାଯାଇ ପାରନ୍ତା। ବନ୍ୟା ହେବାର ସଙ୍କଟ ରହନ୍ତା ନାହିଁ ଏବଂ ବର୍ଷା ଅଭାବରେ ଦୁର୍ଭିକ୍ଷ ପଡ଼ିବାର ଦେଖାଯାନ୍ତା ନାହିଁ। ମନ ହେବାମାତ୍ରେ ବର୍ଷା କରାଯାଇ ପାରନ୍ତା। ତା'ର ମାତ୍ରା ନିୟନ୍ତ୍ରଣ ମଧ୍ୟ ମନୁଷ୍ୟ ହାତରେ ଥାନ୍ତା। ପର୍ଜନ୍ୟ ବର୍ଷା କଥା ସତ, କିନ୍ତୁ ପାଣି ବର୍ଷା ନୁହେଁ। ତେବେ ପାଣି ବ୍ୟତୀତ ଆଉ କୌଣସି ବସ୍ତୁ ମଧ୍ୟ ବର୍ଷା ହୁଏ କି? ଏହାର ଉତ୍ତର 'ହଁ'ରେ ଦିଆଯାଇପାରେ ଏବଂ ଉକ୍ତ ବର୍ଷା ହେବା ବସ୍ତୁକୁ ହିଁ ପର୍ଜନ୍ୟ କୁହାଯାଏ। ଏହା ପାଣି ନୁହେଁ, 'ପ୍ରାଣ'। ପ୍ରାଣ କହନ୍ତି ଜୀବନୀ ଶକ୍ତିକୁ। ଯେଉଁ ବସ୍ତୁ ବଳ, ସାମର୍ଥ୍ୟ ପ୍ରଦାନ କରେ, ତାହା ହିଁ ଜୀବନୀଶକ୍ତି ଅଟେ। ଯାହାଙ୍କ ଶରୀରରେ ଜୀବନୀ ଶକ୍ତି ଥାଏ ସେମାନେ କ୍ଷୀଣକାୟ ହେଲେ ସୁଦ୍ଧା ବଳବାନ ଥାନ୍ତି। ଗାନ୍ଧୀଙ୍କୁ ମୃତ୍ୟୁ ବେଳକୁ ଅଶୀବର୍ଷ ବୟସ ହୋଇଥିଲା। ସେ କହୁଥିଲେ ମୁଁ ୧୨୦ ବର୍ଷ ବଞ୍ଚିବାକୁ ଚାହେଁ। ଯଦି ଦୁର୍ଘଟଣା ହୋଇ ନ ଥାନ୍ତା ତେବେ ସମ୍ଭବତଃ ତାଙ୍କୁ ଇଚ୍ଛାମୃତ୍ୟୁ ମିଳିଥାନ୍ତା। ଜୀବନୀ ଶକ୍ତି ଶରୀରକୁ ବଳବାନ, ନୀରୋଗ ଏବଂ ଦୀର୍ଘଜୀବୀ କରିବା ସହିତ ମନୋବଳ ବୃଦ୍ଧି କରେ। ଏହାଦ୍ୱାରା ଓଜସ୍ ଏବଂ ବର୍ଚ୍ଚସର ବିଭୂତି ପ୍ରାପ୍ତ ହୁଏ। ଏହାକୁ ପ୍ରତିଭା ମଧ୍ୟ କୁହାଯାଏ।

ପ୍ରତିଭାର ସ୍ରୋତ ଅନ୍ତରୀକ୍ଷ ଅଟେ। ଅନ୍ତରୀକ୍ଷରୁ କିରଣ ମଧ୍ୟ ବର୍ଷା ହୁଏ। ସୂର୍ଯ୍ୟ କିରଣକୁ ଜୀବନଦାତ୍ରୀ ବୋଲି କୁହାଯାଏ। ତଦ୍ଦ୍ୱାରା ବର୍ଷା ମଧ୍ୟ ହୁଏ। ବୈଜ୍ଞାନିକମାନେ ଜାଣିଛନ୍ତି ଯେ ତଦ୍ଦ୍ୱାରା ବର୍ଷା ଅତିରିକ୍ତ ଆଉ ବହୁତ କିଛି ବର୍ଷା ହୁଏ। ବର୍ଷା ପାଣିରେ ଉତ୍ପାଦକ ଶକ୍ତି ଥାଏ। ସମୟ ସମୟରେ ତାର ନ୍ୟୂନତା ମଧ୍ୟ ଦେଖାଦେଇଥାଏ। ଏପରି ପରିସ୍ଥିତିରେ ଯେଉଁ ବନସ୍ପତି ଉତ୍ପନ୍ନ ହୁଅନ୍ତି ସେମାନେ ନିର୍ଜୀବ ହୁଅନ୍ତି। ବିଶ୍ଳେଷଣ କର୍ତ୍ତାଙ୍କ ଅନୁସାରେ ସେମାନଙ୍କଠାରେ ରାସାୟନିକ ପଦାର୍ଥ ସ୍ୱଳ୍ପ ମାତ୍ରାରେ ଥାଏ। ଫଳରେ ସେମାନଙ୍କର ପତ୍ର ଫୁଲ ଫଳ ସ୍ୱଳ୍ପମାତ୍ରାରେ ହୁଏ। ସେମାନଙ୍କୁ ଖାଉଥିବା ପଶୁପକ୍ଷୀ ମଧ୍ୟ ଦୁର୍ବଳ ହୁଅନ୍ତି, ଦୁଧ ଅଳ୍ପ ଦିଅନ୍ତି, ଶିଶୁମାନେ ଦୁର୍ବଳ ହୁଅନ୍ତି। ପର୍ଜନ୍ୟ ଅର୍ଥ ଅନ୍ୟପ୍ରକାରେ ଜୀବନୀଶକ୍ତି ଅଟେ। ତାହା ବର୍ଷା ସହିତ ବରଷିପାରେ ଏବଂ ପ୍ରାଣବାୟୁରେ ମଧ୍ୟ ଦ୍ରବିତ ହୋଇ ରହିପାରେ। ବାୟୁରେ ପ୍ରାଣବାୟୁ ଯଦି କମ୍ ଥାଏ ତେବେ ଶ୍ୱାସ ଗ୍ରହଣ ତ କରାଯାଇପାରେ, କିନ୍ତୁ ଯେଉଁ ବିଶିଷ୍ଟତା ପାଇଁ ଲୋକେ ଜଳବାୟୁ ପରିବର୍ତ୍ତନ କରନ୍ତି ଏବଂ ସ୍ୱାସ୍ଥ୍ୟୋନ୍ନତି ପାଇଁ ଅନ୍ୟ ସ୍ଥାନକୁ ଯାଆନ୍ତି, ସେ ବିଶିଷ୍ଟତା ତହିଁରେ ନ ଥାଏ। ବନସ୍ପତିର ପ୍ରଖରତା ପ୍ରାଣବାନ ଜଳ ଉପରେ ନିର୍ଭରକରେ। ପ୍ରାଣୀର ଜୀବନ ପ୍ରାଣ ଉପରେ ନିର୍ଭର କରେ। ପ୍ରାଣ ଉପରେ ପରମାୟୁ ନିର୍ଭର କରେ।

ଏ ସମ୍ବନ୍ଧରେ ଶୀର୍ଷ ସ୍ଥାନୀୟ ବୈଜ୍ଞାନିକମାନେ ଅନୁସନ୍ଧାନ କରିଛନ୍ତି ଯେ ସାଧାରଣତଃ ଲୋକେ ଆହାର ବିହାରକୁ ହିଁ ଦୀର୍ଘ ଜୀବନର କାରଣ ମନେକରନ୍ତି। କିନ୍ତୁ ସେଥିରେ ଏହି ପ୍ରକାର ବିଶିଷ୍ଟତା ନ ଥାଏ। ଅନ୍ୱେଷଣରୁ ଜଣାପଡ଼ିଛି ଯେ ଯେଉଁଠି ବନସ୍ପତିରେ ପ୍ରାଣଶକ୍ତିର ବାହୁଲ୍ୟ ଥାଏ, ସେ ସ୍ଥାନର ପ୍ରାଣବାୟୁର ଆଧିକ୍ୟ ଯୋଗୁ ଏହି ପ୍ରାଣ ମିଳେ। ଖାଦ୍ୟ ପଦାର୍ଥ ଦେଖିବାକୁ ଅନ୍ୟ ସ୍ଥାନର ଖାଦ୍ୟ ପଦାର୍ଥ ସଦୃଶ ହେଲେ ମଧ୍ୟ ତହିଁରେ ପୁଷ୍ଟିକର ତତ୍ତ୍ୱର ମାତ୍ରା ଅଧିକ ଥାଏ ଏବଂ ଏହି ଶକ୍ତି ଜଳ ସହିତ ଆକାଶରୁ ବୃଷ୍ଟି ହୁଏ। ଯେଉଁ ସ୍ଥାନରେ ଅନ୍ନଜଳ ପ୍ରାଣବାୟୁ ଦୃଷ୍ଟିରୁ ଦୁର୍ବଳ ଥାଏ, ସେଠାକାର ନିବାସୀ ଅନାୟାସ ଦୁର୍ବଳ ଥାନ୍ତି। ସନ୍ତସନ୍ତିଆ ସ୍ଥାନର ଲୋକେ ଯୌବନ ଆସୁ ଆସୁ ବୃଦ୍ଧ ହୋଇଯାଆନ୍ତି। ମ୍ୟାଲେରିଆ, ଫାଇଲେରିଆ ରୋଗଗ୍ରସ୍ତ ହୁଅନ୍ତି ଏବଂ ଅକାଳ ମୃତ୍ୟୁବରଣ କରନ୍ତି। ବାସ୍ତବରେ ପ୍ରାଣ ରୂପରେ ଜୀବନୀଶକ୍ତି ସେ ସ୍ଥାନରେ କମ୍ ବର୍ଷା ହୁଏ। ଏହି ଅଭାବ ଯଜ୍ଞ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ପୂରଣ ହେବା ସମ୍ଭବ ନୁହେଁ। ଯଜ୍ଞ ଅନ୍ତରୀକ୍ଷର ଉର୍ବରତା ବଢ଼ାଇବାର ଏକ ସାଧନ ଅଟେ। ଭୂମିରେ ଖତ ପକାଇଲେ ଫସଲ ଉତ୍ପାଦନ ଅଧିକ ହୁଏ। ଯଜ୍ଞର ବିଶିଷ୍ଟତା ହେଉଛି ଯେ ଏହାର ଶକ୍ତି ଅନ୍ତରୀକ୍ଷରେ ପ୍ରଚୁର ମାତ୍ରାରେ ପୋଷକ ତତ୍ତ୍ୱ ପରିପୂର୍ଣ୍ଣ କରିଦିଏ ଏବଂ ତାହା ହିଁ ପ୍ରାଣୀ, ମନୁଷ୍ୟ ବନସ୍ପତି ସମସ୍ତଙ୍କୁ ଏହି ପୋଷକ ତତ୍ତ୍ୱ ପ୍ରଦାନ କରେ। ଏହି ପୋଷଣ ହିଁ ପର୍ଜନ୍ୟ। ବର୍ଷାର ଯେଉଁ ଉଲ୍ଲେଖ ଅଛି ତାହାର ତାତ୍ପର୍ଯ୍ୟ ହେଉଛି ଯେ ଅଗ୍ନିହୋତ୍ର ଦ୍ୱାରା ଅନ୍ତରୀକ୍ଷରେ ବିଶେଷ କ୍ରିୟାଶୀଳତା ଉତ୍ପନ୍ନ ହୁଏ ଏବଂ ତାହା ସମସ୍ତ ପ୍ରାଣୀଙ୍କୁ ପୋଷଣ ପ୍ରଦାନ କରେ।

ମୋ : ୯୪୩୭୦୫୧୯୫୭

## ଏଇ ଭାରତରେ

ପ୍ରାଣୀଙ୍କ ସେବାରେ ଯେଉଁ କେତେଜଣ ଉତ୍ସର୍ଗୀକୃତ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି, ସେମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ଲକ୍ଷ୍ନୌର ଚାରୁ ଖାରେ ଅନ୍ୟତମ। ଚାରୁ ଚାକିରି କରୁଛନ୍ତି, ତଥାପି ସେଥିରୁ ସମୟ ବାହାର କରି ଅସହାୟ ପ୍ରାଣୀଙ୍କ ସୁରକ୍ଷା କାର୍ଯ୍ୟରେ ଲାଗିଛନ୍ତି। ମୁଖ୍ୟତଃ ମା'ଠାରୁ ଅଲଗା ହୋଇଯାଇଥିବା ମାଙ୍କଡ଼ ଛୁଆଙ୍କ ଯତ୍ନ ନେବା ସହ ଅନ୍ୟ ପ୍ରାଣୀଙ୍କ ଉଦ୍ଧାର ମଧ୍ୟ କରୁଛନ୍ତି। ଏହି କାର୍ଯ୍ୟ କରିବା ଲାଗି ସେ ଏକ ଏନ୍‌ଜିଓ ଗଠନ କରିଛନ୍ତି । ଚାରୁଙ୍କ ନେତୃତ୍ୱରେ ଏହାର ଏକ ଟିମ୍ ଉଦ୍ଧାର କାର୍ଯ୍ୟ ପରିଚାଳନା କରୁଛନ୍ତି। ମୋଟରେ ଏଯାବତ ଚାରୁ ଓ ତାଙ୍କ ଟିମ୍ ୫ ,୦୦୦ ପ୍ରାଣୀଙ୍କୁ ଉଦ୍ଧାର କରିସାରିଲେଣି। ସେମାନେ ପ୍ରାଣୀଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କ ଚିକିତ୍ସା କରୁଛନ୍ତି, ଖାଇବାକୁ ଦେଉଛନ୍ତି ଓ ସୁସ୍ଥ ହେଲା ପରେ ଛାଡ଼ି ଦେଉଛନ୍ତି। ଏହା ବ୍ୟତୀତ ପଙ୍ଗୁ ହୋଇଯାଉଥିବା ପ୍ରାଣୀଙ୍କ ପାଇଁ ରହିବା ଲାଗି ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। ୭୦ କୁକୁର, ୨୫ ବିଲେଇ ଓ ୫ଟି ପକ୍ଷୀ ଏବେ ଆଶ୍ରୟସ୍ଥଳୀରେ ରହିଛନ୍ତି। ଏହା ବ୍ୟତୀତ ପକ୍ଷାଘାତରେ ପୀଡ଼ିତ ପ୍ରାଣୀଙ୍କ ପାଇଁ ଥେରାପି ବ୍ୟବସ୍ଥା ରହିଛି। ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିଙ୍କଠାରୁ ଅର୍ଥ ଦାନ ଆକାରରେ ଗ୍ରହଣକରି ସବୁ କାର୍ଯ୍ୟ ସଞ୍ଚାଳନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୬ ଡିସେମ୍ବର ୧୯୭୫**

- ବର୍ମା ସେଲର ସମସ୍ତ ତୈଳ ବିଶୋଧନାଗାର ଏବଂ ବଜାରକୁ ସରକାର ନିଜ ହାତକୁ ନେବା ପାଇଁ ଉକ୍ତ କମ୍ପାନୀ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଭୂଦାନ ନେତା ଆଚାର୍ଯ୍ୟ ବିନୋବା ଭାବେଙ୍କ ଏକ ବର୍ଷ ବ୍ୟାପୀ ମୌନବ୍ରତ ଭଙ୍ଗ।
- ସୋଭିଏତ ରୁଷିଆ ମହାକାଶକୁ ଏକ ଯୋଗାଯୋଗ ଉପଗ୍ରହ ଉତ୍କ୍ଷେପଣ କରିଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | 1 | | | | 8 | |
| | | | | | 7 | | 4 | |
| | | | | 3 | | | | 6 |
| | 5 | 8 | 2 | | 4 | | | 9 |
| | 9 | 2 | | | | | | 7 |
| | 3 | | 8 | | | | | |
| 5 | | | 6 | | | | | |
| | | | | | | 9 | 7 | 5 |
| 1 | | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 6 | 7 | 2 | 9 | 4 | 5 | 1 |
| 4 | 2 | 9 | 5 | 6 | 1 | 8 | 7 | 3 |
| 5 | 7 | 1 | 8 | 4 | 3 | 9 | 2 | 6 |
| 9 | 8 | 2 | 6 | 5 | 4 | 1 | 3 | 7 |
| 7 | 4 | 5 | 1 | 3 | 2 | 6 | 8 | 9 |
| 6 | 1 | 3 | 9 | 7 | 8 | 2 | 4 | 5 |
| 1 | 5 | 7 | 2 | 8 | 6 | 3 | 9 | 4 |
| 3 | 6 | 8 | 4 | 9 | 5 | 7 | 1 | 2 |
| 2 | 9 | 4 | 3 | 1 | 7 | 5 | 6 | 8 |

ଗତକାଲିର ଉତ୍ତର

# ସାଧୁ ସାବଧାନ



ଡ. ନିରଞ୍ଜନ ସାହୁ

ନିର୍ବାଚନ ପୂର୍ବରୁ ଓ ନିର୍ବାଚନ ପରେ ନେତାମାନଙ୍କର ଲୋକଙ୍କ ପ୍ରତି ବ୍ୟବହାର ଭିତରେ ଏତେ ଫରକ ହେବ ବୋଲି ଆଗରୁ ସାଧାରଣ ଲୋକେ ଭାବିପାରୁ ନ ଥିଲେ। ସ୍ୱାଧୀନତାର ଠିକ୍ ପରେ ଯେଉଁମାନେ ନେତୃସ୍ଥାନୀୟ ବ୍ୟକ୍ତି ଥିଲେ ସେମାନେ ଥିଲେ ପ୍ରାୟତଃ ନୀତିବାନ୍ ଏବଂ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେବାରେ ବିଶ୍ୱାସ କରୁ ନ ଥିଲେ। କ୍ରମଶଃ ରାଜନୀତି ଏପରି ଅଧଃପତନର ସ୍ତରକୁ ଆସିଲା ଯେ କୁହାଗଲା 'ଚନ୍ଦ୍ରମଣ୍ଡଳରୁ ମାଟି ଆଣିଦେବେ କି' ବୋଲି ପ୍ରଶ୍ନ କଲେ ତା'ର ଉତ୍ତର ବି ହେଉଥିଲା ହଁ ସୂଚକ। ଅର୍ଥାତ୍ ନିର୍ବାଚନ ପୂର୍ବରୁ ଯାହା କହୁଥିଲେ ଭୋଟରମାନେ ସେଥିରେ ଭୋଟ୍ ଆଶାୟୀଙ୍କର ଅସମ୍ମତିର ପ୍ରଶ୍ନ ହିଁ ଉଠୁ ନ ଥିଲା। ଯାହାକୁ ଲକ୍ଷ୍ୟ କରି ଲୋକମୁଖରେ ଭାସି ଉଠେ- 'ହାତୀ ଦେବି ଘୋଡ଼ା ଦେବି ତୋ ପେଁକାଳି ବଜେଇଦେବି।'

ପ୍ରାଥମିକ ଅବସ୍ଥାରେ ରାଜନେତାମାନେ ଥିଲେ ସମ୍ବେଦନଶୀଳ। ସେମାନେ ଲୋକଙ୍କ ସୁଖଦୁଃଖରେ ସମଭାଗୀ ହେଉଥିଲେ। ତାଙ୍କ ସମସ୍ୟାର ସମାଧାନ କରୁଥିଲେ ଏବଂ ଲୋକଙ୍କୁ ସମାନ ଭାବରେ ଦେଖୁଥିଲେ। ଏବେ ଯଦିଓ ଲୋକଙ୍କର ସମସ୍ୟା ସମାଧାନ କରିବା ଏବଂ ସେମାନଙ୍କ ସୁଖଦୁଃଖରେ ସାଥୀ ଦେବାରେ ନେତାମାନେ ହେଳା କରୁନାହାନ୍ତି, କେବଳ ପାର୍ଥକ୍ୟ ହେଉଛି ଯେ ଲୋକମାନଙ୍କୁ ସେମାନେ ଦି' ଭାଗରେ ବିଭକ୍ତ କରିଦେଇଛନ୍ତି। ମାନେ ଗୋଟିଏ ହେଲେ ନିଜ ଦଳ ସମର୍ଥିତ ଓ ଆରେକ ହେଲେ ପ୍ରତିପକ୍ଷଙ୍କ ସମର୍ଥନରେ ଥିବା ଲୋକେ।

ପ୍ରାଥମିକ ସ୍ତରରେ ନେତୃମଣ୍ଡଳୀ ଭାବୁଥିଲେ ସାମୂହିକ କାମ କରିବା ସେମାନଙ୍କର ମୌଳିକ ଦାୟିତ୍ୱ। କ୍ରମେ କ୍ରମେ ଅନୁଭୂତ ହେଲା ଯେ, କେବଳ ସାମୂହିକ ଉନ୍ନତିରେ ଲୋକଙ୍କର ଏତେ ରୁଚିନାହିଁ। ବ୍ୟକ୍ତିଗତ ଲାଭ ତାଙ୍କୁ ହାତଠାରି ଡାକୁଥିଲା। ସର୍ବସାଧାରଣ ଉନ୍ନତିର ସଂକଳ୍ପ କ୍ରମେ ମଳିନ ଦିଶିଲା। ଏବେ ବ୍ୟକ୍ତିଗତ ସୁଖ ସୁବିଧା କିଏ ଅଧିକ ନେଇପାରିବ, ତାହା ପାଲଟିଲା ରାଜନୈତିକ ପ୍ରେକ୍ଷାପଟ।

୧୯୮୦ ଦଶକର ପ୍ରାରମ୍ଭରେ ଅବିଭକ୍ତ କୋରାପୁଟ ଜିଲାରେ ଭୋଟ୍‌ବେଳେ ଘଟୁଥିବା ଏକ ସାଧାରଣ ଦୃଶ୍ୟ ବଖାଣୁଥିଲେ ସେତେବେଳେ ରାଜ୍ୟ ପ୍ରଶାସନରେ କାର୍ଯ୍ୟ କରିଥିବା ଜଣେ ଅଧିକାରୀ। କୌଣସି ଭୋଟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ଭୋଟରମାନେ କିଛି ଦୂରରୁ ଅଟକି ଯାଉଥିଲେ। ସେମାନେ ସେଇଠି ବସି ରହୁଥିଲେ ବେଶ୍ ସମୟ। ସେ ଖବର ପହଞ୍ଚି ଯାଉଥିଲା ତତ୍କାଳୀନ ଶାସନରେ ଥିବା ଦଳର ନେତୃମଣ୍ଡଳୀଙ୍କ ପାଖରେ। ସେମାନଙ୍କ ତରଫରୁ କିଛି ପ୍ରତିନିଧି ଯାଇ ସେଠାରେ ପହଞ୍ଚି ଯାଉଥିଲେ। ସେଇଠି ଅଟକି ଯାଇଥିବା ଭୋଟର ଏବଂ ସେମାନଙ୍କୁ ମନେଇବା ପାଇଁ ଯାଇଥିବା ରାଜନୈତିକ ଦଳର ପ୍ରତିନିଧିଙ୍କ ଭିତରେ ବେଶ୍ କିଛି ଆଲୋଚନା ହେଉଥିଲା। ଆଉ ଶେଷରେ କଥା ଛିଡୁଥିଲା କେତେଗୋଟି ଛେଳି ବା ମେଣ୍ଢା ସେମାନେ ଭୋଜି ପାଇଁ ଦେବାକୁ ଯାଉଛନ୍ତି। ତା'ପରେ ସେହି ଲୋକମାନେ ଭୋଟ୍‌କେନ୍ଦ୍ରକୁ ଯାଉଥିଲେ। ସେତେବେଳେ ଲୋକଙ୍କୁ ପ୍ରଭାବିତ କରିବାକୁ ଯାହାକିଛି ଦିଆଯାଉଥିଲା ତାହା ନିର୍ଦ୍ଦିଷ୍ଟ ପାର୍ଟି ତରଫରୁ କିମ୍ବା ପ୍ରାର୍ଥୀଙ୍କ ତରଫରୁ ବ୍ୟବସ୍ଥାପିତ ହେଉଥିଲା। ପ୍ରଥମେ ଲୋକଙ୍କୁ ପ୍ରଭାବିତ କରିବାକୁ ଶାଢ଼ି, ଲୁଗା, ସାବୁନ, ଛତା ଆଦି ଦିଆଯାଉଥିଲା ; ମାତ୍ର ଅର୍ଥନୈତିକ ପ୍ରଗତିର କ୍ରମରେ ସେଇ ଜିନିଷ ପ୍ରତି ଆଉ କାହାରି ନଜର ପଡ଼ିଲା ନାହିଁ। କାଳକ୍ରମେ ସେହିପରି ଛୋଟ ଛୋଟ ଚିଜ ନିଜ ପତିଆରା ହରାଇଲେ, କ୍ରମେ ପାଲଟିଗଲେ ନିଷ୍ପ୍ରଭ ଓ ଅଦରକାରୀ।

ମନେପଡୁଛି ଆଉ ଗୋଟିଏ କଥା- କିଛି ବର୍ଷ ତଳେ ଅନୁସୂଚିତ ଜାତି ଓ ଜନଜାତି



ଉନ୍ନୟନ ବିଭାଗ ତରଫରୁ ଯେଉଁ ଅଞ୍ଚଳଭିତ୍ତିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିଲା, ତା' ଭିତରେ ରହୁଥିଲା ମୁଖ୍ୟତଃ ଦୁଇ ପ୍ରକାରର କାର୍ଯ୍ୟକ୍ରମ- ଗୋଟିଏ ସି.ବି.ଓ.ଏସ୍. ଅର୍ଥାତ୍ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ଆଉ ଅନ୍ୟଟି ହେଉଛି ଆଇ.ବି.ଓ.ଏସ୍। ଗୋଷ୍ଠୀଭିତ୍ତିକ କାର୍ଯ୍ୟରେ ୭୫% ବ୍ୟୟବରାଦ ଥିଲା ବେଳେ ବ୍ୟକ୍ତିଗତ ଉନ୍ନୟନ ପାଇଁ ତା'ର ପରିମାଣ ଥିଲା ଅବଶିଷ୍ଟ ୨୫%। ତାହା ପୁଣି ବ୍ୟକ୍ତିକୁ ସିଧାସଳଖ ପଇସା ଦିଆନଯାଇ କେତେବେଳେ ଗଛ ଚାରା, ଔଷଧ, ସାର ଇତ୍ୟାଦି ଦିଆଯାଉନଥିଲା! ବ୍ୟୟବରାଦ ଅତ୍ୟନ୍ତ ନଗଣ୍ୟ ଥିବାରୁ ଏହା ଫଳ କେବେ ବି ଆଖିରେ ପଡୁ ନ ଥିଲା। ସଂକ୍ଷେପରେ ଫଳ ଥିଲା ନଗଣ୍ୟ ଓ ନୈରାଶ୍ୟଜନକ। ଅର୍ଥନୀତିର ମୂଳ ପିଢ଼ିର ଦାର୍ଶନିକ ଆଡାମ୍ ସ୍ମିଥ୍‌ଙ୍କ କଥା ମାନୁଥିଲେ ସେବେକାର ସରକାରମାନେ। ଅର୍ଥାତ୍ ବିନା କାମରେ କିଛି ମିଳୁ ନ ଥିଲା।

'ଗଡ଼ିଆରେ ଜଳ ଥିଲେ କୂଳକୁ ଶୀତଳ'- ଏଇ ପ୍ରବାଦ କ୍ରମଶଃ ପ୍ରଭାବଶୂନ୍ୟ ହେଉଥିଲା ବ୍ୟକ୍ତିବାଦର ଅଭ୍ୟୁଦୟ ହେଲାରୁ। ଅର୍ଥାତ୍ ସମସ୍ତେ ଚାହୁଁଥିଲେ ସରକାରଙ୍କଠାରୁ କିଛି ସୁବିଧା ଆଉ ତାହା ତାଙ୍କ ହାତରେ ଗୁଞ୍ଜିଦେବା ଚାହି। ବିଜ୍ଞାନର ଅଗ୍ରଗତି ଯୋଡ଼ିଦେଲା ଏଇ ଅଭାବର ନିଦାନ ଆସିବା ପରେ ସିଧାସଳଖ ସଂପୃକ୍ତ ବ୍ୟକ୍ତିଙ୍କ ଜମାଖାତାକୁ ଚାଲିଗଲା ଟଙ୍କା। ଦାତା ଓ ଗ୍ରହୀତା ଉଭୟେ ଏଥିରେ ଆମୋଦିତ ହେଲେ। ମାତ୍ର ରାଜନୈତିକ ଦଳଗୁଡ଼ିକ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଲା। କିଏ କେତେ ଅଧିକ ଦେଇପାରିବ ନାଗରିକମାନଙ୍କୁ। ପ୍ରତ୍ୟେକ ଦଳ ତରଫରୁ ଆରମ୍ଭ ହେଲା ଲୋଭନୀୟ ଉପହାର ଦେବାର ପ୍ରତିଯୋଗିତା। ସ୍କିମ୍‌ମାନେ କେବଳ ଲୋକଦେଖାଣିଆ ମାତ୍ର। ବାସ୍ତବ କଥା ହେଲା କେତେଟଙ୍କା କିଏ ଦେଇପାରୁଛି ଲୋକଙ୍କ ବ୍ୟାଙ୍କରେ ଥିବା ଜମାଖାତାକୁ। କ୍ଷମତାସୀନ ଦଳର ଲୋକଙ୍କ ପାଇଁ ଏହାଠାରୁ ଅଧିକ ସୁଯୋଗ ମିଳି ନ ଥା'ନ୍ତା ବୋଧହୁଏ। ନିର୍ବାଚନର କିଛିଦିନ ଆଗରୁ ଗୋଟିଏ କ୍ଷମତାସୀନ ଦଳ ତରଫରୁ ବାହାରିଥିବା ଏକ କାର୍ଯ୍ୟକ୍ରମ ଥିଲା ଏଇଭଳି, 'ଆଜ୍ଞା ଆପଣ କେବେ ଅତୀତରେ ଇନ୍ଦିରା ଆବାସ କିମ୍ବା ଅନ୍ୟ କୌଣସି ନାଁରେ କିଛି ଘର ପାଇଥିଲେ କି? - ଆପଣଙ୍କର ଉତ୍ତର ଯଦି ହଁ, ତା'ହେଲେ ଆପଣ ଏଇ ଯୋଜନାର ହିତାଧିକାରୀ। ଘର ମରାମତି କରିବାକୁ/ ରଙ୍ଗ କରିବାକୁ ଆପଣଙ୍କୁ ମିଳିବ ପାଞ୍ଚ ହଜାର ଟଙ୍କାର ସହାୟତା।' ୨୭ ଲକ୍ଷ ହିତାଧିକାରୀଙ୍କ ଜମାଖାତାକୁ ହସ୍ତାନ୍ତର ହୋଇଗଲା ଅମାପ ଟଙ୍କା ମୁହୂର୍ତ୍ତକ ଭିତରେ। ହିତାଧିକାରୀଙ୍କଠାରୁ ଦରଖାସ୍ତ ଗୋଟେଇବା, ଉପଯୁକ୍ତ ହିତାଧିକାରୀ ଚୟନ କରିବାର ଆବଶ୍ୟକତା ନ ଥିଲା ବୋଧହୁଏ। ନିର୍ବାଚନ ଠିକ୍ ଆଗରୁ ଏଇଭଳି ଟଙ୍କା ବାଣ୍ଟିବାକୁ କେହି ନିର୍ବାଚନ କମିଶନ ବା କୋର୍ଟ ଏପର୍ଯ୍ୟନ୍ତ ବେଆଇନ ବୋଲି କହିନାହାନ୍ତି। ଏହିଭଳି ଅନେକ ଟଙ୍କାବଣ୍ଟା ସ୍କିମ୍ କାଲି ଥିଲା ଓ ଆଜି ଅଛି। ରାଜ୍ୟର ବିରୋଧୀ ଦଳ ଏହିପରି ବଣ୍ଟାବଣ୍ଟି ପରମ୍ପରା ଅର୍ଥନୀତିର ପରିପନ୍ଥୀ କହୁଥିବାବେଳେ ଯେଉଁ ରାଜ୍ୟରେ ଶାସନ ଭାର ଚଳାଉଛନ୍ତି, ସେଠାରେ ତାକୁ ହିଁ ଅନୁସରଣ କରୁଛନ୍ତି, ତାହାହିଁ ସବୁଠୁ ବଡ଼ ସମସ୍ୟା ଓ ଆହ୍ୱାନ।

ଭିତ୍ତିଭୂମିର ବିକାଶ ନିହାତି ଜରୁରୀ ; ମାତ୍ର ବ୍ୟକ୍ତିଗତ ଉନ୍ନୟନ ପାଇଁ ଯଦି ଅର୍ଥରାଶି ଦେବାର ପ୍ରାବଧାନ ରହିବ, ତାହେଲେ ବଜେଟରେ ତା'ର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଅତ୍ୟନ୍ତ ଆବଶ୍ୟକ। ପାର୍ଲାମେଣ୍ଟ ପକ୍ଷରୁ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ନୀତି ନିର୍ଦ୍ଧାରିତ ହେଲେ ଦେଶ ପାଇଁ ମଙ୍ଗଳକର ହେବ। ନ ହେଲେ ସମଗ୍ର ଦେଶ ଭୀଷଣ ବିଭୀଷିକା ଆଡ଼କୁ ଦ୍ରୁତ ପଦକ୍ଷେପରେ ଗତି କରୁଛି ବୋଲି ଧରିବାକୁ ହେବ। ଯଦି ପାର୍ଲାମେଣ୍ଟ ଏପରି ଆଇନ କରିବା ପାଇଁ ଅସମ୍ମତ କିମ୍ବା ଅକ୍ଷମ, ତା'ହେଲେ ସୁପ୍ରିମକୋର୍ଟ ସମ୍ବିଧାନ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କିଛି ନିୟମ ଜାରି କରନ୍ତୁ। ତାହା ହୁଏତ ଦେଶକୁ ଭବିଷ୍ୟତରେ ବଡ଼ ଆର୍ଥିକ ଦୁରବସ୍ଥାରୁ ବଞ୍ଚେଇପାରିବ। ନ ହେଲେ ଏବେଠୁ ସାଧୁ ସାବଧାନ!

ମୋ: ୯୪୩୮୪୮୨୯୧୧

## ପାଠକ ଶ୍ରେଷ୍ଠ ବିଚାରକ

### ସାମ୍ବାଦିକଙ୍କୁ ପେନ୍‌ସନ ଦିଆଯାଉ

ମହାଶୟ,

ଦେଖାଯାଏ, ପ୍ରତିବର୍ଷ ପ୍ରେସ୍ ଦିବସ ଅବସରରେ ସାମ୍ବାଦିକଙ୍କୁ ପେନ୍‌ସନ, ସାମ୍ବାଦିକ ବୀମା ଭଳି ବହୁ ବିଷୟ ଗଣମାଧ୍ୟମରେ ବ୍ରେକିଂ ନ୍ୟୁଜ୍ ହୁଏ। ଏହା ଚଳିତ ବର୍ଷ ମଧ୍ୟ ପ୍ରତିଫଳିତ ହୋଇଛି। ତେବେ ପ୍ରକୃତରେ ସାମ୍ବାଦିକ କିଏ ? ଏହାର ନିର୍ଦ୍ଦିଷ୍ଟ ସଂଜ୍ଞା କ'ଣ, କେତେଜଣ ସାମ୍ବାଦିକ ରହିଛନ୍ତି ? ଖବରକାଗଜ କିମ୍ବା ଗଣମାଧ୍ୟମରେ ଅନେକ ବୟସ୍କ ସାମ୍ବାଦିକ ଅଛନ୍ତି। ଏହା ଏକ ଗଣ ଅନୁଷ୍ଠାନ। ସାମ୍ବାଦିକ ଜନତାଙ୍କ ସ୍ୱାର୍ଥର ଜାଗ୍ରତ ପ୍ରହରୀ। ଜର୍ନାଲିଜମ୍ ପରିଭାଷାରେ କେବଳ ବ୍ଲକ୍, ଜିଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ରିପୋର୍ଟର ହିଁ ସାମ୍ବାଦିକ ଭାବେ ଗଣ୍ୟ ହୁଅନ୍ତି। ଏଣେ ସମ୍ପାଦକ, ସହ ସମ୍ପାଦକ ମଧ୍ୟ ମୁଖ୍ୟାଳୟରେ କାର୍ଯ୍ୟରତ। ଏମାନଙ୍କୁ ତୁରନ୍ତ ପେନ୍‌ସନ ପ୍ରଦାନ କରାଯାଉ, ଯାହାଦ୍ୱାରା ଏମାନଙ୍କ ଅବସରକାଳୀନ ଜୀବନ ସୁଖମୟ ହୋଇପାରିବ।

-ଡି.ପି. ତ୍ରିପାଠୀ, ପୁରୀ

## ଚିରନ୍ତନୀ

ମୁଁ ଯେ ବସିଛି ସିନ୍ଧୁ ଏ ପାରେ
ଯାହା ପଥ ଚାହିଁ
ସେପାରେ ଭ୍ରମଇ ସେ କି
ଅଧୀର ମୋ ପାଇଁ ?
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗଛକୁ ଧକ୍କାଦେଲା ପିକ୍‌ଅପ୍, ଡ୍ରାଇଭରଙ୍କ ମୃତ୍ୟୁ

ପାଟଣା, ୨୫।୧୨ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର କେନ୍ଦେଇପଶି ରାସ୍ତାର ଡେଣୁଆଁ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦୁଗ୍ଧ ବୋଝେଇ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇଛି। ଫଳରେ ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଚାଳକଙ୍କ ମୃତ୍ୟୁ ଘଟିଛି। ହେଲ୍‌ପର୍ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତ ବୁଢ଼ୀକାପୁଡ଼ି ଗ୍ରାମର ଶିବ ଶଙ୍କର ନାଏକ (୪୨)। ଦୁର୍ଘଟଣା ପରେ ଗାଡ଼ି ଭିତରେ ଚାପି ହୋଇଥିବା ଡ୍ରାଇଭର ଓ ହେଲପରଙ୍କୁ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ୍ରାଇଭରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତୁରୁମୁଙ୍ଗା ପୋଲିସ ଗାଡ଼ି ଜବତ କରି ଏକ ମାମଲା(ନଂ. ୩୩୧/୨୪)ରୁଜୁ କରିଛି।

### ସାମାଜିକ କର୍ମୀଙ୍କ ପରଲୋକ

କେନ୍ଦୁଝର, ୨୫।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ଆଟପୁର ସାହିର ବିଶିଷ୍ଟ ସାମାଜିକ କର୍ମୀ ଦାଶରଥି ସାହୁ(୯୧)ଙ୍କ ପରଲୋକ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ମୁଖ୍ୟ କିରାଣୀ ଭାବେ ଅବସର ନେଇ ବିଭିନ୍ନ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହୋଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁ ବେଳେ ତାଙ୍କ ପାଖରେ ପୁଅ ବସନ୍ତ ସାହୁ, ପ୍ରଶାନ୍ତ ସାହୁ ଓ ସନ୍ତୋଷ ସାହୁ ଓ ବୋହୂ ନାତିନାତୁଣୀ ମାନେ ଉପସ୍ଥିତ ଥିଲେ।

### ହକରଙ୍କ ପିତୃ ବିୟୋଗ

ପାଟଣା, ୨୫।୧୨ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ଶାସନର ସୋମନାଥ କର(୭୫)ଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ପାଟଣା ବ୍ଲକ୍ ଧରିତ୍ରୀ ଖବରକାଗଜ ହକର ଶକ୍ତି ଶେଖର କରଙ୍କ ବାପା। ସୋମନାଥ ଦୀର୍ଘ ଦିନ ହେବ ଶଯ୍ୟାସାୟୀ ଥିଲେ। ଗୁରୁବାର ସକାଳୁ ପାଟଣା ବୈତରଣୀ ନଦୀର ଦୁର୍ଗାଦେଇପୁର ଶ୍ମଶାନ ଘାଟରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହେବ।

### ଗାଡ଼ି ଚାପାରେ ଯୁବକଙ୍କ ମୃତ୍ୟୁ

ଡେଙ୍କିକୋଟ, ୨୫।୧୨ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଡେଙ୍କିକୋଟ ପୋଲିସ ବିଟ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ସାନବରବେଡ଼ା ଛକ ଜାତୀୟ ରାଜପଥ ୨୦ ନଂ.ରେ ବୁଧବାର ସନ୍ଧ୍ୟାରେ ଗାଡ଼ି ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ପଇଡାପାଟଣା ପଞ୍ଚାୟତ ସଗଡ଼ିଆ ଗ୍ରାମର ଆନନ୍ଦ ଚନ୍ଦ୍ର ମହାନ୍ତ। ସେ ଭାଜପାର ଜଣେ ସକ୍ରୀୟ କର୍ମୀ ଥିଲେ ବୋଲି ଜଣାପଡ଼ିଛି। ସେ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଦିବସରେ ଯୋଗଦେବାକୁ ଡେଙ୍କିକୋଟକୁ ଆସିଥିଲେ। ଘରକୁ ବାଇକ୍ ଯୋଗେ ଫେରୁଥିବା ବେଳେ ଅଜଣା ଭାରିଯାନ ତାଙ୍କ ଉପରେ ମାଡ଼ି ଯାଇଥିଲା। ସ୍ଥାନୀୟ ଜନସାଧାରଣ ରାଜପଥରେ ଟାୟାର ଜାଳି ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। ଡେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ, ଏଏସ୍‌ଆଇ ସୁରଥ ଦେହୁରୀ ପହଞ୍ଚି ବୁଝାଶୁଝା କରୁଥିବା ଜଣାପଡ଼ିଛି। ରିପୋର୍ଟ ଲେଖା ହେବା ବେଳକୁ ଅବରୋଧ ଜାରି ରହିଥିଲା।

# 'ଗ୍ରାମୀଣ ସଡ଼କ ଯୋଜନାରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ'

କେନ୍ଦୁଝର, ୨୫।୧୨
(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)


ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ଜନନାୟକ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶତବାର୍ଷିକୀ ଜନ୍ମ ଜୟନ୍ତୀ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଜିଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂହଙ୍କ ସଭାପତିତ୍ୱ କରି ଜିଲାରେ ସୁଶାସନର ସମସ୍ତ ଭିତ୍ତିଭୂମିକୁ ସଶକ୍ତ କରାଯାଉଛି। ଏହାର ପ୍ରତିଫଳନ ଜନସାଧାରଣଙ୍କ ନିକଟରେ ପହଞ୍ଚୁଛି ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇ ପ୍ରଧାନମନ୍ତ୍ରୀତ୍ୱ କାଳରେ ଦେଶର ଆର୍ଥିକ ଅଭିବୃଦ୍ଧି, ବୈଦେଶିକ ନୀତି, କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତୀକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ।

ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକୀର ମୋହନ ନାଏକ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡ଼ି, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଓ ଜିଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ସାହିତ୍ୟିକ ସୁଧା ଦାଶ ଯୋଗଦେଇଥିଲେ। ପରେ କାବ୍ୟାଞ୍ଜଳି ସମିତିର ମିଳିତ ସହଯୋଗରେ ସହସ୍ରାଧିକ କବିଙ୍କୁ ନେଇ ସ୍ୱର୍ଗତ ଅଟଳ ଜୀ, ସୁଶାସନ ଏବଂ ଜାତୀୟତାବୋଧ ପ୍ରସଙ୍ଗରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାବ୍ୟାଞ୍ଜଳି କାର୍ଯ୍ୟକାରୀ ସମିତି ପକ୍ଷରୁ ରାଧାକାନ୍ତ ମହାନ୍ତ, ଭାବଗ୍ରାହୀ ମହାନ୍ତ ଓ କମଳାକାନ୍ତ ମହାନ୍ତ ପରିଚାଳନା କରିଥିଲେ। ପ୍ରଶାସନ ପକ୍ଷରୁ ଅଟଳଜୀଙ୍କ ବାବଦରେ ପ୍ରକାଶିତ ବିଭିନ୍ନ ଖବରକାଗଜର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। କବି ଓ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଏ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ସଭା ପରିଚାଳନା କରିଥିଲେ।

# ୭ ଗିରଫ, ଚୋରି ସୁନା ଜବତ

ଚମ୍ପୁଆ, ୨୫।୧୨ (ମହେଶ୍ୱର ଦାସ)

**ସୁନାଦୋକାନୀଙ୍କଠାରୁ ଲୁଟ୍ ମାମଲା**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ସରେଇ ପଞ୍ଚାୟତର ଉର୍ଦ୍ଦୀ ଛକଠାରେ ବନ୍ଧୁକ ମୁନରେ ସୁନାଦୋକାନୀଙ୍କଠାରୁ ୨୫ ଲକ୍ଷ ଟଙ୍କାର ସୁନା ଓ ରୁପା ଗହଣା ଲୁଟ୍ ମାମଲାରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ମଝିଗାଁ, କୁଶମି, ବାଦାମପାହାଡ଼ ଆଦି ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ଚୋରି ସୁନା ଅଳଙ୍କାର ଜବତ ହୋଇଛି। ସୂଚନା ଅନୁଯାୟୀ, ନଭେମ୍ବର ୨୦ ରାତିରେ ହିରଣ୍ୟ ସାହୁ ଦୋକାନ ବନ୍ଦକରି ଘରକୁ ଫେରୁଥିଲେ। ଘରଠାରୁ ଅନତି ଦୂରରେ ୨ ବାଇକ୍‌ରେ ୬ ଜଣ ବନ୍ଧୁକ ଦେଖାଇ ତାଙ୍କଠାରୁ ସୁନା ଓ ରୁପା ଭର୍ତ୍ତି ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏ ନେଇ ଚମ୍ପୁଆ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୯୬/୨୪) ରୁଜୁକରି ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଥିଲା। କେନ୍ଦୁଝର ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକଙ୍କ ନେତୃତ୍ୱରେ ଆଇଆଇସି ଦେବକୀ ନାଏକ, ସବ୍‌ଇନ୍ସପେକ୍ଟର ବରଦା ପ୍ରସନ୍ନ ସାହୁ ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ ହୋଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଟିମ୍ ଉତ୍ତରପ୍ରଦେଶରୁ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଝାଡ଼ଖଣ୍ଡ ଚାଇଁବସାରେ ବଣିଆ ସୁମିତ ଶୋନି ଓ ବ୍ୟାଙ୍କ କର୍ମଚାରୀ ଗୁଞ୍ଜନ ନନ୍ଦ ଅଳଙ୍କାର କିଣିଥିବାରୁ ତାଙ୍କୁ ଗିରଫ କରାଯାଇଛି। ଝାଡ଼ଖଣ୍ଡ ବିଷ୍ଣୁପୁର ଅଞ୍ଚଳରୁ ତରଳାଯାଇଥିବା ୬୮.୬୧୦ ମିଲିଗ୍ରାମ ସୁନା ଜବତ କରାଯାଇଛି।

# ଜିଲାପାଳଙ୍କୁ ଗୁହାରିକଲେ ହିତାଧିକାରୀ

ଛେନାପଦି, ୨୫।୧୨ (ନିରାକାର ପରିଡ଼ା)

**ଆବାସ ଅନୁଦାନ ଅନ୍ୟ ଆକାଉଣ୍ଟକୁ ଯିବା ଘଟଣା**

ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବେ, ପକ୍କାଘରେ ରହିବେ ଏପରି କେତେ କ'ଣ ଆଶା ରଖିଥିଲେ। କାର୍ଯ୍ୟାଦେଶ ମିଳିଲା, ହେଲେ ଅନୁଦାନର ପ୍ରଥମ କିସ୍ତି ଟଙ୍କା ଅନ୍ୟ ଲୋକଙ୍କ ଆକାଉଣ୍ଟକୁ ଗଲା ଯେ, ଆଉ ଫେରିଲା ନାହିଁ। ଏ ନେଇ ବାରମ୍ବାର ବିଡିଓ, ଜିଲାପାଳଙ୍କୁ ଅଭିଯୋଗ କଲେ। ମାତ୍ର କୌଣସି ଫଳ ମିଳିଲା ନାହିଁ। ତେଣୁ ହିତାଧିକାରୀମାନେ ପୁଣି ଜିଲାପାଳଙ୍କୁ ଗୁହାରି କରି ଆବାସ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିବାକୁ କହିଛନ୍ତି।

ପ୍ରକାଶ ଯେ, ହାଟଡିହୀ ବ୍ଲକ୍ ଅଧୀନ ଆଇଡିପୁର ପଞ୍ଚାୟତ ରତକଣା ଗ୍ରାମର ଦୀପକ ସେଠୀଙ୍କ ସ୍ତ୍ରୀ ସସ୍ମିତା ସେଠୀଙ୍କ ନାମରେ ୨୦୨୨-୨୩ ଆର୍ଥିକ ବର୍ଷରେ ଆବାସ ଯୋଜନାରେ 'ଫନି' ଘର ଯୋଗାଇ ଦିଆଯାଇଥିଲା। ପ୍ରଥମ କିସ୍ତିରେ ତାଙ୍କ ଆକାଉଣ୍ଟକୁ ୪୦ହଜାର ଦିଆଯାଇଛି ବୋଲି କୁହାଗଲା। ମାତ୍ର ସେ ଦେଇଥିବା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଯାଇ ନ ଥିଲା। ବାରମ୍ବାର ବ୍ଲକ୍‌କୁ ଯାଇ ବୁଝିବା ପରେ ତାଙ୍କ ଗ୍ରାମର ଅନ୍ୟ ଜଣେ ମହିଳାଙ୍କ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଆକାଉଣ୍ଟକୁ ଟଙ୍କା ପଳାଇଥିବା ବ୍ଲକ୍ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଆକାଉଣ୍ଟକୁ କିଭଳି ଟଙ୍କା ଫେରିବ ସେନେଇ ବ୍ଲକ୍ କର୍ତ୍ତୃପକ୍ଷ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ। କିନ୍ତୁ ୨ ବର୍ଷ ବିତିବାକୁ ବସିଥିବା ବେଳେ ଆଜି ପର୍ଯ୍ୟନ୍ତ ତାଙ୍କ ପ୍ରଥମ କିସ୍ତି ପାଇପାରିନାହାନ୍ତି। ଏ ନେଇ ବାରମ୍ବାର ବ୍ଲକ୍‌କୁ ଦୌଡ଼ି ନିରାଶ ହୋଇଛନ୍ତି। ୩ ମାସ ତଳେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଗୁହାରି କରିଥିଲେ ବି କିଛି ଫଳ ମିଳି ନ ଥିବା କହିଛନ୍ତି। ଏ ନେଇ ପୁନର୍ବାର ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ପଞ୍ଚୁଗୋଛିଆ ପଞ୍ଚାୟତ ବରଡି ଗ୍ରାମର ଶ୍ରୀଧର ଯେନାଙ୍କ ସ୍ତ୍ରୀ ରୋଦନ ଯେନାଙ୍କ ନାମରେ ୨୦୨୨-୨୩ ବର୍ଷରେ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଛି। ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ବଡ଼ ରମ୍ଭାସ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିର ଆକାଉଣ୍ଟ ପଳାଇଥିଲା। ଏ ନେଇ ଦମ୍ପତି ବାରମ୍ବାର ପଞ୍ଚାୟତଠୁ ବ୍ଲକ୍ ପର୍ଯ୍ୟନ୍ତ ଦୌଡ଼ି ନିରାଶ ହେବା ପରେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଜିଲାପାଳ ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ବିଡିଓଙ୍କୁ କହିଥିବା ଜଣାପଡ଼ିଛି। ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ବ୍ଲକ୍‌ରେ ୬ ଶହରୁ ଊର୍ଦ୍ଧ୍ୱ ହିତାଧୀକାରୀଙ୍କ ଟଙ୍କା ଏପରି ଭିନ୍ନ ଆକାଉଣ୍ଟକୁ ପଳାଇଛି। ପ୍ରାୟତଃ ବହୁ ହିତାଧିକାରୀଙ୍କୁ ଟଙ୍କା ଫେରସ୍ତ କରିଦିଆଯାଇଛି। ଆଉ ୨୩ ଜଣ ହିତାଧିକାରୀଙ୍କ ଏପରି ସମସ୍ୟା ଅଛି। ପୂର୍ବରୁ ଆମେ ୩ ଜଣଙ୍କ ନାମରେ ଥାନାରେ ଏଫ୍‌ଆଇଆର୍ ଦେଇଥିଲୁ। ସେମାନେ ଟଙ୍କା ଫେରାଇ ଦେଇଛନ୍ତି। ଅନ୍ୟମାନଙ୍କ ନାମରେ ଅତିଶୀଘ୍ର ଏଫ୍‌ଆଇଆର୍ ଦେବେ ବୋଲି କହିଛନ୍ତି।

# ବିବେକାନନ୍ଦ ପାଠକ ମଞ୍ଚର ସ୍ୱନକ୍ଷତ୍ର ଉତ୍ସବ

ହାଟଡ଼ିହୀ/ଛେନାପଦୀ/ ବଉଳା, ୨୫।୧୨ (ଶୁଭକାନ୍ତ ନାୟକ/ ନିରାକାର ପରିଡ଼ା/ ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ନୂଆରମ୍ଭାସ ବିବେକାନନ୍ଦ ପାଠକ ମଞ୍ଚ ତରଫରୁ ବିଂଶତିତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରେଷ୍ଠ ପାଠକ ଚୟନ ଏବଂ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ବଡ଼ରମ୍ଭାସ ଜପିଦାସ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଆୟୋଜିତ ଶ୍ରେଷ୍ଠ ପାଠକ ଚୟନ ଲିଖିତ ପରୀକ୍ଷା, ଆଶୁ ଓଡ଼ିଆ କବିତା ଲିଖନ, ବକ୍ତୃତା ଆଦି ପ୍ରତିଯୋଗିତାରେ ହାଟଡ଼ିହୀ ବ୍ଲକ୍‌ର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ପ୍ରଥମ ପର୍ଯ୍ୟାୟରେ ଶ୍ରେଷ୍ଠ ପାଠକ ଚୟନର ସାକ୍ଷାତକାର ପରୀକ୍ଷାରେ ବିଚାରକଭାବେ ଆନନ୍ଦପୁର ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ବଶିଷ୍ଠ ବେହେରା ଏବଂ ଅଧ୍ୟାପକ କାହ୍ନୁ ଚରଣ ଜେନା ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବସନ୍ତ ମଞ୍ଜରୀ ପହି, ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ଆୟଚ, ଅଧ୍ୟାପକ ସନ୍ତୋଷ ପଟ୍ଟନାୟକ ଏବଂ ନରେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ପାଠକ ମଞ୍ଚର ଆବାହକ ରବୀନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ପାଠକ ମଞ୍ଚର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଶାସନିକ ଅଧିକାରୀ ପହିଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ଟ୍ରଫି ଏବଂ ପୁସ୍ତକ ସହ ଅର୍ଥରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ପାଠକ ମଞ୍ଚର ସଦସ୍ୟ ସୁଶୀଳ ଶୁଭଦୀପ ନାୟକ ମଞ୍ଚ ପରିଚାଳନାର ଭାର ସମ୍ଭାଳିଥିବା ବେଳେ କର୍ମକର୍ତ୍ତା ଧୀରେନ୍ଦ୍ର ନାଥ ଖଟୁଆ, ବୀତିହୋତ୍ର ନାୟକ, ସାରଦା ପ୍ରସନ୍ନ ଜେନା, ଅଭିମନ୍ୟୁ ସାହୁ, ସୁରେନ୍ଦ୍ର ସେନାପତି, ସୁଶାନ୍ତ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ମନ୍ତ୍ରପାଠ, ସାଧାରଣ ଜ୍ଞାନ ପ୍ରାଞ୍ଜଳ ଭାବେ କହୁଛନ୍ତି




କେନ୍ଦୁଝର, ୨୫।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ରୁଦ୍ରାଂଶ**

ମାତ୍ର ଅଢ଼େଇ ବର୍ଷ ବୟସରେ ମନ୍ତ୍ରପାଠ, ସାଧାରଣ ଜ୍ଞାନ, ଦେଶର ଜାତୀୟ ପ୍ରତୀକ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ନାମକୁ ପ୍ରାଞ୍ଜଳ ଭାବେ କହିପାରୁଛନ୍ତି। ଏଭଳି ବିଚକ୍ଷଣ ବୁଦ୍ଧି ଏବଂ ଅଦ୍ଭୁତ ସ୍ମରଣଶକ୍ତି ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ-୨୦୨୪ ଆଚିଭର୍ସ ହୋଇଛନ୍ତି କେନ୍ଦୁଝର ସହର ପାର୍କ ଲାଇନ୍ ନିବାସୀ ପୂର୍ଣ୍ଣିମା ସେନାପତି ଏବଂ ଯୁବ ଇଞ୍ଜିନିୟର ମାନସ ରଞ୍ଜନ ରଣାଙ୍କ ପୁଅ ଆର. ରୁଦ୍ରାଂଶ। ଭଲ ଭାବେ ପାଟି ଫିଟି ନ ଥିବା ବୟସରେ ବିଚକ୍ଷଣ ବୁଦ୍ଧି ପାଇଁ ଏତେ ବଡ଼ ରେକର୍ଡ ହାସଲ କରିଥିବାରୁ ତାଙ୍କ ପରିବାରରେ ଖୁସିର ମାହୋଲ ଖେଳିଯାଇଛି। ମାତ୍ର ୧୦ ମାସର ହୋଇଥିବାବେଳେ ରଙ୍ଗବେରଙ୍ଗୀ ବହିଦେଖି ଖୁବ୍ ଖୁସି ହେବା ସହ ନୂଆ ନୂଆ ଜିନିଷ ଜାଣିବାକୁ ତାଙ୍କର ବେଶ୍ ଆଗ୍ରହ ହେଉଥିଲା। ପୁଅର ଆଗ୍ରହ ଦେଖି ମା' ତାଙ୍କୁ ଖେଳ ଖେଳରେ ବିଭିନ୍ନ ବିଷୟରେ ଶିଖାଇବା ଆରମ୍ଭ କରିଥିଲେ। ୨ ବର୍ଷ ହେବା ବେଳକୁ ରୁଦ୍ରାଂଶ ୩୦ରୁ ଅଧିକ ପ୍ରକାରର ଫଳ, ଫୁଲ, ପରିବା, ଗୃହପାଳିତ ଓ ଜଙ୍ଗଲୀ ପଶୁ, ପକ୍ଷୀଙ୍କ ନାମ, ଯାନବାହନ, ପ୍ରଫେସନ, ବିଭିନ୍ନ ରଙ୍ଗ, ଆକାର, ଇଂଲିଶ ବର୍ଣ୍ଣମାଳା ସହ ପ୍ରତି ଅକ୍ଷରରେ ଶବ୍ଦ, ଏକାଧିକ ମନ୍ତ୍ର, ୨୦ରୁ ଅଧିକ ଜାତୀୟ ପ୍ରତୀକ, ପରିବାରର ସଦସ୍ୟଙ୍କ ନାମ, ସପ୍ତାହର ସାତ ଦିନ, ରାଇମ୍ସ କହି ପାରୁଥିଲେ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ବିଷୟରେ ଜାଣିବା ପରେ ମାଆବାପା ପୁଅକୁ ଏଥିପାଇଁ ପ୍ରସ୍ତୁତ କରାଇଥିଲେ। ଜେଜେମା ସବିତାରାଣୀ, ଜେଜେବାପା ସୁରେଶ ଚନ୍ଦ୍ର ରଣା ଏବଂ ବଡ଼ ଭଉଣୀ ସମାଇରା ମଧ୍ୟ ରୁଦ୍ରାଂଶଙ୍କୁ ଏହି ସବୁ ଶିଖିବାରେ ସାହାଯ୍ୟ କରିଥିଲେ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ-୨୦୨୪ରେ ତାଙ୍କ ନାମ ସ୍ଥାନିତ ହେବା ପରେ ପୁଅର ସଫଳତା ପାଇଁ ପରିବାରକୁ ବିଭିନ୍ନ ମହଲରୁ ପ୍ରଶଂସା ସୁଅ ଛୁଟୁଛି।


(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

| Sl. No. | Khata No. | Plot No. | Total Area (In Ac.) | Proposed area to be Acquired (In Ac.) | Kissam | Name of the Tenant |
|---|---|---|---|---|---|---|
| | | | | | | ରେ.ଦ.ନ.-୮୬୩ ତା-୦୮.୦୪.୧୯୯୬ ଜରସମନ-୬୭୦୦/-; ଚିନ୍ତାମଣି ପଲେଇ, ପି- ଭିକାରି ପଲେଇ ଅଂଶ ପ. ଖ. ସୁ ଦ ଜପହରି ସ୍ୱାଇଁ, ପି- ଦୈତାରୀ ସ୍ୱାଇଁ, ଜା- ଚଷା, ସା- ଜିଲାନାସି, ପୋ- ତାଳଦଣ୍ଡା, ଜିଲ୍ଲା- ଜଗତସିଂହପୁର, ରେ.ଦ.ନ.-757, ତା-23.04.1997 ଜରସମନ-13400/-; ପରିକ୍ଷିତ ସେନାପତି, ପି- ଆଦିକନ୍ଦ ସେନାପତି ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ ରୋହିତ କୁମାର ପ୍ରଧାନ, ପି- ମକର ପ୍ରଧାନ, ଜା:- ଚଷା, ସା- ଜିଲାନାସୀ, ପୋ- ତାଳଦଣ୍ଡା ରେ.ଦ. ନ.- ୩୨୮୫, ତା-୦୨.୧୨.୧୯୯୬ ଜରସମନ- ୬୬୦୦/-; ନିରଞ୍ଜନ ବେହେରା, ପି- ମଧୁ ବେହେରା, ପି- ମଧୁ ବେହେରା ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ କୃଷ୍ଣ ଚନ୍ଦ୍ର ଦାସ, ପି- ଗଜି ଦାସ, ସା- ତେନ୍ତୁଳିଆଖମାର, ପୋ- ତାଳଦଣ୍ଡା ରେ.ଦ.ନ.-୧୦୧୩, ତା-୧୯.୦୪.୧୯୯୩ ଜରସମନ- ୬୦୦୦/-; ଦିବାକର ସାହୁ, ପି- କାଶୀ ସାହୁ ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ କୃଷ୍ଣ ଚନ୍ଦ୍ର ଦାସ, ପି- ଗଜି ଦାସ, ସା- ତେନ୍ତୁଳିଆଖମାର, ପୋ- ତାଳଦଣ୍ଡା ରେ.ଦ.ନ.-୧୦୧୪, ତା-୧୯.୦୪.୧୯୯୩ |
| 129 | 45/92 | 23 | 0.010 | 0.010 | ଘରବାରି | ସହଦେବ ମଣ୍ଡଳ, ପି: ଶୁକଦେବ ମଣ୍ଡଳ, ଜା: ଖଣ୍ଡାୟତ, ବା: ବଡତୁବି |
| 130 | 45/87 | 23/464 | 0.010 | 0.010 | ଘରବାରି | ଗୋପିନାଥ ଦଳାଇ, ଶୁବାଷ ଚନ୍ଦ୍ର ଦଳାଇ, ଅର୍ଜୁନ ଚରଣ ଦଳାଇ, ରବିନ୍ଦ୍ର ନାଥ ଦଳାଇ, ପି: ଶୁଦର୍ଶନ ଦଳାଇ ଭାଗ ୧ ଜା: କୈବର୍ତ୍ତ, ନକୁଳ ଦଳାଇ, ପି: ହାଡିବନ୍ଧୁ ଦଳାଇ ଭାଗ ୧, ମାୟାଧର ଦଳାଇ ପି: ନରି ଦଳାଇ ଭାଗ ୧, ଲକ୍ଷ୍ମଣ ବେହେରା, ଶତୃଘନ ବେହେରା, ପି: ମଧୁ ବେହେରା, ବା:, ଭରତ ବେହେରା, ପି: ମଧୁ ବେହେରା ଭାଗ ୧ ବା: ଚକ୍ରଧରପୁର, ଲକ୍ଷ୍ମୀଧର ତରାଇ, ମାଗୁଣି ତରାଇ, ଭାଗବତ ତରାଇ, ପି: ଧଡି ତରାଇ, ବା: ଚୁନିଲତା ତରାଇ, ସ୍ୱା: ନାରାୟଣ ତରାଇ ଭାଗ ୧, ବା: ପିପଳ, ଗନ୍ଧର୍ବ ପରିଡା, ପି: ଉଦ ପରିଡା ଭାଗ ୧, ବା:, ମଣି ବେହେରା ପି: ଭଗି ବେହେରା ଭାଗ ୧ ଜା: କୈବର୍ତ୍ତ ବା: ଜୟଶଙ୍କପୁର, ଥା- କୁଜଙ୍ଗ, ଜି- ଜଗତସିଂହପୁର |
| 131 | 45/85 | 23/460 | 0.010 | 0.010 | ଘରବାରି | ଧନେଶ୍ୱର ମହାପାତ୍ର ପି: ବ୍ରହ୍ମାନନ୍ଦ ମହାପାତ୍ର ଜା: ଖଣ୍ଡାୟତ ବା: ଜନାର୍ଦ୍ଦନପୁର କି ଟ 1/9 ଭାଗ, ଅଭିରାମ ସାମଲ, ଭାସ୍କର ସାମଲ ପି: ଭଗବାନ ସାମଲ ଜା: ଖଣ୍ଡାୟତ ବା: କି ଟ 2/9 ଭାଗ, ଶିବ ଚରଣ ମହାନ୍ତି ପି: ଗଙ୍ଗାଧର ମହାନ୍ତି ଜା: ଖଣ୍ଡାୟତ ବା: କି ଟ 1/9 ଭାଗ ବା- ଜିଲ୍ଲାନାସି ଥା- କୁଜଙ୍ଗ, ଅନାଦି ଚରଣ ମହାପାତ୍ର ପି: ସିଦ୍ଧେଶ୍ୱର ମହାପାତ୍ର ଜା: ଚଷା ବା: ତେନ୍ତୁଳିଆଖମାର କି ତ 1/9 ଭାଗ, ଶୈଳେନ୍ଦ୍ର କୁମାର ପରିଡା ପି: ଭଗବାନ ପରିଡା ବା: କୋଠିଆ ସାହି ଥାନା- କୁଜଙ୍ଗ କି ଟ 1/9 ଭାଗ, ଶଙ୍ଖାଳି ଚରଣ ପରିଡା ପି: ଧ୍ରୁବ ଚରଣ ପରିଡା ଜା: ଖଣ୍ଡାୟତ ବା: ଷଣ୍ଢପୁର କି ଟ 1/9 ଭାଗ, ରମେଶ ଚନ୍ଦ୍ର ମହାପାତ୍ର ପି: ଗଜେନ୍ଦ୍ର ମହାପାତ୍ର, ଜା: ଚଷା, ବା: ବାଲିକୁଦା ଥା- ପାଟକୁରା କି ଟ 1/9 ଭାଗ, ପରମାନନ୍ଦ ରାଏ, ପି: ଗୁଣମଣି ରାଏ, ଜା: ଖଣ୍ଡାୟତ, ବା: ନୂଆଗଡ଼, ଥା- ପାରାଦୀପ କି ଟ 1/9 ଭାଗ |
| 132 | 45/95 | 23/462 | 0.010 | 0.010 | ଘରବାରି | ରବିନ୍ଦ୍ରନାଥ ସାହୁ, ପି: ସ୍ୱର୍ଗତ ଧଡି ସାହୁ, ଭରତ ସାହୁ ପି: ସ୍ୱର୍ଗତ ଧନି ସାହୁ ଜା: ତେଲି ବା: ଗ୍ରାମ- ଚକ୍ରଧରପୁରର, ପୋଷ୍ଟ- ପାରାଦୀପ ଗଡ଼, ଥାନା- ପାରାଦୀପ ଲକ, ଜିଲ୍ଲା- ଜଗତସିଂହପୁର, ପିନ-୦୭୫୪୧୪୧, ଅମୂଲ୍ୟ ମହାନ୍ତି, ପି: ସ୍ୱର୍ଗତ ଦଧି ମହାନ୍ତି, ସୁଦର୍ଶନ ସ୍ୱାଇଁ, ପି: ସ୍ୱର୍ଗତ ମଦନ ସ୍ୱାଇଁ ଜା: ଖଣ୍ଡାୟତ, ବାବାଜୀ ଚରଣ ସ୍ୱାଇଁ ପି: ସ୍ୱର୍ଗତ ସୁନାକର ସ୍ୱାଇଁ ଜା: ପଧାନ ବା: ଗ୍ରାମ- ନିମିଡ଼ିହି, ପୋଷ୍ଟ- ପାରାଦୀପ ଗଡ଼, ଥାନା- ପାରାଦୀପ ଲକ, ଜିଲ୍ଲା- ଜଗତସିଂହପୁର, ପିନ- ୭୫୪୧୪୧, ବାବୁଲି ମହାପାତ୍ର, ପି: ସ୍ୱର୍ଗତ ନକୁଳ ମହାପାତ୍ର, ଅକ୍ଷୟ ମହାପାତ୍ର ପି: ସ୍ୱର୍ଗତ ସେମାନାଥ ମହାପାତ୍ର ଜା: ପଧାନ ବା: ଗ୍ରାମ- ଜିଲ୍ଲାନସୀ, ପୋଷ୍ଟ- ତାଳଦଣ୍ଡା, ଥାନା- କୁଜଙ୍ଗ, ଜିଲ୍ଲା- ଜଗତସିଂହପୁର, ପିନ-୭୫୪୧୪୧ |
| | | | 478.159 | 383.844 | | |

OIPR-24001/14/0144/2425 Sd./- Spl. Land Acquisition Officer, Kendrapara



ଓଡ଼ିଶା ସରକାର
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪

No. RR-44: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଓଡ଼ିଶା ଥିମ୍ ପାଭିଲିୟନ ପାଇଁ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ସଂସ୍ଥା ନିୟୋଜନ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବସାଇଟ୍ **(https://culture.odisha.gov.in/)**ର OLLC/12973ରେ ଇ-ବିଜ୍ଞାପନ ପ୍ରକାଶନ କରାଯାଇଅଛି।
ଇଚ୍ଛୁକ ଥିବା ସଂସ୍ଥାମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ ପରିଦର୍ଶନ କରି ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ୭ଦିନ ମଧ୍ୟରେ ଆବେଦନ କରିପାରିବେ।

OIPR-03029/11/0034/2425 ସ୍ୱା./- ନିର୍ଦ୍ଦେଶକ, ଓ.ଭା.ସା.ସଂ.



**OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR**
Phone-0680-2291405, E-Mail:eerw_gm1@yahoo.co.in
**Government of Odisha e-Procurement Notice**
Bid Identification No.Online Tender//10/SERWDG-I// 2024-25
No.O-993 Letter No.5663// RWDG-I//BAM//Date 20.12.2024

| | | | |
|---|---|---|---|
| 1 | Name of the Work | :: | Road Work under MMSY-TRIP |
| 2 | Estimated Cost | :: | Rs.83.88 Lakhs |
| 3 | Period of Completion | :: | 06 (Six) Calendar Months as shown in Column No.06 of Annexure |
| 4 | Date & Time of Availability of Bid documents in the Portal | :: | From 27.12.2024 at 11.00 AM to 07.01.2025 upto 6.00 PM |
| 5 | Last Date/Time for Receipt of Bids in the Portal | :: | 07.01.2025 upto 6.00 PM |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.

Sd./- Additional Chief Engineer
R.W.Division-I, Ganjam,
Berhampur

OIPR-25085/11/0010/2425



**ODISHA STATE CO-OPERATIVE HANDICRAFTS CORPORATION LTD.**
D-2/3 & 4, Industrial Estate, Rasulgarh, Bhubaneswar-751010
Ph-0674-2975390, GSTN:- 21AAAAO0096K2ZQ
email- oschcutkalika@gmail.com, website- www.utkalikaodisha.com
Ref. No- 3947 Dt.23.12.24

**TENDER CALL NOTICE**

**BID IDENTIFICATION NO:-**
No. CAD-1991:- The MANAGING DIRECTOR (UTKALIKA) invites sealed tenders in single cover bids from the registered Agency/ contractors for **"fitting & fixing up electrical wiring & equipment"** at OSCHC Ltd., Shed No.D-2/3 & 4, Rasulgarh, Bhubaneswar. The bid documents such as DTCN/BOQ etc. can be seen/downloaded from the website: www.utkalikaodisha.com during the period from **Dt.24.12.2024 to 30.12.2024.**

The tender shall be submitted by interested parties to this office latest by **30.12.2024 at 3.00 P.M.** along with supporting documents like PAN, GST registration, Bank account details etc. & the tender shall be opened on the same day at **4.30 PM**. Any addendum /corrigendum/ cancellation of tender can also be seen in the said website.

The undersigned reserves the right to accept or reject any or all the tenders without assigning any reason thereof.

OIPR-31041/11/0036/2425 Sd./- MANAGING DIRECTOR



**GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA**
No.O-1019
e-mail: serwsbd2003@yahoo.com
No.4732 **1st Corrigendum** Dt:20.12.24

In continuation to this office Bid Identification No- CCERWCSBD Online-16/2024-25 invited vide this office Notice No.4594, Dtd.07.12.2024, partial modification of TCN has been made as follows:-

| Sl. No. | Item | Time Schedule as per original TCN | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 12.12.2024 at 11.00 AM to 26.12.2024 upto 5.00 PM | Extended upto 09.01.2025 5.00 PM |
| 2 | Date and Time of seeking tender clarification if any | 24.12.2024 upto 2.00 PM | 08.01.2025 upto 2.00 PM |
| 3 | Date & Time of opening of tender (Technical Bid) | 27.12.2024 at 11.00 AM | 10.01.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.
OIPR-25182/11/0024/2425 Sd./- Chief Construction Engineer, Rural Works Circle, Sunabeda



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
No.O-974: At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/15-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 15-2024-25/BPR | Road Works under MMSY-CMRL | 06 Nos. | From Rs.139.83 Lakhs to Rs.656.25 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/15-2024-25/BPR | 27.12.2024 at 10.00 A.M. | 10.01.2025 upto 5.30 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in
OIPR-25071/11/0026/2425 Sd./- Chief Construction Engineer, R.W.Circle, Berhampur

# କଟା ଧାନ ଗଜା ହେଲାଣି

## ମଣ୍ଡି ଖୋଲି ନ ଥିବାରୁ ଚିନ୍ତାରେ ଚାଷୀ

ତିହିଡ଼ି,୨୫।୧୨(ସଞ୍ଜିତ ବଳ)



ଚାଷୀ ପଲିଥିନ ଢାଙ୍କି ଧାନ ରଖିଛନ୍ତି।

ଅଦିନିଆ ବର୍ଷା ଲାଗିରହିଛି। ବର୍ଷା ଛାଡ଼ିବା ୨ ଦିନ ହୋଇନି ପୁଣି ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ବର୍ଷା। ଫଳରେ କ୍ଷେତରେ କଟାହୋଇ ପଡ଼ିଥିବା ଧାନ ଗଜା ହେବାରେ ଲାଗିଲାଣି। ଧାନବିଡ଼ାକୁ ଉଠାଇ ଚାଷୀ ନୟାନ୍ତ ହେଲାଣି। ଧାନକୁ ଗଦା କରି ଚାଷୀମାନେ ପଲିଥିନ ଢ଼ାଙ୍କି ସୁରକ୍ଷା ଦେବାକୁ ଉଦ୍ୟମ ଚଳାଇଛନ୍ତି। ଅପରପକ୍ଷେ ମଣ୍ଡି ଖୋଲି ନ ଥିବାରୁ ଧାନ ବିକିବା ସମ୍ଭବ ହୋଇପାରୁନି। ଫଳରେ ଅମଳ ହୋଇ ରହିଥିବା ଧାନକୁ ସୁରକ୍ଷିତ ରଖିବା ଚାଷୀଙ୍କ ପକ୍ଷେ କଷ୍ଟସାଧ ହୋଇଛି। ଏହି ପରିପ୍ରେକ୍ଷୀରେ ବେପାରୀଙ୍କୁ ଧାନ ବିକି ଚାଷୀମାନେ ହଜାରେରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତି ସହୁଥିବା ଜଣାପଡ଼ିଛି। ତିହିଡ଼ି ବ୍ଲକରେ ଚଳିତ ଖରିଫ ଋତୁରେ ୧୯ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିଲା। ତେବେ ବାତ୍ୟା ଦାନା ପରେ ହୋଇଥିବା ବନ୍ୟା ପାଇଁ ୮ଟି ପଞ୍ଚାୟତରେ ଧାନଚାଷ କ୍ଷତିଗ୍ରସ୍ତ ହୋଇଥିଲା। ଅନ୍ୟ ପଞ୍ଚାୟତରେ ମଧ ପବନ ଯୋଗୁ ଧାନ ଅଗାଡ଼ି ହୋଇଯାଇଥିଲା। ତେବେ ବ୍ଲକ ଅଧୀନ ୩୧ ପଞ୍ଚାୟତରେ ପ୍ରାୟ ୫୦ ପ୍ରତିଶତ ଜମିରେ ଧାନ କଟା ହେବା ବେଳକୁ ଆରମ୍ଭ ହୋଇଥିଲା ବର୍ଷା। ବର୍ଷା ପାଇଁ କିଛିଦିନ ଧାନ ଅମଳ ବାଧାପ୍ରାପ୍ତ ହୋଇଥିଲା । ତେବେ ବର୍ଷା ଛାଡ଼ିବା ପରେ ଚାଷୀମାନେ ପୁଣି ଧାନ ଅମଳରେ ଲାଗିବା ବେଳକୁ ପୁଣି ଆରମ୍ଭ ହୋଇଛି ବର୍ଷା। ପୂର୍ବରୁ କ୍ଷେତରେ କଟା ହୋଇ ପଡ଼ିଥିବା ଧାନ ବର୍ଷରେ ଭିଜିଯାଇଥିଲା। ଧାନ ବିଡ଼ାକୁ ଶୁଖାଇବା ବେଳକୁ ପୁଣି ବର୍ଷା ହେବା ଯୋଗୁ ଧାନ ଗଜା ମାରିବା ଆରମ୍ଭ ହେଲାଣି।

ଅପରପକ୍ଷେ ଆସନ୍ତା ୨୭ତାରିଖଠାରୁ ସରକାରୀ ଭାବେ ମଣ୍ଡି ଖୋଲିବ ବୋଲି ଜଣାପଡ଼ିଛି। ମଣ୍ଡି ଖୋଲିବା ବିଳମ୍ବ ଯୋଗୁ ଚାଷୀମାନେ କମ୍ ଦରରେ ବେପାରୀମାନଙ୍କୁ ଧାନ ଦେବାକୁ ବାଧ୍ୟ ହେଉଛନ୍ତି। ପ୍ରତିକୂଳ ପାଗ ଯୋଗୁ ଧାନକୁ ସାଇତି ରଖିବା ଅପେକ୍ଷା କମ୍ ମୂଲ୍ୟରେ ବିକିବାକୁ ଚାଷୀମାନେ ଉଚିତ୍ ମଣୁଛନ୍ତି। ଏଥିଯୋଗୁ ଚାଷୀମାନଙ୍କୁ କ୍ଷତି ସହିବାକୁ ପଡୁଥିଲେ ମଧ ନିଜର ଗୁଜୁରାଣ ମେଣ୍ଟାଇବାକୁ ସେମାନେ ଧାନ ବିକିବାକୁ ବାଧ ହେଉଥିବା ଜଣାପଡ଼ିଛି। ତେବେ ଅଦିନିଆ ବର୍ଷା ଯୋଗୁ ଚଳିତ ବର୍ଷ ଧାନ ଅମଳ ପ୍ରଭାବିତ ହେବ ବୋଲି ଜଣାପଡ଼ିଛି। କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହୋଇଛି।

# ପୁଣି ଲଘୁଚାପ ବର୍ଷା, ଚାଷୀ ଅଥୟ



ବିଲରେ ଜମିଥିବା ବର୍ଷାପାଣି।

ଧୂଷୁରୀ,୨୫।୧୨(ଦୀପ୍ତି ରଞ୍ଜନ ନାୟକ)

ଲଘୁଚାପ ଜନିତ ବର୍ଷା ଯୋଗୁ ଭଦ୍ରକ ଜିଲା ଚାନ୍ଦବାଲି ଓ ଧାମନଗର ବ୍ଲକରେ ଥିବା ବିଭିନ୍ନ ପଞ୍ଚାୟତରେ ଧାନ ଫସଲ ନଷ୍ଟ ହୋଇଯାଇଛି। ବର୍ଷାରେ କିଛି ସ୍ଥାନରେ ଧାନ ଗଜା ହେଲା ଭଳି ପରିସ୍ଥିତି ଉପୁଜିଛି । ଏପରି ସ୍ଥିତିରେ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି । କାହାର ଖଳାରେ ଅମଳ ଧାନ ଭିଜୁଚି ତ ଆଉ କାହାର ବିଲରେ ଗଦା ହୋଇ ଓଦା ହେଉଛି । କେହି କେହି ବର୍ଷାକୁ ଲକ୍ଷ୍ୟ କରି ବିଲରୁ ଧାନକୁ ତରବର ହୋଇ କାଟି ଦେଇଥିଲେ କିନ୍ତୁ ସେମାନଙ୍କର ବି ସମାନ ଅବସ୍ଥା। ଜିଲାରେ ମଣ୍ଡି ଖୋଲି ଯାଇଥିବାରୁ ଚାଷୀମାନେ ଧାନ ଶୀଘ୍ର ଅମଳ କରିଥିଲେ, କିନ୍ତୁ ଲଘୁଚାପ ବର୍ଷା ଅମଳ ହୋଇଥିବା ଧାନର ରଙ୍ଗ ଓ ମାନ ଉପରେ ପ୍ରଭାବ ପକାଉଛି ଯେଉଁଥି ପାଇଁ ଚାଷୀମାନେ ମଣ୍ଡିରେ ଅସୁବିଧାର ସମ୍ମୁଖୀନ ହେବା ଥୟ। ଯେଉଁମାନେ ଧାନ କାଟି ନାହାନ୍ତି, ଲଗାଣ ବର୍ଷା ଯୋଗୁ ବିଲରେ ପାଣି ଜମିବାରୁ ଧାନ ଅମଳ କରିବା ବି ଅସମ୍ଭବ ହୋଇ ପଡ଼ିବ। ପୁଣି ଅମଳ ହୋଇଥିବା ଧାନକୁ କେଉଁଠି ପଲିଥିନରେ ଘୋଡ଼ାଇ ରଖା ଯାଇଛି। ବର୍ଷା ଯୋଗୁ ଆରଡି, ନାନ୍ଦପୁର, ଓଳଗ, ସୁନ୍ଦରପୁର, ଗୋବିନ୍ଦପୁର, ଅସୁରାଳି, ଗଡ଼ିଆଳୀ, ପାଳସାହି, ଧୂଷୁରୀ ହସନାବାଦ, ଅର୍ଜ୍ଜୁନପୁର, ଫତେପୁର, ରଇପୁର, ସରେଇ ଚୁଡାକୁଟି ପଞ୍ଚାୟତ ପ୍ରଭୃତି ଅଞ୍ଚଳରେ ଧାନ ଫସଲ ପ୍ରଭାବିତ ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଋଣ ଛାଡ ସହ କ୍ଷତି ପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି କରା ଯାଇଛି ।

## ସଂକ୍ଷେପରେ

### ବଦଳିଲା ଧାନକିଣା ତାରିଖ

### ଜାନୁଆରୀ ୫ରେ ଧାନକିଣା ଆରମ୍ଭ

ଭଦ୍ରକ, ୨୫।୧୨(ସନାତନ ରାଉତ)

ଗତ କିଛିଦିନ ଧରି କୋହଲା ପାଗ ସାଙ୍ଗକୁ ଲଘୁଚାପ ବର୍ଷା ଜାରି ରହିଥିବାରୁ ସରକାରୀ ମଣ୍ଡିରେ ଧାନ କିଣା ତାରିଖ ପରିବର୍ତ୍ତନ କରାଯାଇଛି। ଡିସେମ୍ବର ୨୭ ତାରିଖରେ ଧାନ କିଣାଯିବ ବୋଲି ଗତ ନଭେମ୍ବର ୧୪ରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବର୍ତ୍ତମାନର ପ୍ରତିକୂଳ ପାଗ ଯୋଗୁ ଏହି ତାରିଖରେ ପରିବର୍ତ୍ତନ କରାଯାଇ ଆଗାମୀ ଜାନୁୟାରୀ ୫ ତାରିଖରୁ ଧାନକ୍ରୟ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ବାବା ଖିଲାଟେଶ୍ୱର୍ ମନ୍ଦିର ପ୍ରାଙ୍ଗଣରେ ସୁଶାସନ ଦିବସ

ଧାମନଗର, ୨୫।୧୨(ସନ୍ତୋଷ କୁମାର ମହାପାତ୍ର)

'ଭାରତରତ୍ନ' ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶହେତମ ଜନ୍ମତିଥି ଅବସରରେ ଧାମନଗର ବ୍ଲକ କରଦା ପଞ୍ଚାୟତ ଖଙ୍ଗରା ଗ୍ରାମର ବାବା ଖିଲାଟେଶ୍ୱର ମନ୍ଦିରରେ 'ସୁଶାସନ ଦିବସ ପାଳନ' ବୁଧବାର ପାଳନ କରାଯାଇଛି। ଭାଜପା ମୁକୁନ୍ଦଦେବ ମଣ୍ଡଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଭାପତି ପ୍ରମୋଦ କୁମାର ସୂତାରଙ୍କ ଅଧକ୍ଷତା କରିଥିଲେ। ମଣ୍ଡଳ ସଭାପତି ରମେଶ ପତି, ପୂର୍ବତନ ସରପଞ୍ଚ ବିଜୟଶଙ୍କର ନାୟକ, ହୃଦାନନ୍ଦ କର, ସୁବ୍ରତ ସାମଲ, ଗଜେନ୍ଦ୍ର ମାଝି, ରାଜୀବ ମାଝି, କୁଳମଣି ଶତପଥୀ, ଶ୍ରୀକାନ୍ତ ଦାସ, ରଞ୍ଜିତ ସାହୁ, ଦ୍ୱାରିକା ସାହୁ, ସୁବାଷ ପୃଷ୍ଟି, କିଶୋର ପୃଷ୍ଟି, ବନମାଳୀ ଯେନା, ଧର୍ମେନ୍ଦ୍ର ସାହୁ, ପ୍ରଦୀପ ଗାହଣ ପ୍ରମୁଖ ଯୋଗଦେଇ ଅଟଳଜୀଙ୍କ ଜୀବନୀ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବରିଷ୍ଠ କର୍ମୀ ଅତିଶ ନନ୍ଦ ଧନ୍ୟବାଦ ଦେଇଥିଲେ।

### ଡ.ରମାକାନ୍ତ ନାୟକଙ୍କୁ ପଲ୍ଲୀକବି ସାହିତ୍ୟ ସମ୍ମାନ

ଭଦ୍ରକ, ୨୫।୧୨ (ରବିନାରାୟଣ ଖିଲାର)

ଚରମ୍ପା ପଞ୍ଚାୟତ ଝଟିଆ ଗ୍ରାମର ସ୍ୱର୍ଗତଃ ମାୟାଧର ନାୟକଙ୍କ ପୁତ୍ର ଶିକ୍ଷାବିତ୍, ସାହିତ୍ୟିକ, ନାଟ୍ୟକାର ଡ.ରମାକାନ୍ତ ନାୟକଙ୍କୁ ପଲ୍ଲୀକବି ନନ୍ଦ କିଶୋର ବଳ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନଠାରେ 'ପଲ୍ଲୀ କବି ସାହିତ୍ୟ ସମ୍ମାନ-୨୦୨୪' ପ୍ରଦାନ କରାଯାଇଛି। ଏହି ଉତ୍ସବରେ ବରିଷ୍ଠ ସ୍ତମ୍ଭକାର ଶ୍ରୀରାମ ଦାସ,ସମ୍ପାଦକ ଆଶୁ କବି ହେମନ୍ତ ଜେନା, ବିଧାନସଭା ସଚିବ ଦାଶରଥୀ ଶତପଥୀ ବିଶିଷ୍ଟ ଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ, କବି ସଞ୍ଜୟ କୁମାର ରଥ ଏବଂ ଫାଉଣ୍ଡେଶନର ସଭାପତି ନନ୍ଦ କିଶୋର ବଳଙ୍କର ପୌତ୍ର ଇଞ୍ଜିନିୟର ସୁଶାନ୍ତ କିଶୋର ବଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକାଶ ଯେ, ଡ. ରମାକାନ୍ତ ନାୟକ ଏହା ପୂର୍ବରୁ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ନାଟ୍ୟଭୂଷଣ ଉପାଧି ପାଇଛନ୍ତି। ଏହା ବ୍ୟତୀତ ଆସନ୍ତା ୩୦ରେ ୨୪ତମ ରାଜଧାନୀ ପୁସ୍ତକ ମେଳାରେ ତାଙ୍କ ନାଟକ 'ଧରମା ଏବେ ବି ବଞ୍ଚିଛି' ପୁରସ୍କାର ପାଇବାକୁ ମନୋନୀତ ହୋଇଛି।

# ଅଦିନିଆ ବର୍ଷାରେ ଭିଜୁଛି ଧାନ

## ସବ୍‌ସିଡି ଦେବା ସହ ଋଣ ଛାଡ କରିବାକୁ ଦାବି

ଭଦ୍ରକ/ଧାମନଗର/ଚାନ୍ଦବାଲି, ୨୫।୧୨(ସନାତନ ରାଉତ /ସନ୍ତୋଷ କୁମାର ମହାପାତ୍ର/ କିଷାନ ପାତ୍ର)-ଗତ ସପ୍ତାହେ ଧରି କୋହଲା ପାଗ ଲାଗି ରହିବା ସହ ମଝିରେ ମଝିରେ ଝିପିଝିପି ବର୍ଷା ହେଉଛି। ୨ଦିନ ଶୁଖିଲା ପାଗ ହୋଇଥିବା ବେଳେ ପୁଣି ଦୁଇଦିନ ଧରି ବର୍ଷା ହେଉଛି। ଧାନ ଅମଳ ସମୟରେ ବାରମ୍ବାର ବର୍ଷା ଲାଗି ରହିବା ଦ୍ୱାରା କ୍ଷେତରେ ପାଣି ଜମିଲାଣି। କ୍ଷେତରେ ଥିବା ଧାନ ଓ ଅମଳ ହୋଇ ଖଳାରେ ରହିଥିବା ଧାନ ବର୍ଷାରେ ନଷ୍ଟ ହେବା ସହ ଗଜା ହେବା ଆରମ୍ଭ ହେଲାଣି। ଜିଲାର ସମସ୍ତ ବ୍ଲକରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ବିଭିନ୍ନ ସଂସ୍ଥାରୁ ଋଣ ଆଣି ଚଳିତ ବର୍ଷ ଚାଷ କରୁଥିବା ବେଳେ ଅଦିନିଆ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ବର୍ଷା ଯୋଗୁ ଅମଳ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖା ଦେଇଥିବାରୁ ଋଣ ଶୁଝିବା ଓ ଭାଗଚାଷୀମାନେ ଜମି ମାଲିକଙ୍କୁ ଭାଗ ଦେବା ବଡ଼ ସମସ୍ୟା ହୋଇ ଠିଆ ହୋଇଛି। ଅପରପକ୍ଷେ ଧାନର ମାନ ନଷ୍ଟ ହେଉଥିବାରୁ ସରକାରୀ ମଣ୍ଡିରେ



ଭିଜି ଯାଇଥିବା ଧାନ ଦେଖାଉଛନ୍ତି।

ବିକିବା ସମ୍ଭାବନା କମ୍ ରହିଛି। ଏଫ୍‌ଏକ୍ୟୁ ମାନର ଧାନ କିଣିବା ପାଇଁ ସରକାରୀ ନିୟମ ରହିଥିବା ବେଳେ ଭିଜି ଯାଇଥିବା ଧାନ ଓ ଗଜା ହୋଇଯାଇଥିବା ଧାନ ଏଫ୍‌ଏକ୍ୟୁ ମାନର ରହିବ ନାହିଁ। ଫଳରେ ବାହାର ବେପାରୀଙ୍କୁ ଅଧା ଦାମ୍‌ରେ ଧାନ ବିକିବାକୁ ଚାଷୀ ବାଧ ହେବେ ବୋଲି ଚାଷୀମାନେ କହିଛନ୍ତି। ସରକାର କ୍ଷୟକ୍ଷତିର ଆକଳନ କରି ସବ୍‌ସିଡି ଦେବା ସହ ଚାଷଋଣ ଛାଡ଼ କରିବାକୁ ଚାଷୀ ବୈକୁଣ୍ଠ ସାହୁ, ସନାତନ ସାହୁ, ଚନ୍ଦ୍ରମଣି ସାହୁ, ତ୍ରିଲୋଚନ ପୃଷ୍ଟି, ଭାଗିରଥି ସାହୁ, ରମାକାନ୍ତ ସେଠୀ, ଲମ୍ବୋଦର ପତି, ନୀଳାମ୍ବର ପୃଷ୍ଟି, ପ୍ରଭାକର ସାହୁ, ଦୟାନିଧି ସାହୁଙ୍କ ସମେତ ଜିଲାର ଚାଷୀମାନେ ଦାବି କରିଛନ୍ତି।

## ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥପାଠ

### ପ୍ରାଥମିକ ଶିକ୍ଷକ ସଂଘ

ଚାନ୍ଦବାଲି,୨୫।୧୨(କିଷାନ ପାତ୍ର)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଭଦ୍ରକ ଜିଲା ଶାଖା ସଙ୍ଗଠନର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ ସଭାପତି ବାବୁଲା ରାଉତଙ୍କ ସଭାପତିତ୍ୱରେ ଚାନ୍ଦବାଲିସ୍ଥିତ ଶିକ୍ଷକ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଫେଡେରେଶନର ପୂର୍ବତନ ମହାସଚିବ ସଚ୍ଚିଦାନନ୍ଦ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକମାନେ କର୍ତ୍ତବ୍ୟରେ ଅବହେଳା ନ କରି ସୁସ୍ଥ ସମାଜ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଫେଡେରେଶନର ମହାସଚିବ ଚାରୁଲତା ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ନବନିର୍ବାଚିତ ସଭାପତି ପ୍ରଦୀପ କୁମାର ଦାସ, ସମ୍ପାଦକ ସମୀର କୁମାର ଜେନା, ସଙ୍ଗଠନ ସମ୍ପାଦକ ରୂପେଶ କୁମାର ସାହୁ, ସଂଯୋଜକ ଚିତ୍ରଭାନୁ ଦାସ, କୋଷାଧକ୍ଷ ଗିରିଧାରୀ ଚାନ୍ଦ, ଉପସଭାପତି ଶାନ୍ତନୁ କୁମାର ମଲ୍ଲିକ ଓ ତପସ୍ୱିନୀ ପୋଇ, ସହସମ୍ପାଦକ ମୁକ୍ତିକାନ୍ତ ପରିଡ଼ା, ସୁକାନ୍ତିଲତା ପାତ୍ର ଓ ସେକ ଅବଦୁଲ ରବଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ସହକାରୀ ଶିକ୍ଷାଧିକାରିଣୀ ତ୍ରିପୁରା ପଲେଇ, ରାଜ୍ୟ ଫେଡେରେଶନର ଉପଦେଷ୍ଟା ବିଜୟ ନାୟକ, ଜିଲା ସଙ୍ଗଠନର ପୂର୍ବତନ ସମ୍ପାଦକ ତଥା ଉପଦେଷ୍ଟା ମନୋରଞ୍ଜନ ନାୟକ, ଚାନ୍ଦବାଲି ବ୍ଲକ ସଙ୍ଗଠନର ଉପଦେଷ୍ଟା ପ୍ରମୋଦ ତ୍ରିପାଠୀ, ଉମେଶ ସାହୁ, ନବକିଶୋର ସେଠୀ, ଦେବବ୍ରତ ରାଉତ, ପ୍ରଫୁଲ୍ଲ ଦାସ, ଭାସ୍କର ନାୟକ, ନାରାୟଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ରାସ୍ତାର ଉଦ୍‌ଘାଟନ କଲେ ଏମ୍‌ପି



ବର୍ଷାରେ ଭିଜୁଥିବା ଧାନ।

ଭଦ୍ରକ, ୨୫।୧୨(ସନାତନ ରାଉତ)

ସୁଶାସନ ଦିବସ ଅବସରରେ ବୁଧବାର ଭଦ୍ରକ ଜିଲାର ବିଭିନ୍ନ ରାସ୍ତାର ଉଦ୍‌ଘାଟନ କରିଛନ୍ତି ଏମ୍‌ପି ଅଭିମନ୍ୟୁ ସେଠୀ। ଭଦ୍ରକ ନିର୍ବାଚନ ମଣ୍ଡଳୀ ସାତଭଉଣୀ-ଚୁନିଦା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କକୁ ଏମ୍‌ପି ଅଭିମନ୍ୟୁ ସେଠୀ ଲୋକାର୍ପଣ କରିଥିବା ବେଳେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଜିଲା ପରିଷଦ ସଦସ୍ୟ ମଳୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ବନ୍ତ ବ୍ଲକ ଜାମ୍ବଣିଠାରୁ ଗ୍ରେନ୍‌ଗୋଲା ରାସ୍ତା, ଓଡ଼ଙ୍ଗଠାରୁ ଭରସିଂହପୁର ରାସ୍ତା ଓ ଅଡାଳପଙ୍କଠାରୁ ମିଠି ଗାଁ ରାସ୍ତାର ଉଦ୍‌ଘାଟନ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସହ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲାପାଳ ରାଉତରାଏ, ଭାଜପା ନେତା ସୁଧାଂଶୁ ଶେଖର ନାୟକ, ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଶିକ୍ଷାବିତ୍ ଧରଣୀଧର ପଣ୍ଡାଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ଓ ସ୍ମରଣିକା ଉନ୍ମୋଚନ

ଚାନ୍ଦବାଲି,୨୫।୧୨(ଅଶୋକ ପଣ୍ଡା)



ଶିକ୍ଷାବିତ୍ ସ୍ୱର୍ଗତ ଧରଣୀଧର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତାଙ୍କ ଜନ୍ମସ୍ଥାନ ଭଦ୍ରକ ଜିଲା ଚାନ୍ଦବାଲି ଚଷାଖଣ୍ଡରେ ବୁଧବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ମନୋଜ ଭଳଙ୍କ ଦ୍ୱାରା ସମ୍ପାଦିତ ଧୂରିଣ ଧରଣୀ ନାମକ ସ୍ମରଣିକା ଉନ୍ମୋଚନ ହୋଇଯାଇଛି। ଶିକ୍ଷାବିତ୍ ସାଧୁଚରଣ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଇଂ. ଅଭୟ ସୂତାର, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅନୁଶିକ୍ଷାଧିକାରୀ ଜୟକୃଷ୍ଣ ନାୟକ, ଶିକ୍ଷାବିତ୍ ପ୍ରଭାତ ଜେନା, ଶିକ୍ଷାବିତ୍ ସନାତନ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ପଣ୍ଡାଙ୍କ ବହୁବିଧ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଧରଣୀଧର ପଣ୍ଡା ମେଧା ସ୍ମୃତି ସମ୍ମାନ ପ୍ରଦାନ ପୂର୍ବକ ମାନପତ୍ର, ଉପଢୌକନ ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଧରଣୀଧର ପଣ୍ଡାଙ୍କ ସାନଭାଇ ତଥା ଚାନ୍ଦବାଲି ମହାବିଦ୍ୟାଳୟର ଅଧକ୍ଷ ଡ. ତାରିଣୀସେନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ପାଣିଗ୍ରାହୀ, କୃତୀବାସ ରାଉତ, ନବଘନ ସାମଲ, ସବ୍ୟସାଚୀ ମହାନ୍ତି, ସବିତାରାଣୀ ନାୟକ, ଜଗନ୍ନାଥ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସିରୁଚିପ୍ରଭା ଦାଶ କୃତଜ୍ଞତା ଜ୍ଞାପନ କରିଥିଲେ।

# ଜାତୀୟସ୍ତରୀୟ କନିଷ୍ଠ ହ୍ୟାଣ୍ଡବଲ ଦଳରେ ଭଦ୍ରକରୁ ୨

ଭଦ୍ରକ,୨୫।୧୨(ସନାତନ ରାଉତ)



ଦୀପ୍ତିମୟୀ ଦାସ, ଇତିଶ୍ରୀ ପାତ୍ର।

ଚେନ୍ନାଇରେ ଚାଲିଥିବା ୪୬ ତମ ଜାତୀୟ କନିଷ୍ଠ ହ୍ୟାଣ୍ଡବଲ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳରେ ଭଦ୍ରକରୁ ୨ଜଣ ଖେଳାଳି ସାମିଲ ହୋଇଛନ୍ତି। ଭଦ୍ରକ ଏସ୍‌ବିଡି ଇଣ୍ଟର ନ୍ୟାସନାଲ ସ୍କୁଲର ଯୁକ୍ତ ଦୁଇ କଳା ଦ୍ୱିତୀୟ ବର୍ଷର ଛାତ୍ରୀ ଦୀପ୍ତିମୟୀ ଦାସ ଓ ଭଣ୍ଡାରିପୋଖରୀ ଆଟିଆଇର ଛାତ୍ରୀ ଇତିଶ୍ରୀ ପାତ୍ର ସ୍ଥାନ ପାଇଛନ୍ତି। ଏସ୍‌ବିଡି ଇଣ୍ଟର ନ୍ୟାସନାଲ ସ୍କୁଲର କ୍ରୀଡ଼ା ଶିକ୍ଷକ ମନୋଜ ସାହୁଙ୍କ ପ୍ରଚେଷ୍ଟାରେ ଏହି ସଫଳତା ମିଳିଥିବା ବେଳେ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲର ଅଧକ୍ଷ ଯୁଧିଷ୍ଠିର ଦେବତା ଓ ଚେୟାରମେନ ଦେବାଶିଷ ଦୀକ୍ଷିତ, ହ୍ୟାଣ୍ଡବଲ ସଂଘର ସମ୍ପାଦକ ସିରାଜୁଦ୍ଦିନ ଖାନ କୋଚ ସେକ୍ ଗୋଲାପ ଶୁଭେଚ୍ଛା ଜଣାଇବା ସହ ଜାତୀୟସ୍ତରରେ ଭଲ ଖେଳ ପ୍ରଦର୍ଶନ ପାଇଁ ଶୁଭକାମନା ଜଣାଇଛନ୍ତି।

# ସୁସଙ୍ଗଠକ ଥିଲେ ସୁଧାକର



ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥିମାନେ। ।

ବନ୍ତ, ୨୫।୧୨(ହରି ନାରାୟଣ ମହାନ୍ତି)

ଭାଜପା ନେତା ସ୍ୱର୍ଗତ ସୁଧାକର ଜଣେ ସୁସଙ୍ଗଠକ ଥିଲେ। ସଦାସର୍ବଦା ଦଳୀୟ ଓ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସୁଥିଲେ। ଟିଲୋ ଅଞ୍ଚଳରେ କ୍ରୀଡାର ବିକାଶ କିପରି ହେବ ସେନେଇ ସେ ସର୍ବଦା ଚେଷ୍ଟିତ ଥିଲେ ବୋଲି ବୁଧବାର ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ଜାଗୁଲାଇପଦାଠାରେ ଟିଲୋ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ବରିଷ୍ଠ ଭାଜପା ନେତା ସ୍ୱର୍ଗତ ସୁଧାକର ଧଳଙ୍କ ଏକାଦଶାହ ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥିମାନେ କହିଥିଲେ। ସରପଞ୍ଚ ସଂଗ୍ରାମକେଶରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବରିଷ୍ଠ ଭାଜପା ନେତା ପଞ୍ଚାନନ ରାଉତ, ସାମାଜିକ କର୍ମୀ ସେକ୍ ଜଲାଲଉଦ୍ଦୀନ, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ସାମଲ, ଲିଙ୍ଗରାଜ ସ୍ୱାଇଁ, ମନମୋହନ ସାହୁ, ତ୍ରିଲୋଚନ ପଣ୍ଡା, ଗୀତା ଇଞ୍ଜିନିୟରିଂ କଲେଜ ଅଧକ୍ଷ ଡ.ମନ୍ମଥ କୁମାର ରାଉଳ, ଯୁବନେତା ଇଂ.ଲକିମାଷ୍ଟର ସ୍ୱାଇଁ, ସ୍ମୃତିରଞ୍ଜନ ସ୍ୱାଇଁ, ଜିଲା ଓଷ୍ଟା ସଭାପତି ଶଶୀଶେଖର କରଶର୍ମା, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପୂର୍ବତନ ସରପଞ୍ଚ ଅର୍ଜୁନ ଚରଣ ପଣ୍ଡା, ଶିକ୍ଷକ ଅଜୟ ପୃଷ୍ଟି, ମନୋଜ କୁମାର ସାହୁ, ଶ୍ରୀକାନ୍ତ ପଣ୍ଡା, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ସଞ୍ଜୟ ମଜୁମଦାର, ନରହରି ଜେନା, ଅଧାପକ ରମେଶ ପ୍ରଧାନ, ଶିକ୍ଷକ ରମାକାନ୍ତ ରାଉତ, ଅଶୋକ ଖିଲାର, ରମାକାନ୍ତ ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଧଳଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ଧଳଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ଅଟଳଜୀ ଥିଲେ ରାଷ୍ଟ୍ରବାଦୀ ଚେତନାର ମହାନାୟକ

## ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ

ଭଦ୍ରକ, ୨୫।୧୨(ସନାତନ ରାଉତ)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳଜୀ ଥିଲେ ଅପ୍ରତିଦ୍ୱନ୍ଦୀ ଜନନାୟକ, ରାଷ୍ଟ୍ରନାୟକ, ଅନନ୍ୟ ଆଦର୍ଶବାଦୀ ଚିନ୍ତାନାୟକ, ଜାତୀୟ ସ୍ୱାଭିମାନ ସୁଶାସନ ଓ ଆଦର୍ଶର ପ୍ରତୀକ ତଥା ସର୍ବାଧିକ ଲୋକପ୍ରିୟ ରାଜନେତା ବୋଲି ତାଙ୍କ ୧୦୦ତମ ଜୟନ୍ତୀ ଅବସରରେ ବୁଧବାର ଆୟୋଜିତ ସୁଶାସନ ଦିବସରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଜରିଆରେ ଜିଲା ସଂସ୍କୃତି ଭବନରେ ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଓ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ ବାଜପେୟୀଙ୍କ ଜୀବନୀ, ଦେଶଜାତି ପାଇଁ ତାଙ୍କର



କବିମାନଙ୍କ ସହ ଅତିଥି।

ନିଃସ୍ୱାର୍ଥପରତା, ରାଷ୍ଟ୍ରପ୍ରୀତି, ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ। ତାଙ୍କ ପୂଣ୍ୟ ଜନ୍ମଜୟନ୍ତୀକୁ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ସୁଶାସନ ଦିବସ ରୂପେ ପାଳନ କରାଯିବା ଘୋଷଣାକୁ ସମସ୍ତେ ଯଥାର୍ଥ ବୋଲି ମତପ୍ରକାଶ କରିଥିଲେ। ସାଧାରଣ ସଭା ପୂର୍ବରୁ ବାଜପେୟୀଙ୍କ ଜୀବନୀ, ଜାତୀୟ ଚେତନା ବୋଧକ ଏକ କବିତା ପାଠ ଉତ୍ସବ ଆୟୋଜନ କରାଯାଇଥିଲା। ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଅଧାପକ ହୃଦାନନ୍ଦ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଚକ୍ରବର୍ତ୍ତୀ, ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ଅଧାପିକା ସାହିତ୍ୟିକା ରାଧାରାଣୀ ମହାପାତ୍ର ଯୋଗ ଦେଇଥିଲେ। କବି କିଶୋର ପାଣିଗ୍ରାହୀ ଏବଂ କବୟିତ୍ରୀ ସରୋଜିନୀ ନାୟକଙ୍କ ସଂଯୋଜନାରେ ୩୦ରୁ ଉର୍ଦ୍ଧ୍ୱ କବି କବିତାପାଠ କରିଥିଲେ। ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଜିଲା ମୁଖ୍ୟ କୃଷି ଅଧିକାରୀ ଜଗଦୀଶ ପ୍ରସାଦ ବେହେରା, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ, ଜନସ୍ୱାସ୍ଥ୍ୟ ଯନ୍ତ୍ରୀ ମଧୁସୂଦନ ସିଂଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ବାଘୁଣୀ ଭୟରେ ବନ୍ଧାହେଲା ଜାଲ

ବାରିପଦା,୨୫।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ବାଘୁଣୀ ଜିନ୍ନତ ପାଇଁ ବନ୍ଧାହୋଇଥିବା ଜାଲ।

ପଶ୍ଚିମବଙ୍ଗର ପୁରୁଲିଆ ଜିଲା ବାନ୍ଦୱାନ ବ୍ଲକ୍ ରାଇକିଆ ଓ ଭଣ୍ଡାରିଆ ପାହାଡ଼ ସଂଲଗ୍ନ ଅଞ୍ଚଳରେ ଘୂରି ବୁଲୁଛି ଶିମିଳିପାଳରୁ ଖସି ପଳାଇଥିବା ମହାବଳ ବାଘୁଣୀ ଜିନ୍ନତ। ତାକୁ ନେଇ ୩ ଦିନ ହେଲା ସେଠାକାର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଦୁଇ ପାହାଡ଼ ମଧ୍ୟଭାଗରେ ଥିବା ରାହାମଦା ଗ୍ରାମରେ ଜିନ୍ନତ ପଶିବା ଆଶଙ୍କା ଥିବାରୁ ଲୋକଙ୍କ ସୁରକ୍ଷା ପାଇଁ ବନ ବିଭାଗ ଜାଲ ଘେରାଇଥିବା ଦେଖିବାକୁ ମିଳିଛି। ଛେଳି ଖାଇବା ଲୋଭରେ ବାଘୁଣୀ ଗାଁକୁ ପ୍ରବେଶକରିବା ଭୟରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଗାଁର ୩ଟି ଦିଗରେ ଜାଲ ବନ୍ଧାଯାଇଥିବା ବେଳେ ଗୋଟିଏ ପଟ ଖୋଲା ରଖାଯାଇଛି। ଗାଁରେ ପ୍ରବେଶ କରିବା ମାତ୍ରେ ବାଘୁଣୀକୁ ବନ ବିଭାଗ କାବୁକରିବାକୁ ଯୋଜନା କରିଛି। ତେବେ ଯେଉଁ ବାଟ ଦେଇ ଜିନ୍ନତ ପଶ୍ଚିମବଙ୍ଗ ଆସିଥିଲା ସେହି ବାଟରେ ସେ ଫେରୁଥିବା ନେଇ ପୁରୁଲିଆ ବନଖଣ୍ଡ ଅଧିକାରୀ ଅଞ୍ଜନ ଗୁହା କହିଛନ୍ତି। ଶିମିଳିପାଳ ଫେରିବାକୁ ନେଇ କୌଣସି ସ୍ଥିତି ଜଣାପଡ଼ିନାହିଁ। ରେଡିଓ କଲାର ମାଧ୍ୟମରେ ଟ୍ରାକିଂ କରାଯାଇ ସେ ଗୋଟିଏ ସ୍ଥାନରେ ଅଟକି ରହିଥିବା ଜଣାପଡ଼ିଛି। ସେ ଆଉ ୨୦ରୁ ୩୦କି.ମି. ଫେରିଲେ ଶିମିଳିପାଳ ଫେରିବା ଆଶା ରଖାଯିବ ବୋଲି ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି ।

ଜିନ୍ନତକୁ କାବୁକରିବା ପାଇଁ ୩ ରାଜ୍ୟର ବନ ବିଭାଗ ପଛରେ ପଡ଼ିଛନ୍ତି। ତାକୁ ଧରିବା ପାଇଁ ବନ ବିଭାଗର ସମସ୍ତ ଯୋଜନା ଫେଲ୍ ମାରୁଛି। ସୁନ୍ଦରବନର ଏକ ଟିମ୍ ଜାଲ ସାହାଯ୍ୟରେ ତାକୁ ଧରିବା ପାଇଁ ଯୋଜନା ଆରମ୍ଭ କରିଛି। ମଙ୍ଗଳବାର ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିବା ଗାଁ ଲୋକଙ୍କ ୪ଟି ଛେଳି ମାରିବା ସହ ୨ଟି ଖାଇଥିଲା। ଗାଁ ଲୋକେ ମୃତ ଛେଳିକୁ ଆଣି ଦେଖାଇବା ପରେ ବନ ବିଭାଗ ସେଗୁଡ଼ିକ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବାଘୁଣୀ ଜିନ୍ନତର ଚଳପ୍ରଚଳ ଓ ପୋଖରୀକୁ ପାଣି ପିଇବା ପାଇଁ ଆସିବା ସମୟର ପାଦଚିହ୍ନକୁ ଦେଖି ଗ୍ରାମବାସୀ ବନ ବିଭାଗକୁ ଅବଗତ କରାଇଛନ୍ତି। ଫଳରେ ଗାଁ ଲୋକଙ୍କୁ ସୁରକ୍ଷା ଦେବା ଓ ବାଘକୁ ଧରିବାରେ ସହଜ ହେବା ଲକ୍ଷ୍ୟ ରଖି ବନ ବିଭାଗ ଗାଁରେ ଜାଲ ଘେରାଇଛି। ଗାଁରେ ଥିବା ଘରଗୁଡ଼ିକର ଚାରିପାଖରେ ନାଇଲନ ଜାଲ ଟଣାଯାଇଛି। ଗୃହପାଳିତ ପ୍ରାଣୀ ଚରାଇବାକୁ ଜଙ୍ଗଲ ମଧ୍ୟକୁ କେହି ଯାଉନାହାନ୍ତି । ଗାଁ ଲୋକେ ପାଳିଥିବା ଛେଳି ମଧ୍ୟରୁ ଅନେକ ଛେଳି ମିଳୁନାହାନ୍ତି ବନ ବିଭାଗର କର୍ମଚାରୀମାନେ ବାଘର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ଜାରି ରଖିବା ସହ ଅଞ୍ଚଳବାସୀଙ୍କୁ ସଚେତନ କରାଉଛନ୍ତି। କର୍ମଚାରୀମାନେ ରାତିତମାମ ଗଛ ଉପରେ ବସି ବାଘୁଣୀକୁ ଜଗି ରହୁଛନ୍ତି। ବନ ବିଭାଗ ବାନ୍ଧିଥିବା ଛେଳି, ଘୁଷୁରିକୁ ଶିକାର କରିବା ପରିବର୍ତ୍ତେ ଚଳପ୍ରଚଳ କରୁଥିବା ପ୍ରାଣୀଙ୍କୁ ଜିନ୍ନତ ମାରି ଖାଉଥିବା ଦେଖିବାକୁ ମିଳିଛି। ତେବେ ସବୁ କିଛି ଠିକ୍‌ଠାକ୍ ଅଛି। ଗାଁକୁ ପ୍ରବେଶ କରିବା ମାତ୍ରେ ଖୁବ୍‌ଶୀଘ୍ର ତାକୁ ଧରାଯିବ। ଫେରିବା ବାଟ କରିଡରରେ କୌଣସି ଅସୁବିଧା ନ ହେଲେ ବାଘୁଣୀ ଜିନ୍ନତ ପୁନର୍ବାର ମେଦିନାପୁର ଦେଇ ଶିମିଳିପାଳ ପଳାଇବ ବୋଲି ବନଖଣ୍ଡ ଅଧିକାରୀ ଗୁହା କହିଛନ୍ତି।

# ମୟୂରଭଞ୍ଜ ଡାକ ମଣ୍ଡଳର ପ୍ରତିଷ୍ଠା ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ବାରିପଦା,୨୫।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଡାକ ମଣ୍ଡଳର ୫୩ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ପାଳିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ ବିଭାଗରେ ହେଉଥିବା ବିଭିନ୍ନ ସଂଚୟ ଯୋଜନା ସହ ସମାଜରେ ଏହି ସୁବିଧାରୁ ବଞ୍ଚିତ ଥିବା ଲୋକଙ୍କୁ ସାମିଲ କରିବାକୁ ଡାକ ବିଭାଗକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ବରୁଣ ଗୁଣ୍ଟୁପଲ୍ଲୀ ଯୋଗଦେଇ ଡାକ ବିଭାଗର ବିଶ୍ୱାସନୀୟତା ତଥା ଡିଜିଟାଲ ଯୁଗରେ ନୂଆ ନୂଆ ଟେକ୍ନୋଲୋଜିରେ ହେଉଥିବା ସାଇବର ଅପରାଧକୁ କିପରି ରୋକି ହେବ ସେଇ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ମହାରାଜା ପୂର୍ଣଚନ୍ଦ୍ର ସ୍ୱଂୟ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ଝରଣା ବେହେରା ଯୋଗଦେଇ ଡାକ ବିଭାଗର କାର୍ଯ୍ୟକୁ ପ୍ରଶଂସା କରିବା ସହ ଦୁର୍ଗମ ସ୍ଥାନରେ ବସବାସ କରିଥିବା ଲୋକମାନଙ୍କର ଆଜି ମଧ୍ୟ ଡାକ ବିଭାଗ ଏକ ମାତ୍ର ସରକାରୀ ସଂସ୍ଥା ଯୋଉଠି ସେମାନେ ସମସ୍ତ ପ୍ରକାରର ସୁବିଧା ପାଇପାରୁଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡାକ ବିଭାଗର ଅବସରପ୍ରାପ୍ତ ସତର୍କତା ଅଧିକାରୀ ଭଗବାନ ସାମଲ ଯୋଗ ଦେଇଥିଲେ। ମୟୂରଭଞ୍ଜ ଡାକ ମଣ୍ଡଳ ଅଧୀକ୍ଷକ ବସନ୍ତ କୁମାର ସିଂହ ସଭାରେ ସଭାପତିତ୍ୱ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଡାକ କର୍ମଚାରୀ ଏବଂ ଡାକ ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଡାକ ବିଭାଗ କର୍ମଚାରୀଙ୍କ ସନ୍ତାନମାନଙ୍କ ଦ୍ୱାରା ସୁନ୍ଦର ନାଚ ଗୀତ ଓ ନାଟକ ପ୍ରଦର୍ଶିତ ହୋଇଥିଲା । ଡାକ ସହ ଅଧୀକ୍ଷକ ପ୍ରଣବ ମିଶ୍ର ଧନ୍ୟବାଦ ଦେଇଥିଲେ।

# ହାତୀ ଉପଦ୍ରବରେ ଲୋକେ ଅତିଷ୍ଠ

ବାରିପଦା,୨୫।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଞ୍ଚଳରେ ଝାଡଖଣ୍ଡୀ ହାତୀପଲ ଉପଦ୍ରବକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ୩୫ରୁ ଊର୍ଦ୍ଧ୍ୱ ହାତୀ ପରିବା କ୍ଷେତରେ ପଶି ଖାଇବା ସହ ବ୍ୟାପକ କ୍ଷୟକ୍ଷତି ଚଳାଇଛନ୍ତି। ଯାହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଥିବା ବେଳେ କ୍ଷତିପୂରଣ ଭରଣା କରିବାକୁ ଦାବି କରିଛନ୍ତି। ହାତୀର ଗତିବିଧି ପରିବର୍ତ୍ତନ କରିବା ଓ ଲୋକଙ୍କୁ ସୁରକ୍ଷା ଯୋଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ବେତନଟୀ ଓ ବଡ଼ସାହି ବ୍ଲକର ନଡପୁର-ଦଳକି ସଂରକ୍ଷିତ ଜଙ୍ଗଲରେ ଦୀର୍ଘ ଦିନ ଧରି ହାତୀପଲ ଉତ୍ପାତ ଚଳାଇଛନ୍ତି। ସନ୍ଧ୍ୟା ହେବା କ୍ଷଣି ହାତୀପଲ ଗାଁରେ ପ୍ରବେଶ କରୁଛନ୍ତି। ପରିବା କ୍ଷେତରେ ପଶି ଖାଇବା ସହ ମାଡ଼ିଦଳି ନଷ୍ଟ କରୁଛନ୍ତି। ଏପରିକି ଗାଁରେ ଥିବା କଦଳୀ ବାଡିରେ ପଶି ବ୍ୟାପକ କ୍ଷୟକ୍ଷତି ଚଳାଇଛନ୍ତି। ମଙ୍ଗଳବାର ରାତିରେ ବୁଢ଼ାବଳଙ୍ଗ ନଦୀ ପାର ହୋଇ ଦୁର୍ଗାପୁର ପଞ୍ଚାୟତର ପଣ୍ଡୁପାଳ, ଆସୁକନ୍ଦ, ଗମ୍ଭାରିଆ ଗୁଣାଗମ୍ଭାରିଆ ଆଦି ଗ୍ରାମର ପରିବା କ୍ଷେତରେ ପଶି ନଷ୍ଟଭ୍ରଷ୍ଟ କରିଛନ୍ତି। ବନ ବିଭାଗ କର୍ମଚାରୀମାନେ କେବଳ ଦେଖଣାହାରି ଭାବେ ହାତୀର ଗତିବିଧି ଉପରେ ନଜର ରଖୁଛନ୍ତି। ମାତ୍ର ହାତୀର ଗତିପଥ ବଦଳାଇବାକୁ ଚେଷ୍ଟା କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ହାତୀପଲ ଦଳକି ଜଙ୍ଗଲରେ ରହିଥିବା ସୂଚନା ମିଳିଛି।

# ‘ଆଜି ଭାବିଲେ ଆସନ୍ତାକାଲି ଜିତିବା ସୁନିଶ୍ଚିତ’

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମୋରଡ଼ା,୨୫।୧୨(ସ୍ମାରକ ମାଜୀ)




ମୟୂରଭଞ୍ଜ ଜିଲା ମୋରଡାସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗ୍ଲିଷ୍ଟେନ ଫେଷ୍ଟ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ କେଶରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମୋରଡା ବିଡିଓ ଅଣାକର ନାଏକ, ଅବସରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପାଲ, ରଣଜିତ କୁମାର ସାହୁ ପ୍ରମୁଖ ଯୋଗଦେଇ ଆଜି ସ୍ୱପ୍ନ ଦେଖି କଠିନ ପରିଶ୍ରମ କରିବା ଏବଂ ଆଜି ଭାବିଲେ ଆସନ୍ତାକାଲି ଜିତିବା ସୁନିଶ୍ଚିତ ବୋଲି କହିବା ସହିତ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ତେବେ ଚଳିତ ବର୍ଷ ସିଦ୍ଧାର୍ଥ ଶଙ୍କର ଦାସ ଷ୍ଟୁଡେଣ୍ଟ ଅଫ ଦି ୟିଅର ହୋଇଥିବା ବେଳେ ବାଳକ ବିଭାଗରେ ଯଜ୍ଞ ପ୍ରକାଶ ମହାନ୍ତ ଏବଂ ବାଳିକା ବିଭାଗରେ ଦେବୀଦତ୍ତ ମହାପାତ୍ର ଶ୍ରେଷ୍ଠ ଭଲେଣ୍ଟିୟର ହୋଇଥିଲେ। ସେହିପରି ଶ୍ରେଷ୍ଠ ଶ୍ରେଣୀ ଭାବେ ନବମ ଶ୍ରେଣୀ(କ)କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସୁଧାଂଶୁ ଶେଖର ମହାନ୍ତ,ଶିବାଶିଷ ମହାନ୍ତ ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଚର୍ଚ୍ଚରେ ଜମିଲା ଭିଡ଼

ମୋରଡା,୨୫।୧୨(ସ୍ମାରକ ମାଜୀ)

ବଡ଼ଦିନ ଉପଲକ୍ଷେ ମୟୂରଭଞ୍ଜ ଜିଲା ମୋରଡା ଓ . ରାସଗୋବିନ୍ଦପୁର ବ୍ଲକରେ ଥିବା ବିଭିନ୍ନ ଚର୍ଚ୍ଚରେ ଲୋକଙ୍କ ଭିଡ଼ ପରିଲିକ୍ଷିତ ହୋଇଥିଲା। ତେବେ ମୋରଡ଼ା ବ୍ଲକର ନିକଟବର୍ତ୍ତୀ କେସିପୁରସ୍ଥିତ ଚର୍ଚ୍ଚ,ରାସଗୋବିନ୍ଦପୁର ବ୍ଲକର ରଙ୍ଗିୟାମ, ଝିଙ୍ଗଲଗଡିଆ, ମୋରଡା ବ୍ଲକର କମାରଡିହା, ସୋନପୁରିଆ ଆଦି ଚର୍ଚ୍ଚଗୁଡିକ ଆଲୋକମାଳାରେ ସାଜସଜ୍ଜା ହୋଇଥିଲା। ସେହିପରି ମୋରଡ଼ା ବ୍ଲକର ରାଙ୍ଗାଦାଲାଙ୍ଗ,ଚିତ୍ରଡା ଜମ୍ବୀରା ନଦୀ ତୁଟ, ରାସଗୋବିନ୍ଦପୁର ବ୍ଲକର ବାଙ୍କବଣରେ ଶତାଧିକ ଲୋକ ପିକନିକ ପାର୍ଟି କରୁଥିବା ଦେଖିବାକୁ ମିଳିଥିଲା।

## ବାଲେଶ୍ୱର

# ଶିକ୍ଷା ହେଉଛି ଜ୍ଞାନ ଗନ୍ତାଘରର ଚାବିକାଠି

ଭୋଗରାଇ, ୨୫।୧୨(ପ୍ରଦୀପ ଦାସ)

## ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ


ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଗଣ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିଜୟ କୁମାର ଏକାଡ଼େମୀ, ସୋହରିଆ ଉଚ୍ଚ ବିଦ୍ୟାଳୟର ୫ଦିବସ ବ୍ୟାପୀ ସୁବର୍ଣ୍ଣ ଜୟନ୍ତୀ ବର୍ଣ୍ଣାଢ୍ୟ ସମାରୋହ ମଙ୍ଗଳବାର ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ସୁଭାଷ ଚନ୍ଦ୍ର ଦେଙ୍କ ପୌରୋହିତ୍ୟରେ ପରିଚାଳିତ ସଭା ମଞ୍ଚରେ ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଉତ୍ସବ କମିଟି ସଦସ୍ୟ ଅରୁଣ କୁମାର ଧଡ଼ା ଓ ସରୋଜ କୁମାର ବେହେରା ମଞ୍ଚ ଆହ୍ୱାନ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ଦାସ ସ୍ୱାଗତଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ମୁଖ୍ୟବକ୍ତା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଆଶିଷ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ଅଂଶୁମାନ ମହାନ୍ତି, ଜୟନ୍ତୀ କମିଟି ଉପସଭାପତି ହରିହର ତ୍ରିପାଠୀ, କମିଟି ସଦସ୍ୟ ଉତ୍ତମ କୁମାର ମାହାନା ପ୍ରମୁଖ ଶିକ୍ଷା ହେଉଛି ଜ୍ଞାନ ଗନ୍ତାଘରର ଚାବିକାଠି ଓ ବିଜୟ କୁମାର ଏକାଡେମୀ ୫୦ବର୍ଷର ଘାତପ୍ରତିଘାତର ଇତିହାସ ସ୍ମରଣୀୟ ବୋଲି ପ୍ରକାଶ କରିଥିଲେ।

ଏହି ଅବସରରେ ବିଦ୍ୟାଳୟ ପରିସରରେ ବାଲେଶ୍ୱର ରକ୍ତଦାତା ସଂଘ ପକ୍ଷରୁ ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ର, ଅବସର ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟର ଶୁଭାକାଂକ୍ଷୀ, ବିଶିଷ୍ଟ ବ୍ୟକ୍ତିଙ୍କୁ ବିଜୟଶ୍ରୀ ସମ୍ମାନରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ, ନାଟକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରାତ୍ରିରେ ଓଡ଼ିଶାର ସୁପରିଚିତ କମେଡ଼ି ଓ କଣ୍ଠଶିଳ୍ପୀ ପପୁ ପମ୍‌ପମ୍ ଓ ତାଙ୍କ ସାଥୀଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟରେ ଦର୍ଶକ ଝୁମିଥିଲେ।

# ରାଷ୍ଟ୍ରର ବିକାଶରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ

ବାଲେଶ୍ୱର, ୨୫।୧୨(ବାଞ୍ଛାନିଧି ଦେ)

## ଜିଲାସ୍ତରୀୟ ସୁଶାସନ ଦିବସ


ବାଜପେୟୀଙ୍କ ଜୟନ୍ତୀ ଉତ୍ସବକୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ସହରସ୍ଥିତ ଗାନ୍ଧୀ ସ୍ମୃତିଭବନଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ବୁଧବାର ଜିଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା, କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତୀକରଣ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ ବୋଲି ମନ୍ତ୍ରୀ ବକ୍ତବ୍ୟରେ କହିଥିଲେ। ସମ୍ମାନନୀୟ ଅତିଥି ବିଧାୟକ ମାନସ କୁମାର ଦତ୍ତ, ପୌରାଧକ୍ଷା ସବିତା ସାହୁ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ହରିଶ୍ଚନ୍ଦ୍ର ବେହେରା ମଞ୍ଚାସୀନ ହୋଇ ବାଜପେୟୀ ଭାରତୀୟ ଇତିହାସରେ ସୁଶାସନର ଜଣେ ପ୍ରବୀଣ ବ୍ୟକ୍ତିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚାସୀନ ଥିଲେ। ଅତିଥିମାନେ ପ୍ରାରମ୍ଭରେ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା।

ଏହି ଅବସରରେ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ବିମଳ ଜେନାଙ୍କ ପୌରୋହିତ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ସଞ୍ଚାଳନ କରିଥିଲେ ଅଧ୍ୟାପକ ଦିଲୀପ ରଥ। କବି ଯଶୋଧାରା ଦାସ, ସୈରିନ୍ଧ୍ରୀ ସାହୁ, ବିମଳ ଜେନା, ଶ୍ରୀଦେବ, କୃଷ୍ଣକୁମାର ମହାନ୍ତି, ରଞ୍ଜନ ବାଗ, ସୀତାଂଶୁ ଲେଙ୍କା, ପ୍ରୀତିଲେଖା ଦାସ, ଜୟନ୍ତୀ ବିଶ୍ୱାଳ ବେହୁରିଆ ଏବଂ ହରିଶ୍ଚନ୍ଦ୍ର ବେହେରା କବିତାପାଠ କରିଥିଲେ।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ଡିଏଫ୍‌ଓଙ୍କ ଦୁର୍ବ୍ୟବହାର


ଦାବିପତ୍ର ଦେବାକୁ ଆସିଥିବା ଗଣମାଧ୍ୟମ ପ୍ରତିନିଧି।

ବାଲେଶ୍ୱର, ୨୫।୧୨(ବାଞ୍ଛାନିଧି ଦେ)

## କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର ଡିଏଫ୍‌ଓ (ବନଖଣ୍ଡ ଅଧିକାରୀ) ଖୁସୱନ୍ତ ସିଂହ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଘୋର ଅସନ୍ତୋଷ ଲାଗିରହିଛି। ଡିଏଫ୍‌ଓଙ୍କ ବିରୋଧରେ କାର୍ଯାନୁଷ୍ଠାନ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ବରିଷ୍ଠ ଖବରଦାତା ବିପ୍ଳବ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ସାମ୍ବାଦିକ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଡିଏଫ୍‌ଓଙ୍କ ଏଭଳି ଆଚରଣ ପାଇଁ କ୍ଷୋଭ ପ୍ରକାଶ କରିଥିଲେ। ଗତ ୨୩ ତାରିଖରେ ବାଘ ଛାଲ ଜବତ ଓ ଅଭିଯୁକ୍ତଙ୍କ ଗିରଫ ଘଟଣାରେ ଗଣମାଧ୍ୟମ ପ୍ରତିନିଧିମାନେ ସୂଚନା ଆଣିବାକୁ ଚାନ୍ଦିପୁର ରେଞ୍ଜ ଅଫିସକୁ ଯାଇଥିଲେ। ସୂଚନା ଦେବା ଆଳରେ ଡିଏଫ୍‌ଓ ସମସ୍ତ ପ୍ରତିନିଧିଙ୍କୁ ଦୀର୍ଘ ୫/୬ ଘଣ୍ଟା ଅପେକ୍ଷା କରିବାକୁ କହି ଅଟକାଇ ରଖିଥିଲେ। ଏପରିକି ଦୀର୍ଘ ସମୟ ପରେ କୌଣସି ସୂଚନା ନ ଦେବା ଏବଂ ତାଙ୍କ ବ୍ୟବହାର ସମସ୍ତ ପ୍ରତିନିଧିଙ୍କୁ ମାନସିକ ଆଘାତ ଦେଇଥିଲା। ବିଭିନ୍ନ ସମୟରେ ଖବର ସଂଗ୍ରହ ବେଳେ ଡିଏଫ୍‌ଓଙ୍କ ଅସହଯୋଗ ଓ ତଥ୍ୟ ଦେଉ ନ ଥିବା ବୈଠକରେ ଅଭିଯୋଗ ହୋଇଥିଲା। ସର୍ବସମ୍ମତି ନିଷ୍ପତ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ଓ ଜଙ୍ଗଲ ପରିବେଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

# ଖଇରା ସାହିତ୍ୟ ସଂସଦର କର୍ମକର୍ତ୍ତା ମନୋନୟନ

## ମାୟାଧର ସଭାପତି, ରଘୁନାଥ ସାଧାରଣ ସମ୍ପାଦକ

ଖଇରା, ୨୫।୧୨(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଅଧୀନ ଖଇରା ସାହିତ୍ୟ ସଂସଦର ଏକ ବୈଠକ ରବିବାର ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଙ୍ଗଠନ ପକ୍ଷରୁ ଆସନ୍ତା ୨୦୨୫ରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ସଂସଦର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସର୍ବ ସମ୍ମତିକ୍ରମେ ମାୟାଧର ନାୟକଙ୍କୁ ପୁନଃ ସଭାପତି ଭାବେ ମନୋନୟନ କରାଯାଇଥିବା ବେଳେ ରଘୁନାଥ ପତ୍ରୀଙ୍କୁ ସାଧାରଣ ସମ୍ପାଦକ, ଚିନ୍ତାମଣି ସାହାଣୀଙ୍କୁ କାର୍ଯ୍ୟକାରୀ ସଭାପତି, ସଂକୀର୍ତ୍ତନ ପଣ୍ଡାଙ୍କୁ ଯୁଗ୍ମ ସମ୍ପାଦକ ଓ ବୁଦ୍ଧିରାମ ପାଣିଗ୍ରାହୀଙ୍କୁ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ଆଦିବାସୀ ରୀତିନୀତିରେ ସମ୍ବର୍ଦ୍ଧନା

ଜଳେଶ୍ୱର, ୨୫।୧୨(ରବିନାରାୟଣ ପାତ୍ର)



ଶୋଭାଯାତ୍ରାରେ ସାମିଲ ଆଦିବାସୀ ମହିଳା ଓ ପୁରୁଷ।

ସମଗ୍ର ଉତ୍ତର ବାଲେଶ୍ୱରର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବା ଯୋଗାଇ ଆସୁଥିବା ଜିକେଭଞ୍ଜର ଡାକ୍ତରଖାନାର ଡାକ୍ତର ଓ କର୍ମଚାରୀଙ୍କ ସହିତ ପ୍ରଶାସନିକ ସେବା ଯୋଗାଇ ଆସୁଥିବା ପୋଲିସ୍ ଆଇଆଇସିଙ୍କୁ ବୁଧବାର ଅଭିନବ ଉପାୟରେ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜଳେଶ୍ୱର, ଭୋଗରାଇ, ରାଇବଣିଆ ଓ ପଶ୍ଚିମବଙ୍ଗର କେତେକ ଅଞ୍ଚଳରୁ ଆସୁଥିବା ରୋଗୀଙ୍କୁ ଜିକେ ଭଞ୍ଜର ଡାକ୍ତରଖାନାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଦିବାରାତ୍ର ସେବା ଯୋଗାଉଥିବାରୁ ଜଳେଶ୍ୱରରେ ଗଠିତ ଆଦିବାସୀ ସଂଘ ପକ୍ଷରୁ ହସ୍‌ପିଟାଲ ସମ୍ମୁଖରେ ହଳଦୀ ପାଣିରେ ପାଦ ଧୋଇବା, ପୂଜା କରିବା ସହିତ ଉପଢୌକନ ପ୍ରଦାନ କରିଥିଲେ । ସେହିପରି ଡାକ୍ତରଖାନରେ ଉପସ୍ଥିତ ଥିବା ସମସ୍ତ ରୋଗୀଙ୍କୁ ଫଳ ବଣ୍ଟନ କରି ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ସକାଳେ ନୂଆବଜାର ଛକଠାରୁ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ପାରମ୍ପରିକ ବସ୍ତ୍ରରେ ହସ୍‌ପିଟାଲ ଯାଏ ଆସି ଏପରି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଥିରେ ଆଦିବାସୀ ସଂଘ ପକ୍ଷରୁ ରଘୁନାଥ ମୁର୍ମୁ, ସମ୍ପାଦକ ହରିଆ ମାରାଣ୍ଡି, ସନେଇ ହେମ୍ବ୍ରମ, କୁମାର ସିଂ, ମିଟୁ ଟୁଡୁ, ସୁନାରାମ କିସ୍କୁ, ମାଳ ମାରାଣ୍ଡି, ଜୁଲି ସରେନ୍, ଗୁରୁବାରୀ ମାରାଣ୍ଡି, ରାକ୍ଷୀ ମାରାଣ୍ଡି, ସୁକୁମଣି ମୁର୍ମୁ ଓ ରିଙ୍କି ହେମ୍ବ୍ରମ ପ୍ରମୁଖ ନେତୃତ୍ୱ ନେଇଥିଲେ। ଆସନ୍ତା ଦିନରେ ଆଦିବାସୀ ସଂଘ ପକ୍ଷରୁ ଅନ୍ୟ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହେବା ସଂପର୍କରେ ସଂଘ ସଂଯୋଜକ ଓ ଉପଦେଷ୍ଟା ଗୌରହରି ସାହୁ ଖବରଦାତାମାନଙ୍କୁ କହିଛନ୍ତି ।

# ଚେକିଂ ବେଳେ ଧରାପଡ଼ିଲେ ବନ୍ଧୁକଧାରୀ ଗ୍ୟାଙ୍ଗ୍

ଭୁବନେଶ୍ୱର/ବାରଙ୍ଗ,୨୫।୧୨ (ସତ୍ୟଜିତ୍ ରାଉତ/ ଲିଙ୍ଗରାଜ ରାଉତ)

ଚୋରା ବନ୍ଧୁକ ଦ୍ୱାରା ଘଟାଇଥାନ୍ତେ ବଡ଼ ଅପରାଧ। ଏହାପୂର୍ବରୁ କମିଶନରେଟ୍ ପୋଲିସ ପଞ୍ଝାରେ ଧରାପଡ଼ିଲେ ବନ୍ଧୁକଧାରୀ ଗ୍ୟାଙ୍ଗ। କଟକ-ଖୋର୍ଦ୍ଧା ରୋଡ ମହାବୀର କଲେଜ ନିକଟରେ ଚନ୍ଦକା ଥାନା ପୋଲିସ ଦ୍ୱାରା ମଙ୍ଗଳବାର ବିଳମ୍ବିତ ରାତିରେ ନାକା ଚେକିଂ ବେଳେ ୫ଜଣିଆ ଗ୍ୟାଙ୍ଗ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନଙ୍କ କାର୍ ଅଟକାଇ ଚେକିଂ କରିବା ପରେ ସେଥିରୁ ବନ୍ଧୁକ ଏବଂ ଗୁଳି ଆଦି ଜବତ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ସଦର ଥାନା ଅଞ୍ଚଳର ଭବାନୀ ପ୍ରସାଦ ମହାନ୍ତି (୩୨), ଖୋର୍ଦ୍ଧା ମସଜିଦ୍ କଲୋନୀ ଅଞ୍ଚଳର ସେକ୍ ରହେମତ୍ ଅଲ୍ଲୀ ଓରଫ ଅନିଲ (୨୮), ଜଟଣୀ ଅଞ୍ଚଳର ଏମ୍‌ଡି ଜାକିର୍ (୨୬), ବାଦାମବାଡି ଖାନନଗର ଅଞ୍ଚଳର ଦୀପକ କୁମାର ସାହୁ (୩୬) ଓ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ


ଗିରଫ ଅଭିଯୁକ୍ତ।

ଅଞ୍ଚଳର ଚନ୍ଦନ ଓରଫ ସଂଗ୍ରାମ ପ୍ରଧାନ (୨୯)। ସେମାନଙ୍କ ନିକଟରୁ ଗୋଟିଏ କାର୍ (ଓଡି୦୮-ଆର୍-୦୧୨୩), ୫ଟି ବନ୍ଧୁକ (୩ ମାଉଜର୍, ୨ ରିଭଲଭର୍), ୧୫ଟି ଗୁଳି, ୭ଟି ମୋବାଇଲ ଓ ୮୪ ହଜାର ଟଙ୍କା ଜବତ ହୋଇଛି। ଏନେଇ ଚନ୍ଦକା ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଦଫା ୧୨୬(୨), ୧୨୧(୧), ୧୦୯, ୨୯୬, ୩୫୧(୧),୩(୫) ଓ ଆର୍ମ୍ସ ଆକ୍ଟର ବିଭିନ୍ନ


ଜବତ ସାମଗ୍ରୀ

ଦଫାରେ ମାମଲା (ନଂ.୪୧୭/୨୦୨୪) ରୁଜୁ କରାଯାଇ ତଦନ୍ତ ହେଉଛି। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଭବାନୀଙ୍କ ନାଁରେ ବିଭିନ୍ନ ଥାନାରେ ୫ଟି ମାମଲା ରହିଥିବାବେଳେ, ଅନିଲଙ୍କ ନାଁରେ ଖୋର୍ଦ୍ଧା ଟାଉନ ଥାନାରେ ୨ଟି ଓ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ଚନ୍ଦନଙ୍କ ନାଁରେ ଖୋର୍ଦ୍ଧା ଟାଉନ ଥାନାରେ ହତ୍ୟା ମାମଲା ସମେତ ୬ଟି ମାମଲା ରହିଛି। ଅନ୍ୟ ଅଭିଯୁକ୍ତଙ୍କ ନାଁରେ ମାମଲା ରହିଥିବାବେଳେ ସେନେଇ ପୋଲିସ ଯାଞ୍ଚ କରୁଛି।

## ୩ ମାଉଜର, ୨ ରିଭଲଭର, ୧୫ ଗୁଳି ଜବତ

ଅଭିଯୁକ୍ତମାନେ ଦୀର୍ଘବର୍ଷ ହେଲା ବନ୍ଧୁକ ଚୋରାଚାଲାଣ କରିବା ସହ ବିଭିନ୍ନ ଅପରାଧ ଘଟାଉଥିଲେ। ଲୁଟ୍, ଡକାୟତି, ଖଣିଜ ପଦାର୍ଥ ଚୋରା ଚାଲାଣ, ଗୋଚାଲାଣ ଆଦିରେ ସମ୍ପୃକ୍ତ ରହୁଥିଲେ। ଭୁବନେଶ୍ୱର ପାଖାପାଖି ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ପୁରୀ ଆଦି ସ୍ଥାନରେ ଅଭିଯୁକ୍ତମାନଙ୍କ ନେଟୱର୍କ ରହିଥିବାବେଳେ ସେମାନେ ଏକାଧିକ ଥର ଜେଲ ମଧ୍ୟ ଯାଇଛନ୍ତି। ହେଲେ ଜେଲରୁ ଫେରିବା ପରେ ପୁଣି ବନ୍ଧୁକ କାରବାର କରିବା ସହ ଆତଙ୍କ ଖେଳାଉଥିଲେ। ଅଭିଯୁକ୍ତମାନେ ବନ୍ଧୁକ କେଉଁଠୁ ଆଣୁଥିଲେ, ତାହା ଜାଣିବାକୁ ତଦନ୍ତ ଚାଲିଥିବା ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି।

# ୩ ପୋଲିସ କର୍ମଚାରୀ ନିଲମ୍ବିତ

## କୋର୍ଟ ପରିସରରୁ ଅଭିଯୁକ୍ତ ଚମ୍ପଟ ଘଟଣା

ବନ୍ଧମୁଣ୍ଡା,୨୫।୧୨(ସୁବ୍ରତ ଦେ)

ରାଉରକେଲା ଉଦିତନଗରସ୍ଥିତ ଜେଏମ୍ଏଫ୍‌ସି କୋର୍ଟ ପରିସରରୁ ମଙ୍ଗଳବାର ଜଣେ ଅଭିଯୁକ୍ତ ପୋଲିସ ଆଖିରେ ଧୂଳିଦେଇ ଚମ୍ପଟ୍ ମାରିବା ଘଟଣାରେ ୩ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ବିଶ୍ରା ଥାନାର ହାବିଲଦାର ଜୟନ୍ତ ଜେନା, ଅଶୋକ ବେହେରା ଓ ନୀଳିମା ସୁନାନୀ। ନିଲମ୍ବନ ଅବଧିରେ ସେମାନେ ଜିଲା ପୋଲିସ ମୁଖ୍ୟାଳୟରେ ହାଜିରା ଦେବାକୁ ଏସ୍‌ପି ନୀତେଶ ୱାଧୱାନି ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଝାଡ଼ଖଣ୍ଡ ମନୋହରପୁର ଅଞ୍ଚଳର ରାଜୁ ବିଶ୍ରା ଥାନା ଅନ୍ତର୍ଗତ ଜରେଇକେଲା ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କର କିଛି ଅଶ୍ଳୀଳ ଫଟୋକୁ ଗତ କିଛିଦିନ ତଳେ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏ ନେଇ ଯୁବତୀ ଜାଣିବା ପରେ ଗତ ସୋମବାର ବିଶ୍ରା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ବିଶ୍ରା ପୋଲିସ ଏକ ମାମଲା (ନଂ.୨୦୮/୨୪) ରୁଜୁ କରି ଅଭିଯୁକ୍ତ ରାଜୁଙ୍କୁ ଝାଡ଼ଖଣ୍ଡରୁ ମଙ୍ଗଳବାର ସକାଳେ ଗିରଫ କରିଥିଲା। ଅପରାହ୍ନ ସାଢେ ୪ଟାରେ ପୋଲିସ ଅଭିଯୁକ୍ତଙ୍କୁ ରାଉରକେଲା ଜେଏମ୍ଏଫ୍‌ସି ରୁରାଲ କୋର୍ଟରେ ହାଜର କରିବା ପାଇଁ ନେଇଥିଲା। ଏହି ସମୟରେ ତାଙ୍କୁ ଜଗି ରହିଥିବା ୨ଜଣ ହାବିଲଦାର ଅନ୍ୟମନସ୍କ ଥିବା ଦେଖି ରାଜୁ ସେମାନଙ୍କୁ ଠେଲି କୋର୍ଟ ପରିସରରୁ କୁଆଡ଼େ ଫେରାର ହୋଇଯାଇଥିଲେ। ପୋଲିସ ଅଭିଯୁକ୍ତଙ୍କ ପିଛା କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା।

# ହେରୋଇନ, ଦେଶୀ ମଦ ଜବତ : ୩ ଗିରଫ

ଭୁବନେଶ୍ୱର,୨୫।୧୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରର ଦୁଇଟି ଅଞ୍ଚଳରେ ଅବକାରୀ ଟିମ୍ ପକ୍ଷରୁ ବୁଧବାର ଚଢାଉ ହୋଇଛି । ଏହି ଚଢ଼ାଉ ବେଳେ ମାଷ୍ଟରକ୍ୟାଣ୍ଟିନସ୍ଥିତ ଅଞ୍ଚଳରେ ମୋଟରସାଇକେଲରେ ହେରୋଇନ ବିକ୍ରି କରିବାକୁ ଗ୍ରାହକ ଅପେକ୍ଷାରେ ଥିବାବେଳେ ଜଣେ ଯୁବକଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ସେ ହେଲେ ୟୁନିଟ -୯ ଅଞ୍ଚଳର ଦେବୀ ପ୍ରସାଦ ସାମଲ। ତାଙ୍କଠାରୁ ୩୮ ଗ୍ରାମ୍ ହେରୋଇନ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ସାଢେ ୩ ଲକ୍ଷରୁ ଅଧିକ ହେବ। ଅନ୍ୟ ଏକ ଘଟଣାରେ ବେଆଇନ ଦେଶୀ ମଦ ଚାଲାଣବେଳେ ଅବକାରୀ ଟିମ୍ ଭରତପୁର ଚନ୍ଦକା ରାସ୍ତାରୁ ୨ ଜଣଙ୍କୁ ଗିରଫ ସହ ୫୭୦ ଲିଟର ମଦ ଜବତ କରିଛି । ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱର ୟୁନିଟ- ୨ ଅଞ୍ଚଳର ବୀରେନ୍ଦ୍ର ଗୌଡ଼ ଏବଂ ବାଲାକା ବିନ୍ଧାମୀ। ଏନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ନୂଆବର୍ଷ ପାଇଁ ନିଶା ବେପାରୀମାନେ ସକ୍ରିୟ ହୋଇଥିବାରୁ ଟିମ୍ ଗଠନ କରାଯାଇ ସେମାନଙ୍କ ଉପରେ ନଜର ରଖାଯାଇଥିବା ଅବକାରୀ ପୋଲିସ କହିଛି।

# ଜମିଜମା ବିବାଦରୁ ହତ୍ୟାକାଣ୍ଡ

■ ଅଖାରୁ ନାବାଳକଙ୍କ ମୃତଦେହ ଜବତ ଘଟଣା

■ ସିନ୍ ରିକ୍ରିଏଶନ କଲା ପୋଲିସ

ଚମ୍ପୁଆ,୨୫।୧୨(ମହେଶ୍ୱର ଦାସ)

କେନ୍ଦୁଝରର ଚମ୍ପୁଆ ଥାନା ପର୍ଶଲା ପଞ୍ଚାୟତର ଗୋପୀନାଥପୁରଠାରେ ମଙ୍ଗଳବାର ଘଟିଯାଇଥିବା ଲୋମହର୍ଷଣକାରୀ ହତ୍ୟାକାଣ୍ଡରେ ପର୍ଦ୍ଦାଫାଶ କରିଛି ଚମ୍ପୁଆ ପୋଲିସ। ପଡ଼ୋଶୀଙ୍କ ସହ ଜମିଜମା ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ଅଭିଯୁକ୍ତ ଗଙ୍ଗାରାମ ମୁଣ୍ଡାଙ୍କୁ ଗିରଫକରି ପୋଲିସ ବୁଧବାର ସିନ୍ ରିକ୍ରିଏଶନ କରିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଗୋପୀନାଥପୁର ଗାଁର ଗୌରାଙ୍ଗ ପାତ୍ରଙ୍କ ଘର ଆଗରେ ଏକ ବଡ଼ ଅଖା ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଅଖା ଖୋଲିବାରୁ ସେଥିରେ ଉକ୍ତ ଗ୍ରାମର ସ୍ୱର୍ଗତ ରାହାସ ମୁଣ୍ଡାଙ୍କ ୯ ବର୍ଷର ପୁଅ ପବନାଙ୍କ ମୃତଦେହ ଥିବା ଦେଖିଥିଲେ। ଘଟଣାରେ ପୋଲିସ ମୃତଦେହ ଜବତକରି ମାମଲା ରୁଜୁ କରି ଛାନ୍‌ଭିନ୍ ଆରମ୍ଭ କରିଥିଲା। ଗଙ୍ଗା ଓ ତାଙ୍କ ପଡ଼ୋଶୀ ଗୌରାଙ୍ଗଙ୍କ ମଧ୍ୟରେ ଜମିବାଡ଼ି ବିବାଦ ରହିଥିଲା। ପବନା ଗୌରଙ୍ଗଙ୍କ ଘରେ କାମକରୁଥିବାରୁ ଗଙ୍ଗା ତାଙ୍କୁ ସେଠାରେ କାମ ନ କରିବାକୁ ବାରମ୍ବାର ମନା କରୁଥିଲେ। ସୋମବାର ସନ୍ଧ୍ୟାରୁ ପବନା ଘରକୁ ଫେରି ନ ଥିବା ଓ ମଙ୍ଗଳବାର ସକାଳେ ଅଖା ଭିତରୁ ତାଙ୍କ ମୃତଦେହ ମିଳିଥିବା ନେଇ ମା'ବୁଧୁନି ମୁଣ୍ଡା ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ଘଟାଇ ଗଙ୍ଗା ସେଠାରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ସନ୍ଧ୍ୟା ୭ଟା ସମୟରେ ୫୨୦ ଜାତୀୟ ରାଜପଥ ପର୍ଶଲା ନିକଟରେ ତାଙ୍କୁ ଗିରଫ କରିଥିଲା। ବୁଧବାର ଥାନା ଅଧିକାରିଣୀ ଦେବକୀ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକାରିଣୀ ହରପ୍ରିୟା ନାୟକ, ପ୍ରୋବେଶନର ଏସ୍‌ପି ରାକେଶ ସାହୁଙ୍କ ଉପସ୍ଥିତିରେ ଅଭିଯୁକ୍ତକୁ ନେଇ ସିନ୍ ରିକ୍ରିଏଶନ କରାଯାଇଛି। ଗଙ୍ଗାରାମ ୯ ବର୍ଷର ପବନା ମୁଣ୍ଡାକୁ କିପରି ଏବଂ କେଉଁଠି ହତ୍ୟାକଲେ ଓ ମାରିବା ବେଳେ କ'ଣ ବ୍ୟବହାର କରିଥିଲେ। ତାହା ଦେଖାଇବା ପରେ ପୋଲିସ ଘଟଣାସ୍ଥଳରୁ ଏକ ଲୁହାରଡ଼, ଗଙ୍ଗା ଘରଭିତରେ ଲୁଚାଇ ରଖିଥିବା ହତ୍ୟାସମୟରେ ପିନ୍ଧିଥିବା ଲୁଙ୍ଗି ପୋଲିସ ଜବତ କରିଥିଲା। ପଡ଼ୋଶୀଙ୍କ ସହ ଜମିବାଡ଼ି ବିବାଦ କାରଣରୁ ନାବାଳକଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ଆଇଆଇସି ସୂଚନା ଦେଇଛନ୍ତି।

# କନ୍‌ଷ୍ଟେବଲ ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

## ପାରିବାରିକ କଳହର କରୁଣ ପରିଣତି

କଟକ,୨୫।୧୨(କାର୍ତ୍ତିକ ସାହୁ)

କଟକ ଲାଲବାଗ ଥାନା ଅନ୍ତର୍ଗତ ସିଦ୍ଧେଶ୍ୱର ସାହିରେ ବୁଧବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାରିବାରିକ କଳହକୁ କେନ୍ଦ୍ରକରି କଟକ ସାଇବର ଥାନାରେ କାର୍ଯ୍ୟରତ ମହିଳା କନ୍‌ଷ୍ଟେବଲ ବିଷ୍ଣୁପ୍ରିୟା ମଲ୍ଲିକଙ୍କୁ ତାଙ୍କ ସ୍ୱାମୀ ବିଶ୍ୱଜିତ୍ ମଲ୍ଲିକ ଛୁରିରେ ହତ୍ୟା କରିଛନ୍ତି। ଏହାପରେ ବିଶ୍ୱଜିତ୍ ଉକ୍ତ ଛୁରିରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇବା ସହ ହତ୍ୟାରେ ବ୍ୟବହୃତ ଛୁରି ଜବତ କରିଛି।

ସୂଚନାନୁସାରେ, ନିଶ୍ଚିନ୍ତକୋଇଲି ଅଞ୍ଚଳର ବିଶ୍ୱଜିତ୍ ଓ ବିଷ୍ଣୁପ୍ରିୟା ୨୦୧୯ରେ ପ୍ରେମ ବିବାହ କରିଥିଲେ। ସେମାନେ କଟକ ସିଦ୍ଧେଶ୍ୱର ସାହିରେ ଭଡ଼ାରେ ରହୁଥିଲେ। ବିଷ୍ଣୁପ୍ରିୟା ସାଇବର ଥାନାରେ କନ୍‌ଷ୍ଟେବଲ୍ ଚାକିରି କରୁଥିବାବେଳେ ବିଶ୍ୱଜିତ୍ ବ୍ୟବସାୟ କରୁଥିଲେ। ତାଙ୍କର ଗୋଟିଏ ୬ ବର୍ଷର ଝିଅ ଅଛି। ବିଭିନ୍ନ ସମୟରେ ସେମାନଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଉଭୟ ଘର ପକ୍ଷରୁ ସେମାନଙ୍କ କଳହର ସମାଧାନ ମଧ୍ୟ ହୋଇଥିଲା। ବୁଧବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏଥିରେ ବିଶ୍ୱଜିତ୍ ଉତ୍‌କ୍ଷିପ୍ତ ହୋଇ ବିଷ୍ଣୁପ୍ରିୟାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏସବୁ ଦେଖି ପଡ଼ୋଶୀ ଆସି ଅଟକାଇଥିଲେ ମଧ୍ୟ ବିଶ୍ୱଜିତ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ସେହି ଛୁରିରେ ନିଜ ଗଳା କାଟି ଏକ ଘରୁ ଭିତର ପଟୁ କବାଟ ବନ୍ଦ କରି ରହିଯାଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ସ୍ୱାମୀଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲା। ବିଶ୍ୱଜିତ୍‌ଙ୍କ ଅବସ୍ଥା ଗୁରୁତର ରହିଛି। ଝିଅ ସାମ୍ନାରେ ଏସବୁ କାଣ୍ଡ ଘଟିଥିବା ବେଳେ ସେ ସୁରକ୍ଷିତ ଉଦ୍ଧାର ହୋଇଛି। ଏହି ଘଟଣାରେ ଜଣେ ପଡ଼ୋଶୀ ମଧ୍ୟ ଆହତ ହୋଇଛନ୍ତି। ଏସିପି ପ୍ରଦୀପ ରାଉତ କହିଛନ୍ତି, ସ୍ୱାମୀ ଛୁରିରେ ଆକ୍ରମଣ କରି ସ୍ତ୍ରୀଙ୍କୁ ମାରିଛନ୍ତି। କଟକ ଡିସିପି ଜଗମୋହନ ମୀନା ଘଟଣାସ୍ଥଳରେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

# ରୋଷେଇ ବିବାଦରୁ ସାଙ୍ଗଙ୍କୁ ହାତୁଡ଼ିରେ ପିଟି ହତ୍ୟା

ଯୋଡ଼ା,୨୫।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳର ୬ ନଂ. ୱାର୍ଡ ବାଚୁ ହଟିଂରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାମାନ୍ୟ ରୋଷେଇକୁ ନେଇ ୨ ସାଙ୍ଗଙ୍କ ମଧ୍ୟରେ ବିବାଦରୁ ଜଣେ ଅନ୍ୟ ଜଣଙ୍କୁ ହାତୁଡ଼ିରେ ପିଟି ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ବାଚୁହଟିଂର ଭାଗବତ ବେଶ୍ରା(୪୦)। ଉଦ୍ଧାର କରିବାକୁ ଯାଇ ଅନ୍ୟ ଜଣେ ସାଙ୍ଗ ଦଶରଥ କାରୁଆ ଆହତ ହୋଇଛନ୍ତି। ଅଭିଯୁକ୍ତ ଦୁର୍ଗା ନାଏକଙ୍କୁ ପୋଲିସ ଗିରଫକରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଭାଗବତ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଗତ ୨ ସପ୍ତାହ ପୂର୍ବେ ଝଗଡ଼ା ହୋଇଥିଲା। ସେହି ଦିନଠାରୁ ଭାଗବତ ଘରୁ ପଳାଇଆସି କିଛି ଦୂରରେ ରହୁଥିବା ତାଙ୍କ ସାଙ୍ଗ ଦୁର୍ଗାଙ୍କ ଘରେ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଗା ଓ ଭାଗବତଙ୍କ ମଧ୍ୟରେ ରୋଷେଇ କାର୍ଯ୍ୟକୁ କେନ୍ଦ୍ରକରି ବଚସା ହୋଇଥିଲା। ପରେ ଦୁର୍ଗା ମଦ ଆଣିବାକୁ ଯାଇଥିଲେ। ଦଶରଥ ଓ ଭାଗବତ ରୋଷେଇ କରୁଥିବା ବେଳେ ରାତି ପ୍ରାୟ ୮ ଟାରେ ଦୁର୍ଗା ମଦ ନେଇ ଫେରି ଏକ ହାତୁଡ଼ିରେ ଭାଗବତଙ୍କୁ ଆକ୍ରମଣ କରିଥିଲେ। ଦଶରଥ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିବା ସହ ଦାନ୍ତ ଭାଙ୍ଗିଯାଇଥିବା ଦଶରଥ କହିଛନ୍ତି। ସେଠାରୁ ଦଶରଥ ଜୀବନ ବଞ୍ଚାଇ ଖସି ପଳାଇବାକୁ ସକ୍ଷମ ହୋଇଥିବା ବେଳେ ଦୁର୍ଗା ହାତୁଡ଼ିରେ ପିଟି ଭାଗବତଙ୍କୁ ହତ୍ୟା କରିଥିଲେ। ବୁଧବାର ସକାଳୁ ଘର ଭିତରେ ଭାଗବତଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଜାଣି ତାଙ୍କ ସ୍ତ୍ରୀ ପୋଲିସକୁ ଖବର ଦେଇଥିଲେ। ଯୋଡ଼ା ପୋଲିସ ଓ ବଡ଼ବିଲ ଆଡିସନାଲ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ ଅପରାହ୍ନରେ ଅଭିଯୁକ୍ତଙ୍କୁ ନିକଟସ୍ଥ ଝରଣ ଜଙ୍ଗଲରୁ ଗିରଫ କରିଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା(ନଂ.୩୩୦/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ୫ ବର୍ଷ ତଳେ ଦୁର୍ଗା ନିଜ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଗିରଫହୋଇ ଜେଲ ଯାଇଥିଲେ। କିଛି ମାସ ତଳେ ସେ ଜାମିନରେ ଆସିଥିଲେ।

# ବ୍ୟାଙ୍କରୁ ଲୁଟ୍ ପରେ ନିଆଁ ଲଗାଇଦେଲେ

## ସିସିଟିଭି କ୍ୟାମେରା, ହାର୍ଡଡିକ୍ସ ଗାଏବ

ସିମୁଳିଆ, ୨୫।୧୨(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ବାଲିଖଣ୍ଡ ବଜାରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ପୁରୁଷୋତ୍ତମପୁର ଶାଖାରେ ଦୁର୍ବୃତ୍ତମାନେ ଲୁଟ୍ କରିବା ପରେ ନିଆଁ ଲଗାଇଦେଇଥିବା ପ୍ରଶାସନ ପକ୍ଷରୁ ଅନୁମାନ କରାଯାଉଛି। ଘଟଣାସ୍ଥଳରେ ଅଡ଼ା ଓ ଚରମ୍ପାରୁ ୩ଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

ବୁଧବାର ସକାଳେ ବ୍ୟାଙ୍କରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ବ୍ୟାଙ୍କର କର୍ମଚାରୀ ଓ ପୋଲିସକୁ ଖବର ଦେଇଥିଲେ। ଦୁର୍ବୃତ୍ତମାନେ ବ୍ୟାଙ୍କ ପଛପାର୍ଶ୍ୱର ଝରକା ଭାଙ୍ଗି ଭିତରକୁ



ବ୍ୟାଙ୍କ ସମ୍ମୁଖରେ ଲୋକଙ୍କ ଗହଳି।

ପ୍ରବେଶ କରିଥିବା ଜଣାଯାଇଛି। ବୁଧବାର ଅପରାହ୍ନରେ ସନ୍ଧାନୀ କୁକୁର ଓ ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦ ଘଟଣାସ୍ଥଳରେ ପହଞ୍ଚିଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଓ ବ୍ୟାଙ୍କର ଉପରିସ୍ଥ କର୍ମଚାରୀମାନେ ତଦନ୍ତ ଚଳାଇଥିଲେ ହେଁ କୌଣସି ସୁରାକ ମିଳିପାରିନାହିଁ। ଦୁର୍ବୃତ୍ତମାନେ ବ୍ୟାଙ୍କ ପରିସରରୁ ୫ଟି ସିସିଟିଭି କ୍ୟାମେରା ସହିତ ହାର୍ଡଡିକ୍ସ ଖୋଲି ନେଇଯାଇଛନ୍ତି। ତଦନ୍ତ ପରେ ତଥ୍ୟ ପଦାକୁ ଆସିବ ବୋଲି ରିଜିଓନାଲ ବ୍ୟାଙ୍କ ଅଫିସର ସଞ୍ଜୟ କୁମାର ବେହେରା ସୂଚନା ଦେଇଛନ୍ତି। ଅପରପକ୍ଷେ ଏହି ବ୍ୟାଙ୍କ ନିକଟରେ ଘର ଓ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରହିଥିଲେ ହେଁ ଚୋରିର କୌଣସି ଶବ୍ଦ ନ ହେବା ଘଟଣା ସାଧାରଣରେ ଚର୍ଚ୍ଚା ହେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନ ଥାଏ ଲେମ୍ବୁ ଲୁଣ**
**ବାହାରେ ଦେଖ ଚାତର ପଣ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ଗଢ଼ାଯାଏ କାଠେ**
**ମନ ଗଢ଼ାଯାଏ ପାଠେ ।**

ଘର ଗଢିବାରେ କାଠର ବହୁତ ଆବଶ୍ୟକତା ରହିଥାଏ। ଘରର ଆସବାବପତ୍ରଠୁ ଆରମ୍ଭ କରି ସୌଖୀନ ବସ୍ତୁ ପର୍ଯ୍ୟନ୍ତ ସବୁଥିରେ କାଠ ଲୋଡ଼ା ହୋଇଥାଏ। ସେହିପରି ପାଠ ବା ଜ୍ଞାନ ମଣିଷକୁ ଦିଗ୍‌ଦର୍ଶନ ଦେଇଥାଏ। ଜୀବନରେ ଉଚିତ ମାର୍ଗ ଦର୍ଶାଇଥାଏ। ଜ୍ଞାନ ବଳରେ ମଣିଷର ସବୁବେଳେ ଜିତାପଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସରପଞ୍ଚଙ୍କୁ ଛୁରିରେ ଆକ୍ରମଣ

ବଇଣ୍ଡା,୨୫।୧୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ସରପଞ୍ଚ ରଶ୍ମିତା ପ୍ରଧାନଙ୍କୁ ପାପସରା ଗ୍ରାମର ଦୁଷ୍ମନ୍ତ ସାହୁ ମଙ୍ଗଳବାର ଛୁରିରେ ଆକ୍ରମଣ ସହ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ରଶ୍ମିତାଙ୍କ ଅଭିଯୋଗ ଆଧାରରେ ପୋଲିସ ନମ୍ବର ୪୧୭/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରିନାହିଁ। ପୋଲିସ କହିଛି, ରଶ୍ମିତା ଓ ତାଙ୍କ ସ୍ୱାମୀ ବିଶ୍ୱରଞ୍ଜନ ପ୍ରଧାନ ପାପସରାସ୍ଥିତ ଘରେ ଥିବାବେଳେ ନିର୍ବାଚନୀ ସହ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଷ୍ମନ୍ତ ହଠାତ୍ ତାଙ୍କ ଘରକୁ ପଶିଆସିଥିଲେ। ପ୍ରଥମେ ରଶ୍ମିତାଙ୍କୁ ସେ ମାଡ଼ ମାରିଥିଲେ। ଏହାପରେ ଏକ ଛୁରିରେ ଆକ୍ରମଣ କରିଥିଲେ। ରଶ୍ମିତାଙ୍କ ଚିତ୍କାର ଶୁଣି ସ୍ୱାମୀ ବିଶ୍ୱରଞ୍ଜନ ଘଟଣାସ୍ଥଳକୁ ଆସିବାରୁ ତାଙ୍କୁ ମଧ୍ୟ ଦୁଷ୍ମନ୍ତ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଚୋରି ଟ୍ରକ୍ ଉଦ୍ଧାର, ଜଣେ ଗିରଫ

■ ଅନୁଗୋଳରେ ଟ୍ରକ୍ ଲୁଚାଇ କାର୍‌ରେ ମଧ୍ୟପ୍ରଦେଶ ପଳାଇଥିଲେ

■ ସ୍ୱତନ୍ତ୍ର ପୋଲିସ ଟିମ୍ ଗୋଡ଼ାଇବାରୁ ଓଡ଼ିଶା ଫେରୁଥିଲେ

■ ସୋହେଲାରେ ଧରାପଡ଼ିଲେ ଜଣେ, ୩ ଫେରାର

ଅନୁଗୋଳ,୨୫।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ହେମସୁରପଡ଼ାଛକ ନିକଟସ୍ଥ ଏକ ଗ୍ୟାରେଜ ପାଖରୁ କିଛିଦିନ ତଳେ ଚୋରି ହୋଇଥିବା ଏକ ୧୬ ଚକିଆ ଟ୍ରକ୍‌କୁ ଅନୁଗୋଳ ପୋଲିସ ଉଦ୍ଧାର କରିବାରେ ସଫଳ ହୋଇଛି। ଦୁର୍ବୃତ୍ତମାନେ ଚୋରି ଟ୍ରକ୍‌କୁ ଅନୁଗୋଳରେ ଲୁଚାଇ ଏକ କାର୍‌ରେ ମଧ୍ୟପ୍ରଦେଶ ପଳାଇଯାଇଥିଲେ ହେଁ ଅନୁଗୋଳ ପୋଲିସର ସ୍ୱତନ୍ତ୍ର ଟିମ୍ ପିଛା କରୁଥିବା ଜାଣି ପୁଣି ଓଡ଼ିଶା ଫେରିଥିଲେ। ହେଲେ ସୋହେଲା ସୀମାରେ ପୋଲିସ ଟିମ୍ ଉକ୍ତ କାର୍‌କୁ ଅଟକାଇବା ସହ ସେଥିରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ହରିୟାଣା ରାଜ୍ୟର ମୋହିନ ଖାନ (୨୩)। ତାଙ୍କ ସହ ଥିବା ଅନ୍ୟ ୩ ଅଭିଯୁକ୍ତ ଫେରାର ହୋଇଯାଇଥିବା ବୁଧବାର ଅପରାହ୍ନରେ ଅନୁଗୋଳ ଏସ୍‌ପିଙ୍କ ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରମାକାନ୍ତ ମହାଳିକ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ କହିଛନ୍ତି, ସୁଶୀଲ କୁମାର ଅଗ୍ରୱାଲଙ୍କ ସ୍ତ୍ରୀଙ୍କ ନାମରେ ଥିବା ଏକ ୧୬ ଚକିଆ ଟ୍ରକ୍ (ନଂ. ଓଡି ୧୯ଡବ୍ଲ୍ୟୁ -୨୯୭୭)କୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନମ୍ବର ୯୮୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ସିସିଟିଭି ଫୁଟେଜ ଓ ସାଇବର ଟେକ୍ନିକାଲଙ୍କ ସହାୟତା ନେଇଥିଲା। ପରେ ଉକ୍ତ ପୋଲିସ ଟିମ୍ ମଧ୍ୟପ୍ରଦେଶ ଯାଇ ସେଠାରେ ଦୁର୍ବୃତ୍ତମାନଙ୍କୁ ଠାବ କରିଥିଲା। ପୋଲିସ ସେମାନଙ୍କ ପିଛା କରୁଥିବା ଜାଣି ଦୁର୍ବୃତ୍ତମାନେ ପୁନର୍ବାର ଉକ୍ତ କାର୍ ଯୋଗେ ଓଡ଼ିଶା ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ସୋହେଲା ସୀମାରେ କାର୍‌କୁ ଛାଡି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ଗାଡ଼ି ଭିତରୁ ଜଣଙ୍କୁ ଧରିଥିଲା। ଗିରଫ ମୋହିନ ଖାନ ୨ ମାସ ପୂର୍ବରୁ ଅନୁଗୋଳ ଆସି ଏକ






ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ। ପୋଲିସ ଉଦ୍ଧାର କରିଥିବା ଟ୍ରକ୍।

ଶିଳ୍ପସଂସ୍ଥାରେ କାମ କରିବା ସହ ଟ୍ରକ୍ ଚୋରି କରିବା ପାଇଁ ଯୋଜନା କରିଥିଲା। ପରେ ସହଯୋଗୀମାନଙ୍କୁ ଡକାଇ ଟ୍ରକ୍ ଚୋରାଇ ନେଇଥିଲା। ଅଭିଯୁକ୍ତଙ୍କ ଠାରୁ ସୂଚନା ପାଇ ପୋଲିସ ଟିମ୍ ଚୋରି ଟ୍ରକ୍, ସୁରକ୍ଷା ଦେଉଥିବା କାର୍, ଜିପିଏସ୍ ଓ ୨ଟି ମୋବାଇଲ ଜବତ କରିଛି । ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରିବାର ଚେଷ୍ଟା ଜାରି ରହିଛି ବୋଲି ପୋଲିସ ପ୍ରକାଶ କରିଛି। ଏହି ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ବଶିଷ୍ଟ ଆଡ଼େପୁ, ଆଇଆଇସି ଧୀରଜ କୁମାର ଦାସ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ରୁଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍ଥିକ ଅଭିବୃଦ୍ଧିରେ ଷ୍ଟାର୍ଟଅପ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା

**ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)**

ଭାରତ ବୈଶ୍ୱିକସ୍ତରରେ ସବୁଠାରୁ ଷ୍ଟାର୍ଟଅପ ଇକୋସିଷ୍ଟମ ଭାବରେ ଉଭା ହୋଇଛି। ଏହା ତୃତୀୟ ବୃହତ୍ତମ ଷ୍ଟାର୍ଟଅପ ହବ ଭାବରେ ନିଜର ସ୍ଥାନ ସୃଷ୍ଟି କରିଛି। ୧୦୦ ରୁ ଅଧିକ ୟୁନିକର୍ନ ସହିତ ଭାରତରେ ୭୩,୦୦୦ରୁ ଅଧିକ ଏପରି ଷ୍ଟାର୍ଟଅପ ରହିଛି ଯେଉଁଥିରେ ଅତି କମରେ ଜଣେ ମହିଳା ନିବେଶକ ଅଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧,୫୭,୦୬୬ ଷ୍ଟାର୍ଟଅପପ୍ର ପ୍ରାୟ ଅର୍ଦ୍ଧେକ ଷ୍ଟାର୍ଟଅପରେ ମହିଳା ନିବେଶକଙ୍କ ଯୋଗଦାନ ରହୁଛି। ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ ଏବଂ ଦିଲ୍ଲୀ-ଏନସିଆର ଭଳି ସହରଗୁଡ଼ିକ ନୂତନତ୍ୱର କେନ୍ଦ୍ର ପାଲଟିଛି। ସୁଲଭ ଇଣ୍ଟରନେଟର ବ୍ୟାପକ ଉପଲବ୍ଧତା, ତଥା ଯୁବପିଢ଼ିଙ୍କ ଭୂମିକା ଏବଂ ଫିଣ୍ଟେକ, ଏଡେଟେକ, ସ୍ୱାସ୍ଥ୍ୟ-ବୈଷୟିକ ଜ୍ଞାନକୌଶଳ ଏବଂ ଇ-ବାଣିଜ୍ୟ ସମେତ ବିଭିନ୍ନ କ୍ଷେତ୍ରରେ ଷ୍ଟାର୍ଟଅପର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରୁଛି। ଷ୍ଟାର୍ଟଅପ ଇଣ୍ଡିଆର ଇଣ୍ଡିଆନ ଷ୍ଟାର୍ଟଅପ ଇକୋସିଷ୍ଟମ ରିପୋର୍ଟ ଅନୁଯାୟୀ, ସ୍ଥାନୀୟ ତଥା ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ ପାଇଁ ଭାରତର ଷ୍ଟାର୍ଟଅପ କୃତ୍ରିମ ବୁଦ୍ଧିମତା, ବ୍ଲକ ଚେନ ଏବଂ ଆଇଓଟି ଭଳି ଉଦୀୟମାନ ପ୍ରଯୁକ୍ତିକୁ ବ୍ୟବହାର କରିଛି। ଇନକ୍ୟୁବେଟର ଏବଂ ଶକ୍ତିଶାଳୀ ମେଣ୍ଟରିଂ ନେଟୱାର୍କ ଦ୍ୱାରା ସମର୍ଥିତ ଏହି ଅଭିନବ ସଂସ୍କୃତି ଏକ ନିଆରା ଇକୋସିଷ୍ଟମ ସୃଷ୍ଟି କରିଛି । ସୂଚନା ଥାଉକି, ୨୦୧୬ରେ ଆରମ୍ଭ ହୋଇଥିବା ଫ୍ଲାଗସିପ ଷ୍ଟାର୍ଟଅପ ଇଣ୍ଡିଆ କାର୍ଯ୍ୟକ୍ରମ ଏହି ପ୍ରୟାସର ମୂଳଦୁଆ ପାଲଟିଛି । ୨୦୨୫ ଡିସେମ୍ବର ସୁଦ୍ଧା, ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟର ପ୍ରୋତ୍ସାହନ ଦ୍ୱାରା ୧,୫୭,୦୬୬ ଷ୍ଟାର୍ଟଅପ ମାନ୍ୟତା ପାଇଛି ଏବଂ ପୋର୍ଟାଲରେ ୭,୫୯,୩୦୩ ଉପଭୋକ୍ତା ପଞ୍ଜିକୃତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଏହି ଯୋଜନା ଅଧୀନରେ ପଞ୍ଜୀକୃତ ଷ୍ଟାର୍ଟଅପଗୁଡ଼ିକ କ୍ରମାଗତ ୩ ଆର୍ଥିକ ବର୍ଷ ପାଇଁ ଟିକସ ଛାଡ ପାଆନ୍ତି। ଷ୍ଟାର୍ଟଅପ୍ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟ ଆର୍ଥିକ ବୃଦ୍ଧି ପାଇଁ ଫଣ୍ଡ ଅଫ ଫଣ୍ଡସ୍ ପଦକ୍ଷେପ ସହ ୧୦,୦୦୦ କୋଟି ଆବଣ୍ଟନ କରିଛି। ସେହିପରି ବାୟୋଟେକ୍ନୋଲୋଜି, କୃଷି ଏବଂ ଅକ୍ଷୟ ଶକ୍ତି ପରି ଶିଳ୍ପଗୁଡିକ ପାଇଁ ପ୍ରସ୍ତୁତ ନୀତିଗୁଡିକ ଆଞ୍ଚଳିକ ଅଭିବୃଦ୍ଧିକୁ ଉତ୍ସାହିତ କରିଛି। ଇଣ୍ଡିଆ ଷ୍ଟାର୍ଟଅପ ନଲେଜ ଆକ୍ସେସ ରେଜିଷ୍ଟ୍ରି ଦ୍ୱାରା ଷ୍ଟାର୍ଟଅପ, ନିବେଶକ, ମେଣ୍ଟର, ସେବା ପ୍ରଦାନକାରୀ ଏବଂ ସରକାରୀ ସଂସ୍ଥା ସମେତ ଉଦ୍ୟୋଗୀ ଇକୋସିଷ୍ଟମ ମଧ୍ୟରେ ପ୍ରମୁଖ ହିତାଧିକାରୀଙ୍କ ମଧ୍ୟରେ ସହଯୋଗକୁ କେନ୍ଦ୍ରୀକରଣ ପାଇଁ ଡିଜାଇନ କରାଯାଇଛି। ୨୦୨୧ ରେ ଆରମ୍ଭ ହୋଇଥିବା ପ୍ରଡକ୍ଟ ଇନୋଭେସନ, ଡେଭଲପମେଣ୍ଟ ଏବଂ ଗ୍ରୋଥ ସ୍କିମ ଦ୍ୱାରା ୪ ବର୍ଷ ମଧ୍ୟରେ ୯୯ କୋଟି ଖର୍ଚ୍ଚ ସହିତ ୩୦୦ ସଫ୍ଟୱେୟାର୍ ଉତ୍ପାଦ ଷ୍ଟାର୍ଟଅପକୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖିଛି। ଭାରତର ଆର୍ଥିକ ଅଭିବୃଦ୍ଧି ପାଇଁ ଷ୍ଟାର୍ଟଅପ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି । ଷ୍ଟାର୍ଟଅପ ସାରା ଦେଶରେ ୧୬ ଲକ୍ଷରୁ ଅଧିକ ଚାକିରି ସୃଷ୍ଟି କରିଛି । ବିଶ୍ୱ ଉଦ୍ୟୋଗ ପୁଞ୍ଜି (ଭିସି) ଏବଂ ଘରୋଇ ଇକ୍ୱିଟି ବିନିଯୋଗ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।




# ଓଲା ଇଲେକ୍‌ଟ୍ରିକ୍ ନେଟ୍‌ୱର୍କ ସମ୍ପ୍ରସାରଣ

**ନୂଆଦିଲ୍ଲୀ,୨୫।୧୨**

ଦେଶର ପ୍ରମୁଖ ବୈଦ୍ୟୁତିକ ଯାନ ନିର୍ମାତା ତଥା ଇଲେକ୍‌ଟ୍ରିକ୍ ଭେହିକିଲ (ଇଭି) କମ୍ପାନୀ 'ଓଲା ଇଲେକ୍‌ଟ୍ରିକ୍'ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ନେଟ୍‌ୱର୍କ ସମ୍ପ୍ରସାରଣ' ସମ୍ପର୍କରେ ଘୋଷଣା କରିଛି। ଏପରିକି କମ୍ପାନୀ ବୁଧବାର ସାରା ଦେଶରେ ଏକ ବଡ଼ ଧରଣର ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ସର୍ବଭାରତୀୟ ସ୍ତରରେ କରିଛି। ଫଳରେ କମ୍ପାନୀ ଦେଶବ୍ୟାପୀ ୪୦୦୦ ଷ୍ଟୋରକୁ ଏକ ସାଙ୍ଗରେ ଶୁଭାରମ୍ଭ କରାଯାଇଛି। ଏହି ବିସ୍ତାର ସହ ବର୍ତ୍ତମାନ କମ୍ପାନୀ ନେଟ୍‌ୱର୍କରେ ୪ ଗୁଣ ଷ୍ଟୋର ବୃଦ୍ଧି ହୋଇଛି। ସେହିଭଳି ସର୍ଭିସ୍ ସେଣ୍ଟରଗୁଡିକ ସହ ମିଳିତ ଭାବେ ଅବସ୍ଥାପିତ ୩୨୦୦ରୁ ଅଧିକ ନୂଆ ଷ୍ଟୋରର ଶୁଭାରମ୍ଭ ସହ କମ୍ପାନୀ ମେଟ୍ରୋ, ଟିୟର ୧ ଓ ଟିୟର ୨ ସହରଗୁଡିକ ବାହାରେ ଭାରତର ପ୍ରାୟ ପ୍ରତ୍ୟେକ ଟାଉନ ଓ ତହସିଲରେ ବ୍ୟାପକ ପ୍ରବେଶୀକରଣକୁ ସକ୍ଷମକରି ବୃହତ୍ ସ୍ତରର ଇଭି ଗ୍ରହଣୀୟତାକୁ ପରିଚାଳନା କରିବା ପାଇଁ ପ୍ରତିବଦ୍ଧ ରହିଛି। ଏହି ସମ୍ପ୍ରସାରଣ ଯୋଜନା ଅଧୀନରେ ଓଲା ଇଲେକ୍‌ଟ୍ରିକ୍ ପକ୍ଷରୁ ଭୁବନେଶ୍ୱରର କେସୁରାଠାରେ ଏକ ନୂତନ ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ଓଲା ଇଲେକ୍‌ଟ୍ରିକ୍ ଆର୍‌ଏସ୍‌ଏମ୍ ନବୀନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ କମ୍ପାନୀ ଓ ଶୋ'ରୁମ୍‌ର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଓଲା ଇଲେକ୍‌ଟ୍ରିକ୍‌ର ଅଧକ୍ଷ ତଥା ଏମ୍‌ଡି ଭାବିଷ ଅଗ୍ରୱାଲ କହିଛନ୍ତି, ଆମେ ଆମର ନେଟ୍‌ୱର୍କକୁ ସମ୍ପ୍ରସାରଣକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଦେଶର ପ୍ରତ୍ୟେକ ସହର, ଟାଉନ ଓ ତହସିଲକୁ ନେଟ୍‌ୱର୍କର ବିସ୍ତାର କରିଛୁ। ସେହିଭଳି ସର୍ଭିସ୍ ସେଣ୍ଟରଗୁଡିକ ସହ ମିଳିତ ଭାବେ ଅବସ୍ଥାପିତ ଆମର ନୂଆକରି ଶୁଭାରମ୍ଭ ହୋଇଥିବା ଷ୍ଟୋରଗୁଡିକ ସହ ଆମେ ଇଭି କ୍ରୟ ଓ ମାଲିକାନା ଅନୁଭୂତିକୁ ସମ୍ପୂର୍ଣ୍ଣ ରୂପେ ପୁନଃ ପରିଭାଷିତ କରିଛୁ। ଅପରପକ୍ଷରେ ଆମର ହାସ୍‌ଟ୍ୟାଗ୍ ସେଭିଂସ୍ ୱାଲା ସ୍କୁଟର କ୍ୟାମ୍ପେନ ସହ ନୂଆ ବେଞ୍ଚମାର୍କ ସ୍ଥିର କରିଛୁ। ଏହି ସମ୍ପ୍ରସାରଣ ଜାରି ରଖିଥିବାରୁ ଆମେ ଉଦ୍ଭାବନର ସୀମାକୁ ଆଗକୁ ବଢ଼ାଇବା ଏବଂ ହାସ୍‌ଟ୍ୟାଗ୍ ଆଣ୍ଡ୍ ଆଇସିଇଏଜ୍ ଦିଗରେ ଭାରତର ଯାତ୍ରାକୁ ତ୍ୱରାନ୍ୱିତ କରିବା ପ୍ରତି ପ୍ରତିବଦ୍ଧ ରହିଛୁ। ଏହି ବିଶାଳ ନେଟ୍‌ୱର୍କ ସମ୍ପ୍ରସାରଣକୁ ଚିହ୍ନିତକରିବା ପାଇଁ ପ୍ରକୃତ ୨୪-କ୍ୟାରେଟ ଗୋଲ୍ଡ ପ୍ଲେଟେଡ୍ ଏଲିମେଣ୍ଟଗୁଡିକ ସହ ଓଲା ଏସ୍୧ ପ୍ରୋ ସୋନାକୁ ଶୁଭାରମ୍ଭ କରାଯାଇଛି। ନେଟ୍‌ୱର୍କର ବିଶାଳ ସମ୍ପ୍ରସାରଣକୁ ଚିହ୍ନିତକରି ଓଲା ଇଲେକ୍‌ଟ୍ରିକ୍ ଏହାର ଏସ୍୧ ପୋର୍ଟଫୋଲିଓ ଉପରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତର ଲାଭ ସହ ଆକର୍ଷଣୀୟ ଅଫରର ଶୁଭାରମ୍ଭ କରିଛି। ଯାହା ସ୍ୱତନ୍ତ୍ର ଭାବେ ୨୦୨୪ ଡିସେମ୍ବର ୨୫ରେ ଉପଲବ୍ଧ ରହିବ। ଗ୍ରାହକମାନେ ନିକଟରେ ଶୁଭାରମ୍ଭ ହୋଇଥିବା ନିଜର ନିକଟସ୍ଥ ଓଲା ଷ୍ଟୋରଗୁଡିକୁ ପରିଦର୍ଶନ କରିପାରିବେ।


୧୯ତମ ଜନ୍ମବାର୍ଷିକୀ



**ରୁଦ୍ରନାରାୟଣ ସାହୁ**
ଯୋରନ୍ଦା, ମହିମାଗାଦି, ଢେଙ୍କାନାଳ
ତୋର ଚଲାପଥ କୁସୁମିତ ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୁଭେଚ୍ଛା - ପରିବାରବର୍ଗ
D-2388


# ବବି ଜନ୍ ସହ ଡା. ଅର୍ଥୋର ବୁଝାମଣା

**ନୂଆଦିଲ୍ଲୀ,୨୫।୧୨**

ଦେଶର ଅଗ୍ରଣୀ ଆୟୁର୍ବେଦିକ କମ୍ପାନୀ ତଥା ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ପ୍ରମୁଖ ବ୍ରାଣ୍ଡ ଡ. ଅର୍ଥୋ ଏବଂ ବଲିଉଡ୍ ଫିଲ୍ମ 'ବବି ଜନ୍' ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଛି। ଏପରିକି ଏହି ଆକ୍ସନ ଥ୍ରିଲର ଚଳଚ୍ଚିତ୍ର ଜଣାଶୁଣା ଫିଲ୍ମ ନିର୍ଦ୍ଦେଶକ କାଲସିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ବରୁଣ ଧାୱନଙ୍କ ଅଭିନୀତ 'ବବି ଜନ୍'ର ପ୍ରଚାର ଓ ପ୍ରସାର ସହ ବ୍ରାଣ୍ଡର ପ୍ରଚାର ଏହା ଜରିଆରେ ହୋଇପାରିବ ବୋଲି କୁହାଯାଇଛି। ବିଶେଷକରି ଚଳଚ୍ଚିତ୍ରର ମୁଖ୍ୟ ନାୟକ ତଥା ଡିସିପି ସତ୍ୟ ବର୍ମା କିଭଳି ରାଜନୀତିର ପଶାପାଲିରେ ଛନ୍ଦି ହୋଇ ସଂଘର୍ଷ କରୁଛନ୍ତି ଏବଂ ପଲଟିସିଆନ ବବର ଶେର ସହ ଲଢେଇ କରି ସଫଳ ହେଉଛନ୍ତି।

ଏ ସମ୍ପର୍କରେ ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ତଥା ଉଦ୍ୟୋଗୀ ଓ ନିବେଶକ ଡ. ସଞ୍ଜୀବ ଜୁନେଜା କହିଥିଲେ, ଆମେ ବଲିଉଡ୍ ଫିଲ୍ମ ବବି ଜନ ସହ ସାମିଲ ହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ବବି ଜନର ସଫଳତା ପାଇଁ ମଧ୍ୟ ଶୁଭେଚ୍ଛା ଜଣାଉଛୁ। ସେହିଭଳି କିଭଳି ଜଣେ କର୍ତ୍ତବ୍ୟବାନ ଫୋଲିସ ଅଫିସର ତା'ର ପରିବାର ସୁରକ୍ଷା ଓ ପରିବାର ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ଲଢେଇ କରି ପରିଶେଷରେ ସଫଳ ହେଉଛି। ସେ ବିଷୟରେ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଅଭିନେତା ଓ ଏହାର ସମସ୍ତ ଟିମ ମେମ୍ବରଙ୍କ କଠିନ ପରିଶ୍ରମକୁ ପରିପ୍ରକାଶ କରୁଛି। ସେହିପରି ବ୍ରାଣ୍ଡ ଅର୍ଥୋର ଷ୍ଟ୍ରଙ୍ଗ ଅଏଲର ଗୁଣବତ୍ତା ଓ କଠିନ ପରିଶ୍ରମକାରୀଙ୍କ ଲାଗି ଯେଉଁ ଉପକାରିତା ପ୍ରଦାନ କରୁଛି ସେ ବିଷୟରେ ମଧ୍ୟ ଏହି ଚଳଚ୍ଚିତ୍ରର ଅଭିନେତାମାପେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ ବ୍ରାଣ୍ଡର ସମସ୍ତ ଉତ୍ପାଦ ଦୀର୍ଘ ଦିନ ହେବ ଲୋକଙ୍କ ହିତରେ ଏବଂ ଗ୍ରାହକଙ୍କ ସେବାରେ ରହିଛି। ଏପରିକି କମ୍ପାନୀର ଅନେକ ପ୍ରକାରର ବ୍ରାଣ୍ଡ ଦୀର୍ଘଦିନ ହେବ ଗ୍ରାହକଙ୍କ ସେବାର ଉର୍ସଗୀକୃତ ହୋଇ ରହିଛି।




# ବଜାଜ୍ ଫିନ୍‌ସର୍ଭର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୨୫।୧୨**

ବଜାଜ୍ ଫିନ୍‌ସର୍ଭ ଏଏମ୍‌ସି (ବଜାଜ୍ ଫିନସର୍ଭ)ର ନୂତନ ଉତ୍ପାଦ 'ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ଲିଙ୍କ୍‌ଡ ସେଭିଂ ସ୍କିମ୍ ହୋଇଥିଲାବେଳେ ୩ ବର୍ଷର ଲକ୍-ଇନ୍ ଅବଧି ଓ ଟିକସ ଲାଭ ସହିତ ବଜାଜ୍ ଫିନ୍‌ସର୍ଭ ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ ଆରମ୍ଭ ହୋଇଛି। ଏହି ଫଣ୍ଡର ସବ୍‌ସ୍କ୍ରିପଶନ ଆରମ୍ଭ ହୋଇଯାଇଥିଲାବେଳେ ଏହାର ଅବଧି ୨୦୨୫ ଜାନୁଆରୀ ୨୨ରେ ଶେଷ ହେବ। ଏ ସମ୍ପର୍କରେ ବଜାଜ୍ ଫିନ୍‌ସର୍ଭ ଏଏମ୍‌ସିର ସିଇଓ ଗଣେଶ ମୋହନ କହିଛନ୍ତି, ଆମେ ଲୋକମାନଙ୍କୁ ସେମାନଙ୍କର ଦୀର୍ଘାବଧି ଲକ୍ଷ୍ୟ ସହ ମେଳ ଖାଉଥିବା ସ୍ମାର୍ଟ ଫାଇନାନ୍ସିଆଲ ସଲ୍ୟୁଶନ ପ୍ରଦାନକରି ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଇଏଲ୍‌ଏସ୍‌ଏସ ଟିକସ ସଞ୍ଚୟ, ଇକ୍ୱିଟି ମାଧ୍ୟମରେ ସମ୍ପତ୍ତି ସୃଷ୍ଟି ଓ ସର୍ବନିମ୍ନ ଲକ୍-ଇନ୍ ଅବଧି ଭଳି ୩ଟି ଲାଭ ସହିତ ନିବେଶକଙ୍କୁ ନିଜର ଆର୍ଥିକ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିପାରିବ।

ସେହିଭଳି ବଜାଜ୍ ଫିନ୍‌ସର୍ଭ ଏଏମ୍‌ସିର ସିଆଇଓ ନିମେଶ ଚନ୍ଦନ କହିଛନ୍ତି, ଏହି ଫଣ୍ଡ ଏକ ଦୀର୍ଘ ଅବଧିଭିତ୍ତିକ ଷ୍ଟକ୍ ଚୟନ ପ୍ରକ୍ରିୟା ଅନୁସରଣ କରୁଛି, ଯେଉଁଥିରେ ବିସ୍ତୃତ ମୌଳିକ ବିଶ୍ଳେଷଣ ମାଧ୍ୟମରେ ଗୁଣାତ୍ମକ ବ୍ୟବସାୟଗୁଡିକୁ ଚିହ୍ନଟକରିବା ଓ ସେଥିରେ ନିବେଶ ସାମିଲ ରହିଛି। ଏହା ମଜଭୁତ, ଅଭିବୃଦ୍ଧି-ଆଧାରିତ ବ୍ୟବସାୟ ମଡେଲ, ଉତ୍ତମ ପରିଚାଳନା ଥିବା ଓ ଯୁକ୍ତିଯୁକ୍ତ ମୂଲ୍ୟାୟନରେ ଉପଲବ୍ଧ କମ୍ପାନୀଗୁଡିକୁ ଚୟନ କରିବା ଉପରେ ଗୁରୁତ୍ୱ ଦେଉଛି। ଏହା ଆମର ନିଜସ୍ୱ ଇନ୍‌କ୍ୟୁବି ନିବେଶ ଦର୍ଶନ ଉପରେ ନିର୍ମିତ ହୋଇଛି। ସେହିପରି ଏହା ରେଗୁଲାର ଓ ଡାଇରେକ୍ଟ ପ୍ଲାନ୍ ଅଧୀନରେ ଗ୍ରୋଥ୍ ଓ ଆଇଡିସିଡବ୍ଲ୍ୟୁ ବିକଳ୍ପରେ ଉପଲବ୍ଧ ହେଉଛି। ସର୍ବନିମ୍ନ ୫୦୦ଟଙ୍କାର ଯୋଗଦାନ ସହ ଏକ ଲମ୍ପ୍ ସମ୍ କିମ୍ବା ଏସ୍‌ଆଇପି ମାଧ୍ୟମରେ ଏହି ସ୍କିମ୍‌ରେ ନିବେଶ କରାଯାଇପାରିବ। ଏପରିକି ବଜାଜ୍ ଫିନ୍‌ସର୍ଭ ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ ଇକ୍ୱିଟିରେ ନିବେଶକରି ଦୀର୍ଘାବଧି ଟିକସ ଲାଭ ଓ ସମ୍ପତ୍ତି ସୃଷ୍ଟିର ଦ୍ୱୈତ ଲାଭ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

## Classified Everyday
**0674-2580101, 9692975378**




**SALE**

Official space & shops (BMC & RERA approved) for sale in a prime location of BBSR. For details please contact: 7605932509. D-2319

4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399. D-2310

Gharabari converted plots available near Hitech Square, Sundarpada, Bhubaneswar. For more details contact- 9938015048. D-2386

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313. D-2387

ଅରଡ଼ରେ ଘରବାରି ପ୍ଲଟ୍ ମିଳୁଛି। ତ୍ରିନାଥ ବଜାରଠାରୁ 5Km. ଦୂରତାରେ ସୁଲଭ Priceରେ ପ୍ଲଟ୍ ମିଳେ- 7205626277. D-2385




Newly open health benefits spa by expert therapist. Contact: 8280961126. D-76180

Newly open health benefits spa by experience lady therapist. 7750040475. D-76179

Newly open Spa positively Health benefit with expert. Contact: 7847834544. D-2365

**AFFIDAVIT**

I, Ritarani Bhoi, aged about 33yrs., Wife of Balaram Bhoi, Resident of Village Palatpur, P.O.- Bhuinpur, P.S.- Dhusuri, in the Dist. of Bhadrak, Odisha, Pin- 756138 do hereby declare that, by virtue of this affidavit, from today I shall be known as Ritarani Bhoi instead of Mitarani Bhoi in all official and non-official purposes. D-2389

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Dillip Kumar Ojha (51 yrs.), S/o- Late Kalandi Charan Ojha, Vill./P.O. - Sundarpur, P.S.- Dhusuri, Dist.- Bhadrak declare that my wife has an LIC Policy bearing No. 588872623. Where in her name mentioned Anima Ojha. But her actual name is Annapurna Ojha. Further I declare that Anima Ojha and Annapurna Ojha, W/o Dillip Kumar Ojha same and one person. D-2369

ମୁଁ ଶ୍ରୀମତୀ ମିନାକ୍ଷୀ ପଟ୍ଟନାୟକ, ୬୨ ବର୍ଷ, ପିତା- ସୂର୍ଯ୍ୟନାରାୟଣ ପଟ୍ଟନାୟକ, ପ୍ଲଟ୍ ନଂ. ୬୨(ପି), ଏକାମ୍ର ରୋଡ୍, ଗଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର ନୋଟାରୀ ପବ୍ଲିକ୍, ଭୁବନେଶ୍ୱରଙ୍କ ନିକଟରେ ନ୍ୟାୟିକ ମୋହର ସଂଖ୍ୟା ୭୩ ଏଏ ୮୩୦୭୪୦, ତା୧୭।୧୨।୨୦୨୪ରିଖରେ କରିଥିବା ଶପଥପାଠ ଅନୁଯାୟୀ ଜଣାଉଅଛି କି ମୋର ପ୍ରକୃତ ଏବଂ ନିର୍ଭୁଲ ନାମ ଆଧାର କାର୍ଡ ନଂ. XXXX XXXX ୩୨୪୬ ଏବଂ ପାନ୍ କାର୍ଡ ଏଜି ପିପିପି ୬୮୯୧ ଏର୍ ଅନୁସାରେ ମିନାକ୍ଷୀ ପଟ୍ଟନାୟକ ଅଟେ। କିନ୍ତୁ ଭୁଲ୍‌ବଶତଃ ମୋର ନାମ ପାସ୍‌ପୋର୍ଟ ବହି ନଂ. ଏଲ୍ ୮୩୩୭୫୯୧ରେ ମିନାକ୍ଷୀ କୁମାରୀ ପଟ୍ଟନାୟକ ରହିଯାଇଅଛି। ଅଦ୍ୟଠାରୁ ଏହି ଶପଥପାଠ ମାଧ୍ୟମରେ ମୁଁ ଘୋଷଣା କରୁଅଛି କି ମିନାକ୍ଷୀ ପଟ୍ଟନାୟକ ଏବଂ ମିନାକ୍ଷୀ କୁମାରୀ ପଟ୍ଟନାୟକ ଉଭୟ ନାମ ଏକକ ବ୍ୟକ୍ତିଙ୍କର ଅଟେ, ଯାହା ସର୍ବତ୍ର ବ୍ୟବହୃତ ହୋଇପାରିବ। ଧ-୨୩୯୦

# ବଜାରରେ ହୋଣ୍ଡାର ଏସ୍‌ପି୧୬୦

**ନୂଆଦିଲ୍ଲୀ,୨୫।୧୨ (ଅଭୟ ଦାଶ)**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଏସ୍‌ପି୧୬୦ (ନ୍ୟୁ ୨୦୨୫ ଏସ୍‌ପି୧୬୦)ର ଅନାବରଣ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ଏମ୍‌ଡି,ସଭାପତି ତଥା ସିଇଓ ସୁତ୍‌ସୁମୁ ଓଟାନୀ କହିଛନ୍ତି, ଆମେ ଆମର ନୂତନ ମଡେଲ ତଥା ଓବିଡି୨ବି ନିୟାମକ ନୂତନ ଏସ୍‌ପି୧୬୦କୁ ଅନାବରଣ ସହ ବଜାର କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ୧ବର୍ଷ ମଧ୍ୟରେ ଏହି ଏସ୍‌ପି୧୬୦ ଗ୍ରାହକଙ୍କ ମଧ୍ୟରେ ଲୋକପ୍ରିୟତାର ଚରମସୀମାରେ ପହଞ୍ଚିଛି। ବର୍ତ୍ତମାନ ଓବିଡି ୨ବି ଅନୁରୂପ ଇଞ୍ଜିନ ତଥା ଅତ୍ୟାଧୁନିକ ବିଶେଷତ୍ୱ ସହିତ ଏହି ମଡେଲ ବଜାରରେ ଉପଲବ୍ଧ ହେଉଛି। ଏଥିରେ (ଏସ୍‌ପି୧୬୦)ରେ ଟିଏଫ୍‌ଟି ଡିସ୍‌ପ୍ଲେ ସହିତ ହୋଣ୍ଡା ରୋଡସିଙ୍କ୍ ଆପ୍ ମାଧ୍ୟମରେ ବ୍ଲୁ ଟୁଥ୍ ସଂଯୋଗୀକରଣ ଭଳି ସୁବିଧା ସାମିଲ ରହିଛି। ଏହାଦ୍ୱାରା ଆମ ଗ୍ରାହକମାନେ ଏସ୍‌ପି୧୬୦ରେ ପ୍ରସ୍ତୁତ ହୋଇ ରହିଥିବା ବୃଦ୍ଧିପ୍ରାପ୍ତ ଅଭିଜ୍ଞତାକୁ ଚାଳନା କରିବା ସମୟରେ ଏହାକୁ ପାଇପାରିବେ। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲସ୍ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଥିଲେ, ଏସ୍‌ପି୧୬୦ ସବୁବେଳେ ଉଚ୍ଚାଭିଳାଷୀ ତଥା ଉତ୍ସାହୀ ଯୁବ ଚାଳକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଛି। ଏପରିକି ଯେଉଁମାନେ ଜୀବନରେ ସାହସୀ ହେବାକୁ ଇଚ୍ଛା କରିଥାନ୍ତି।

ସେହିପରି ଆଧୁନିକ ଶୈଳୀ ସହ ଅତ୍ୟାଧୁନିକ ବୈଶିଷ୍ଟ୍ୟର ପରିପୂର୍ଣ୍ଣ ଏବଂ ଜ୍ଞାନକୌଶଳ ଓ ଅସାଧାରଣ ମୂଲ୍ୟକୁ ନେଇ ନୂତନ ଏସ୍‌ପି୧୬୦ ଗ୍ରାହକମାନଙ୍କୁ ଆକୃଷ୍ଟ କରିପାରିଛି। ଯେଉଁମାନେ କି ଉଭୟ ଶୈଳୀ ଏବଂ କାର୍ଯ୍ୟକାରିତାର ଆବଶ୍ୟକତା କରିଥାନ୍ତି। ଆମର ବିଶ୍ୱାସ ଏହି ଅଧୁନାତମ ଏସ୍‌ପି୧୬୦ର ଶୁଭାରମ୍ଭ ୧୬୦ସିସି କମ୍ମୁଟର ସେଗ୍‌ମେଣ୍ଟରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ।

ଉଲ୍ଲେଖଯୋଗ୍ୟ, ଏସ୍‌ପି୧୬୦ରେ ଆକର୍ଷଣୀୟ ଏଲ୍‌ଇଡି (ସମ୍ମୁଖ ଭାଗ ଲ୍ୟାମ୍ପ) ସହ ଏକ ଉନ୍ନତମାନର ଅଗ୍ରଣୀ ଟାଙ୍କି ରହିଛି। ଏହି ମଡେଲ ଦୁଇଟି ଆକାରରେ 'ସିଙ୍ଗଲ ଡିସ୍କ ଏବଂ ଡବଲ ଡିସ୍କ'ରେ ଉପଲବ୍ଧ ରହିଛି, ଯେଉଁଥିରେ ୪ଟି ରଙ୍ଗର ବିକଳ୍ପ ରାଡିଆଣ୍ଟ ରେଡ୍ ମେଟାଲିକ୍, ପର୍ଲ ଇଗ୍ନିୟସ୍ ବ୍ଲାକ୍, ପର୍ଲ ଡିପ୍ ଗ୍ରାଉଣ୍ଡ ଗ୍ରେ ଏବଂ ଆଥ୍‌ଲେଟିକ୍ ବ୍ଲୁ ମେଟାଲିକ୍ କଲର ରହିଛି। ଏପରିକି ଏହି ନୂତନ ମଡେଲ (ନ୍ୟୁ ୨୦୨୫ ହୋଣ୍ଡା ଏସପି୧୬୦)ର ବଜାର ମୂଲ୍ୟ (ଏକ୍ସ ଶୋ'ରୁମ୍ ଦିଲ୍ଲୀ) ୧,୨୧,୯୫୧ ଟଙ୍କାରୁ ଆରମ୍ଭ ହେଉଛି।



# ୪ଦିନିଆ ଜୟପୁର ଜୁଏଲେରି ଶୋ' ଉଦ୍‌ଯାପିତ

**ନୂଆଦିଲ୍ଲୀ,୨୫।୧୨**

ଦେଶର ଅଗ୍ରଣୀ ଜୁଏଲେରି ପ୍ରଦର୍ଶନୀ 'ଜୟପୁର ଜୁଏଲେରି ଶୋ(ଜେଜେଏସ୍)ର ଗ୍ରାଣ୍ଡ ଫିନାଲେ ଓ ଉଦ୍‌ଯାପନୀ ସନ୍ଧ୍ୟା ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏପରିକି ଏହି ୪ଦିନିଆ 'ଦ ଡିସେମ୍ବର ଶୋ-ଜୟପୁର ଜୁଏଲେରି ଶୋ ନିକଟରେ ଆନୁଷ୍ଠାନିକ ଭାବେ ଶେଷ ହୋଇଛି। ଜେଇସିସିଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ପ୍ରାୟ ୫୦,୦୦୦ ପରିଦର୍ଶକ ଓ ଟ୍ରେଡର ଅଂଶଗ୍ରହଣ କରିଥିଲେ।

ଚଳିତ ବର୍ଷ ମଧ୍ୟ ଉଭୟ ଆୟୋଜକ ଓ ପ୍ରଦର୍ଶକମାନେ ଲୋକଙ୍କଠାରୁ ଗ୍ରହଣ କରିଥିବା ଉତ୍ସାହଜନକ ଓ ସକାରାତ୍ମକ ପ୍ରତିକ୍ରିୟାରେ ସନ୍ତୁଷ୍ଟ ହୋଇଥିଲେ। ଯାହା ଏହି ଶୋ'ର ଆଉ ଏକ ସଫଳ ସଂସ୍କରଣକୁ ଚିହ୍ନିତ କରିଛି। ଏହି ଶୋ' ଏକ ବିଦାୟକାଳୀନ ଅଧିବେଶନ ସହ ଶେଷ ହୋଇଥିଲା ଯାହା ଏହାର ଉଲ୍ଲେଖନୀୟ ସଫଳତାକୁ ପାଳନ କରୁଛି।

ଏ ସମ୍ପର୍କରେ ଜେଜେଏସ୍‌ର ଅଧ୍ୟକ୍ଷ ବିମଳ ଚାନ୍ଦ ସୁରାନା କହିଛନ୍ତି, ସର୍ବାଧିକ ସଂଖ୍ୟକ ବୁଥ୍ ଓ ରେକର୍ଡ ସଂଖ୍ୟକ ଗ୍ରାହକଙ୍କ ସହ ଜେଜେଏସ୍ ଚଳିତ ବର୍ଷ ବାସ୍ତବରେ ଏକ ନୂଆ ଉଚ୍ଚତାରେ ପହଞ୍ଚିଛି। ଏପରିକି ଏହା ଏକ ଉଲ୍ଲେଖନୀୟ ପ୍ଲାଟ୍‌ଫର୍ମରେ ପରିଣତ ହେବା ପାଇଁ ଉଦ୍ୟମ ଜାରି ରଖିଛି। ଏହା ସମସ୍ତଙ୍କ ପାଇଁ ସର୍ବୋତ୍ତମ ବ୍ୟବସାୟର ସୁଯୋଗକୁ ସୁନିଶ୍ଚିତ କରୁଛି। ଏପରିକି ଜେଜେଏସ୍‌ର ଆଗାମୀ ସଂସ୍କରଣ ୨୦୨୫ ଡିସେମ୍ବର ୧୯ ରୁ ୨୨ ମଧ୍ୟରେ ଆୟୋଜନ ହେବ।

ଜେଜେଏସ୍‌ର ସଚିବ ରାଜୀବ ଜୈନ କହିଛନ୍ତି, ଜେଜେଏସ୍ ଚଳିତ ବର୍ଷ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। କେବଳ ୪ଦିନରେ ପ୍ରାୟ ୫୦,୦୦୦ ପରିଦର୍ଶକଙ୍କ ଆଗମନ ସହ ୭,୯୧୫ ଆଉଟ ଷ୍ଟେଶନ ରେଜିଷ୍ଟ୍ରେଶନ ଏବଂ ୫୯୩ ଜଣ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ଉପସ୍ଥିତିର ସାକ୍ଷୀ ହୋଇଥିଲା। ଜେଜେଏସ୍ ସମ୍ମାନ ଉତ୍ସବରେ ବାଣୀ କପୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ନନ୍ଦିନୀ ଗୁପ୍ତା ନେଟ୍‌ୱର୍କିଂ ଡିନରରେ ଯୋଗଦେଇଥିଲେ। ଏପରିକି ସ୍ୱରାଗ ବ୍ୟାଣ୍ଡର ଦମ୍‌ଦାର ପରିବେଷଣ ଉଦ୍‌ଯାପନୀ ସନ୍ଧ୍ୟାକୁ ଏକ ଆନନ୍ଦଦାୟକ ସ୍ପର୍ଶ ଦେଇଥିଲା। ଜେଜେଏସ୍‌ର ପ୍ରବକ୍ତା ଅଜୟ କାଲା ବିଦାୟକାଳୀନ ସମାରୋହକୁ ପରିଚାଳନା କରି କହିଥିଲେ, ଚଳିତ ଥର ଜେଜେଏସ୍ ବ୍ୟବସାୟ ଓ ପରିଚାଳନା ଦୃଷ୍ଟିରୁ ସର୍ବୋତ୍ତମ ଶୋ'ରେ ପରିଣତ ହୋଇଛି। ଏହା ବ୍ୟବସାୟ ଦୃଷ୍ଟିରୁ ସବୁଠାରୁ ବିସ୍ତୃତ ଓ ଉପଯୋଗୀ ଶୋ' ଥିଲା। ସେ ଏହି ଶୋ'ର ସଫଳତା ପାଇଁ ସମସ୍ତ ପ୍ରଦର୍ଶନକାରୀ, ସେଲର ଓ ପରିଦର୍ଶକଙ୍କୁ କୃତଜ୍ଞତା ଜଣାଇଛନ୍ତି। ପର୍ଲ ଏକାଡେମୀ ଶ୍ରେଷ୍ଠ ଅନୁଷ୍ଠାନର ପୁରସ୍କାର ଜିତିଛି। ଅନ୍ୟ ପୁରସ୍କାରଗୁଡ଼ିକରେ ଶ୍ରେଷ୍ଠ ବୁଥ୍ ଓ ଶ୍ରେଷ୍ଠ ୟଙ୍ଗ୍ ଓମେନ ଆଚିଭର ମଧ୍ୟ ସାମିଲ ରହିଛି। ଏହା ବ୍ୟତୀତ ରୁବି ରିଡିଫାଇନ୍‌ଡ ଏକ ନିଆରା ଡିଜାଇନ୍ ପ୍ରତିଯୋଗିତା ଆୟୋଜନ କରିଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନଙ୍କୁ ଅସ୍ୱାଭାବିକ କଟ୍ କିମ୍ବା ଟ୍ରେଣ୍ଡି ଏବଂ ଭବିଷ୍ୟତ ଶୈଳୀରେ ଫର୍ମ ସହ ରୁବି ଜେମ୍‌ଷ୍ଟୋନ୍ ବ୍ୟବହାରକରି ଅଳଙ୍କାର ତିଆରି କରିବାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏଥିରେ ମାନବୀ ଗୁପ୍ତା ପ୍ରଥମ, ସୋନାଲ ଲଖେରା ଦ୍ୱିତୀୟ, ହାପି ଶ୍ୟାମସୁଖା ଓ କାର୍ତ୍ତିଖାବ୍ୟା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଦାୟକାଳୀନ ସମାରୋହରେ କାର୍ଯ୍ୟକ୍ରମ ସହ ଜଡ଼ିତ ଭେଣ୍ଡରମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ସ୍ମାରକପତ୍ର ଦିଆଯାଇଥିଲା।

# ପରଦା

ନୂଆ ବର୍ଷ ଆଗତପ୍ରାୟ । ଚଳିତବର୍ଷ ମନୋରଞ୍ଜନ ଦୁନିଆରେ ଅନେକ ସ୍ମରଣୀୟ ଘଟଣା ଘଟିଯାଇଛି । ଅନ୍ୟପକ୍ଷରେ ତାମିଲ ଫିଲ୍ମ 'ପୁଷ୍ପା-୨' ରିଲିଜ ହେବାର ମାତ୍ର ଦିନ କେଇଟା ମଧ୍ୟରେ ରେକର୍ଡ ସୃଷ୍ଟି କରି ୧୦୦୦କୋଟି କ୍ଲବରେ ପ୍ରବେଶ କରିଛି । ଚଳିତ ବର୍ଷ ଓଲିଉଡ୍, ବଲିଉଡ୍ ଏବଂ ହଲିଉଡ୍‌ରେ ଘଟିଥିବା ପ୍ରମୁଖ ଘଟଣାବଳୀ ସମ୍ପର୍କରେ ସୂଚନା...

## ଘରସଂସାର କଲେ ସୋନାକ୍ଷୀ


ସୋନାକ୍ଷୀ

ଚଳିତ ବର୍ଷ ବଲିଉଡ୍‌ର ଦୁଇ ଜଣ ପ୍ରମୁଖ ଅଭିନେତ୍ରୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ସେ ଦୁହେଁ ହେଲେ ସୋନାକ୍ଷୀ ସିହ୍ନା ଏବଂ ରକୁଲ୍ ପ୍ରୀତ୍ ସିଂ । ଶତ୍ରୁଘ୍ନ ତନୟା ସୋନାକ୍ଷୀ ଚଳିତ ବର୍ଷ ନିଜ ପ୍ରେମ କାହାଣୀକୁ ଦ ଏଣ୍ଡ କରି ପ୍ରେମିକ ଜାହିର ଇକବଲ୍‌ଙ୍କ ସହ ଘରସଂସାର କରିଛନ୍ତି । ଦୁହେଁ ପାଖାପାଖି ୭ ବର୍ଷ ଡେଟିଂରେ ଥିଲେ । ଏହି ବିବାହ ଉତ୍ସବରେ ଉଭୟ ପରିବାରର ସଦସ୍ୟ, ନିକଟ ସମ୍ପର୍କୀୟ ଏବଂ ବଲିଉଡ୍‌ର ବ୍ୟକ୍ତିବିଶେଷମାନେ ଉପସ୍ଥିତ ଥିଲେ । ୨୦୨୨ରେ ସୋନାକ୍ଷୀ ଏବଂ ଜାହିର ଏକ ଭିଡିଓ ଆଲବମ୍ 'ବ୍ଲକବଷ୍ଟର'ରେ ପ୍ରଥମ ଥର ପାଇଁ ଏକତ୍ର ଅଭିନୟ କରିଥିଲେ । ଅନ୍ୟପକ୍ଷରେ ଏ ବର୍ଷ ହିନ୍ଦୀ ସିନେମାର ଅନ୍ୟତମ ବିଶିଷ୍ଟ ପ୍ରଯୋଜକ ଭାସୁ ଭଗନାନୀଙ୍କ ପୁଅ ଜ୍ୟାକିଙ୍କୁ ରକୁଲ ପତି ରୂପରେ ଗ୍ରହଣ କରିଛନ୍ତି ।



## ବିହାହ ବନ୍ଧନ

'ଇସ୍କ ତୁ ହି ତୁ'ରୁ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିବା ଏଲିନା ସାମନ୍ତରାୟ ଚଳିତବର୍ଷ ଘର ସଂସାର କରିଛନ୍ତି । ଇଣ୍ଡୋନେସିଆର ବାଲିଠାରେ ସେ ଅନୁରାଗ ପଣ୍ଡାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଅଭିନେତ୍ରୀ ତମନ୍ନା ଏ ବର୍ଷ ହାତକୁ ଦି' ହାତ ହୋଇଛନ୍ତି । ସେ ପ୍ରଯୋଜକ ସୀତାରାମ ଅଗ୍ରୱାଲ ଏବଂ ଗାୟିକା ନମିତା ଅଗ୍ରୱାଲଙ୍କ ପୁତ୍ର ସିଦ୍ଧାର୍ଥଙ୍କୁ ବିବାହ କରିଛନ୍ତି । ଅନ୍ୟପକ୍ଷରେ ଅଭିନେତ୍ରୀ ମମତା ନନ୍ଦ ଏ ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଅଭିନେତା ମନୋଜ ମିଶ୍ରଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇଛି ।

## ରିଶବ ଶ୍ରେଷ୍ଠ ଅଭିନେତା

ଚଳିତ ବର୍ଷ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି । 'କନ୍ତରା' ଚଳଚ୍ଚିତ୍ର ପାଇଁ ରିଶବ ସେଟ୍ଟି ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ ହୋଇଛନ୍ତି । ଆନନ୍ଦ ଏକାର୍ଷୀଙ୍କ ନିର୍ଦ୍ଦେଶିତ ମାଲୟାଲମ ଚଳଚ୍ଚିତ୍ର 'ଆଟ୍ଟମ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଛି । ଅନ୍ୟପକ୍ଷରେ ଏଥର ଦୁଇ ଜଣଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । ସେ ଦୁହେଁ ହେଲେ ନିତ୍ୟା ମେନନ (ଥିରୁଚିତ୍ରମ୍ବଲମ୍) ଏବଂ ମାନସୀ ପାରେଖ (କୁଚ୍ ଏକ୍ସପ୍ରେସ) । 'ଉଞ୍ଚାଇ' ଚଳଚ୍ଚିତ୍ରର ନିର୍ଦ୍ଦେଶନା ପାଇଁ ବିଶିଷ୍ଟ ନିର୍ଦ୍ଦେଶକ ସୁରଜ ବରଜ୍ୟାତାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ, ନୀନା ଗୁପ୍ତା ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଏବଂ ପବନ ମାଲହୋତ୍ରାଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା (ଫୌଜି) ପୁରସ୍କାର ମିଳିଛି ।

### ନିର୍ଦ୍ଦେଶକ ସାଜିଲେ ବ୍ରଜ

ବିଶିଷ୍ଟ ହାସ୍ୟାଭିନେତା ବ୍ରଜ ସିଂ ଚଳିତ ବର୍ଷ ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ଭାବରେ ମଇଦାନକୁ ଓହ୍ଲାଇଥିଲେ । ତାଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମାଟି ଥିଲା 'ସମୟ କହିବ କିଏ କାହାର' ।


ମିଥୁନ ଚକ୍ରବର୍ତ୍ତୀ

### ମିଥୁନଙ୍କୁ ଦାଦା ସାହେବ ଫାଲ୍‌କେ

ବଲିଉଡ୍‌ର ବିଶିଷ୍ଟ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ଚଳିତ ବର୍ଷର ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି । ଏହାପୂର୍ବରୁ ମିଥୁନ ତିନି ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି ।


ବ୍ରଜ ସିଂ


ବାବୁସାନ୍

### ଶାହରୁଖଙ୍କୁ ଲାଇଫ ଟାଇମ ପୁରସ୍କାର

ଶାହରୁଖ ଖାନ୍‌ଙ୍କୁ ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲର ୭୭ତମ ସଂସ୍କରଣରେ ଲାଇଫ ଟାଇମ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏଭଳି ସମ୍ମାନ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ଅଭିନେତା ।


ଶାହରୁଖ ଖାନ୍

### 'ଦମନ'କୁ ଜାତୀୟ ପୁରସ୍କାର

ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର ତଥା ବାବୁସାନଙ୍କ ଅଭିନୀତ 'ଦମନ' ଜାତୀୟ ସ୍ତରରେ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି । ୨୦୨୨ ପାଇଁ ଏହା ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବରେ ପୁରସ୍କୃତ ହୋଇଛି ।

## ଅଲ୍ଲୁ ଗିରଫ, ପରେ ଜାମିନ

ଅନ୍ୟତମ ଲୋକପ୍ରିୟ ତେଲୁଗୁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ପାଇଁ ଚଳିତ ବର୍ଷ ଯେତିକି ଖୁସିମୟ ଥିଲା ସେତିକି ଦୁଃଖମୟ । ତାଙ୍କ ଅଭିନୀତ ତେଲୁଗୁ ଫିଲ୍ମ 'ପୁଷ୍ପା-୨' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି । ଏପରିକି ମାତ୍ର ଅଳ୍ପ ଦିନ ମଧ୍ୟରେ ଏହି ଫିଲ୍ମଟି ୧୦୦୦କୋଟି କ୍ଲବରେ ପ୍ରବେଶ କରିଛି । କିନ୍ତୁ ମୁକ୍ତିଲାଭ ଦିନ ଏକ ସିନେମା ହଲ୍‌ରେ ଅଲ୍ଲୁ ହଠାତ୍ ପହଞ୍ଚି ଯାଇଥିଲେ ଏବଂ ତାଙ୍କୁ ଦେଖିବାକୁ ଠେଲାପେଲା ଭିତରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିଲା । ଏଭଳି ଘଟଣା ପାଇଁ ଅଲ୍ଲୁଙ୍କୁ ଗିରଫ କରାଯାଇ ପରେ ଜାମିନରେ ଛାଡ଼ି ଦିଆଯାଇଛି ।


ଅଲ୍ଲୁ ଅର୍ଜୁନ

## ଓସ୍କାର ପୁରସ୍କାର

ଅନ୍ତର୍ଜାତୀୟ ସ୍ତରରେ ଅନ୍ୟତମ ସମ୍ମାନଜନକ ଓସ୍କାର ପୁରସ୍କାରର ୯୬ତମ ସଂସ୍କରଣରେ ଏଥର 'ଓପେନହେଇମର'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ପୁରସ୍କୃତ କରାଯାଇଛି । କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ସିଲିଆନ୍ ମର୍ଫିଙ୍କୁ ଶ୍ରେଷ୍ଠ ଅଭିନେତା ଭାବରେ ଏବଂ 'ପୁଅର ଥିଙ୍ଗ୍‌ସ' ପାଇଁ ଇମା ଷ୍ଟୋନ୍‌ଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ସମ୍ମାନିତ କରାଯାଇଛି । ଶ୍ରେଷ୍ଠ ଫିଲ୍ମ ଏବଂ ଶ୍ରେଷ୍ଠ ଅଭିନେତା ବ୍ୟତୀତ ଆହୁରି ୫ଟି ପୁରସ୍କାର ମିଳିଛି ।

### ଗ୍ରାମୀ ଆୱାର୍ଡରେ ଭାରତୀୟ ସଙ୍ଗୀତକୁ ସଫଳତା

ଚଳିତ ବର୍ଷ ଲସ୍ ଏଞ୍ଜେଲ୍‌ସରେ ଅନୁଷ୍ଠିତ ଗ୍ରାମୀ ଆୱାର୍ଡ-୨୦୨୪ରେ ଭାରତୀୟ ସଙ୍ଗୀତକୁ ବଡ଼ ସଫଳତା ମିଳିଛି । ଏଥିରେ ପରଲୋକଗତ ତବଲା ଉସ୍ତାଦ ଜାକିର ହୁସେନ୍, ବଂଶୀବାଦକ ରାକେଶ ଚୌରାସିଆ, ଗାୟକ ଶଙ୍କର ମହାଦେବନ, ଭାଓଲିନ୍ ବାଦକ ଗଣେଶ ରାଜଗୋପାଳନ ଏବଂ ଡ୍ରମ ବାଦକ ସେଲ୍‌ଭା ଗଣେଶଙ୍କୁ ପୁରସ୍କୃତ କରାଯାଇଛି । ଏଥର ହୁସେନ୍‌ଙ୍କୁ ସର୍ବାଧିକ ୩ଟି ଏବଂ ରାକେଶଙ୍କୁ ଦୁଇଟି ଗ୍ରାମୀ ପୁରସ୍କାର ମିଳିଛି ।

## ପରଲୋକରେ

ଚଳିତବର୍ଷ ବିଶିଷ୍ଟ ଅପେରା ନିର୍ଦ୍ଦେଶକ 'ଶାଗୁଣା ବସିଛି ଡେଣା ମେଲେଇ' ଫେମ୍ ସଚ୍ଚି ଦାସ ଏବଂ ଅଭିନେତା ଚକ୍ରଧର ଜେନା , ଯୁବ ଗାୟିକା ଲିଟିଲ କର, ଥିଏଟର ନାଟ୍ୟକାର ତଥା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସ,ପ୍ରଡକ୍ସନ ଡିଜାଇନର ହରି ବିଶ୍ୱାଳ ଏବଂ ଓଡ଼ିଆ ଚଳଚ୍ଚିତ୍ର 'ପରଝିଅ ଘର ଭାଙ୍ଗେନା', 'ବତାସୀ ଝଡ଼' ଏବଂ 'ଜୟ ମା ମଙ୍ଗଳା'ର ସହଯୋଗୀ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ନାୟକଙ୍କର ପରଲୋକ ଘଟିଛି । ଅନ୍ୟପକ୍ଷରେ ବଲିଉଡ୍‌ରେ ବିଶିଷ୍ଟ ନିର୍ଦ୍ଦେଶକ ଶ୍ୟାମ ବେନେଗଲ, ଶିଶୁ କଳାକାର ସୁହାନି ଭଟ୍ଟନାଗର ଏବଂ ପ୍ରଚ୍ଛଦପଟ ଗାୟକ ପଙ୍କଜ ଉଦାସଙ୍କର ଦେହାନ୍ତ ହୋଇଛି ।

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

**ଚଳିତ ବର୍ଷ ଏକାଥରେ ତିନି ବର୍ଷ- ୨୦୨୦, ୨୦୨୧ ଏବଂ ୨୦୨୨ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି।**

**୨୦୨୦**

୨୦୨୦ ପାଇଁ ସମ୍ମାନଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀ ପୁରସ୍କାର ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ଆନନ୍ଦ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । ଏ ବର୍ଷର ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ବିବେଚିତ ହୋଇଛି ଡା. ବିଶ୍ୱନାଥ ପଟ୍ଟନାୟକଙ୍କ ପ୍ରଯୋଜିତ 'ସହିଦ ରଘୁ ସର୍ଦ୍ଦାର' । ଏହି ଫିଲ୍ମ ପାଇଁ ଦେବାଶିଷ ପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ ଏହାର ନାୟିକା କାବ୍ୟା କିରଣଙ୍କୁ ଶ୍ରେଷ୍ଠଭାବରେ ପୁରସ୍କୃତ କରାଯାଇଛି । ଅନ୍ୟପକ୍ଷରେ 'ରୋମିଓ ରାଜା' ଫିଲ୍ମ ପାଇଁ ରାକେଶ ସାମଲ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ଅମ୍ଲାନ ଦାସଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ଦିଆଯାଇଛି । ଏହି ଫିଲ୍ମ ପାଇଁ ବୈଦ୍ୟନାଥ ଦାଶଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ପୁରସ୍କାର ମିଳିଛି ।

**୨୦୨୧**

୨୦୨୧ ମସିହା ପାଇଁ ବିଶିଷ୍ଟ ଚିତ୍ରୋତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ରଙ୍କୁ ସମ୍ମାନଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯାଇଛି । ଏହି ବର୍ଷ ପାଇଁ ଅନୁପମ ପଟ୍ଟନାୟକଙ୍କ ପ୍ରଯୋଜିତ 'ପ୍ରତୀକ୍ଷା' ଏବଂ ଅତୀଶ କୁମାର ରାଉତଙ୍କ ପ୍ରଯୋଜିତ 'ଡାଲଚିନି'କୁ ମିଳିତ ଭାବରେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି । 'ଭୋକ' ଫିଲ୍ମ ପାଇଁ ଅଙ୍କିତ କୁମାର ଏବଂ 'ପ୍ରତୀକ୍ଷା' ଚଳଚ୍ଚିତ୍ର ପାଇଁ ଦୀପନ୍ୱିତ ମହାପାତ୍ରଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ଦିଆଯାଇଛି ।'ଡାଲଚିନି' ପାଇଁ ସୂର୍ଯ୍ୟମୟୀ ମହାପାତ୍ର ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ହାସଲ କରିଛନ୍ତି ।

**୨୦୨୨**

୨୦୨୨ ମସିହା ପାଇଁ ସମ୍ମାନଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀ ପୁରସ୍କାର ବିଶିଷ୍ଟ ହାସ୍ୟାଭିନେତା ଜୟୀରାମ ସାମଲଙ୍କୁ ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ଦୀପେନ୍ଦ୍ର ସାମଲଙ୍କ ପ୍ରଯୋଜିତ 'ଦମନ' କୁ ପୁରସ୍କୃତ କରାଯାଇଛି । ଏହି ଫିଲ୍ମ ପାଇଁ ବାବୁସାନ ମହାନ୍ତିଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ଦିଆଯାଇଛି । ଲୋପାମୁଦ୍ରା ମିଶ୍ର ଶେଷ୍ଠ ଅଭିନେତ୍ରୀ (ବୋଉର ହାତବାକ୍ସ), ସୁଧାଂଶୁ ମୋହନ ସାହୁ ଶ୍ରେଷ୍ଠ ନିର୍ଦ୍ଦେଶକ (ମାୟାବୀ) ଏବଂ ପଙ୍କଜ ଜାଲ୍‌ଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ (ଖରା) ଭାବରେ ପୁରସ୍କୃତ ହୋଇଛନ୍ତି ।

## କେବଳ ସଂଖ୍ୟାରେ ସୀମିତ

ଚଳିତ ବର୍ଷ ମଧ୍ୟ ୩୦ରୁ ଅଧିକ ସିନେମା ପରଦା ଉପରକୁ ଆସିଛି । ହେଲେ ସଫଳତାକୁ ବିଚାରକୁ ନେଲେ ମାତ୍ର ହାତଗଣତି କେତୋଟି ଏହି ବର୍ଷ ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ମୋଟ ୩୭ଟି ସିନେମା ମୁକ୍ତିଲାଭ କରିଛି । ସେଗୁଡିକ ହେଲା-'ସମୟ କହିବ କିଏ କାହାର'(ଓମ୍, ଅମ୍ଲାନ, ସୋନମ), 'ଡିୟର ପୁରୁଷ' (ସିଦ୍ଧାନ୍ତ ମହାପାତ୍ର), 'ଦଶମ' (ଶୈଳେନ୍ଦ୍ର ସାମନ୍ତରାୟ, ନୀଳାକ୍ଷୀ ପାତ୍ର), 'ଶାନ୍ତି ଆପାର୍ଟମେଣ୍ଟ' (ଦ୍ୱିପାନୀତ ମହାପାତ୍ର, ରାଗିଣୀ), 'କେମିତି ଏ ସମ୍ପର୍କ' (ଆକାଶ ଦାସନାୟକ, ଏଲିନା ସାମନ୍ତରାୟ). 'ମୋ କାହାଣୀରେ ତୋରି ନାଁ' (ଲୁବୁନ୍, ଅଙ୍କିତା ଦାଶ), 'ଆସିକ ସରେଣ୍ଡର ହେଲା' (ସମ୍ଭବ, ଜୟା ବିଶ୍ୱାସ), 'ଆକାଶବାଣୀ' (ରୋହନ, ପୂଜା), 'ଭୋଟ' (ସୁଶାନ୍ତ, ଶ୍ରେୟା), 'ବସ୍' (ବର୍ଷା ପ୍ରିୟଦର୍ଶିନୀ), ' ତ୍ରିକନ୍ୟା' ( ମନୋଜ ମିଶ୍ର, ବର୍ଷା ପଟ୍ଟନାୟକ), 'ଅପରେଶନ ୧୨/୧୭' (ପଙ୍କଜ ମହାନ୍ତି, ଭୂମିକା ଦାଶ), 'ଯେତେ ଗୋରୀ ସେତେ ଷ୍ଟୋରି', (ସବ୍ୟସାଚୀ, ରାଧିକା ପ୍ରୀତି), 'ବିଗୁଲ' ( ଅନୁଭବ, ଦେବାନନ୍ଦ, ସୁପ୍ରିୟା ନାୟକ), 'ସିନ୍ଦୂରା' (ଅଭିଷେକ ଗିରି, ସୁପ୍ରିୟା ନାୟକ), 'ତେଜସ୍ୱିନୀ' (ପଲ୍ଲବୀ ପ୍ରିୟଦର୍ଶିନୀ, ଜୀବନ ପଣ୍ଡା), 'ପାବାର' (ବାବୁସାନ୍,ଏଲିନା ସାମନ୍ତରାୟ), 'ଚନ୍ଦ୍ରବଂଶୀ' (ଆକାଶ, ପୁନମ ମିଶ୍ର), 'କୁହୁଡି' (ଅନୁଭବ, ସୁପ୍ରିୟା ନାୟକ), 'ସୀତା' (ଦେବଯାନୀ, ସମରେଶ), 'ସଲାମ ଭୁବନେଶ୍ୱର' (ରାଜବୀର), 'ଭଗିଆ ଭାରିଯା' (ହରିହର ମହାପାତ୍ର, ଦେବଯାନୀ), 'ବାବାଜୀକା ଠୁଲୁ' (ଦେବରାଜ, ଶ୍ୱେତା), 'ଅପରାହ୍ନର ସୂର୍ଯ୍ୟ' (କଳିଙ୍ଗ ଦାସ, ଜୟା ସ୍ୱାମୀ), 'ସମୀକ୍ଷା' (ଧୀର ମଲ୍ଲିକ, ଧରିତ୍ରୀ ଖଣ୍ଡୁଆଳ), 'ଆଇ ଲଭ୍ ୟୁ-୨' (ଆଦିତ୍ୟ, ଅପସରା ରାଣୀ), 'ଆଶ୍ରମ' (ମହାଶ୍ୱେତା ରାୟ, ଅଭିଷେକ ଗିରି, ସୂର୍ଯ୍ୟମୟୀ), 'ଆଭା' (ଅନୁ ଚୌଧୁରୀ, ସୋନା ମଲ୍ଲିକ), 'କର୍ମ' (ଅନୁଭବ, ସୂର୍ଯ୍ୟମୟୀ, ଦିବ୍ୟାଦିଶା), 'ଭିଲେନ୍' (ଅର୍ଦ୍ଧେନ୍ଦୁ ସାହୁ, ତମନ୍ନା), 'ଖୋକା ଭାଇ ତୁମରି ପାଇଁ' (ସ୍ୱରାଜ, ଲକିମନୀଷା), 'ଦୁର୍ଗା' (ରାଜ ରାଜେଶ, ପୁନମ ମିଶ୍ର), 'ହାଫ ଗାର୍ଲଫ୍ରେଣ୍ଡ' (ସୁନୀଲ କୁମାର, କୁକିଜ ସ୍ୱାଇଁ), 'ପ୍ରେମୀ ଆୱାରା' (ଓମ୍‌କାର, ଅଙ୍କିତା), 'ତୁ ମୋ କମଜୋରୀ' (ରାକେଶ, ଲିପିକା,ଅନୁଭା), 'ପରବ' (ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ) ଏବଂ 'ଅକ୍ସିଜେନ୍' (ସମ୍ବିତ, ତମନ୍ନା) । ନୂଆ ସିନେମା ନିର୍ମାଣ ଧାରା ଜାରି ରହୁ- ଏଥିରେ କାହାର ଦ୍ୱିମତ ନାହିଁ, ହେଲେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସିନେମା ନିର୍ମାଣ ହେଲେ ତାହା ଓଡ଼ିଆ ଇଣ୍ଡଷ୍ଟ୍ରି ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ ।


'ଆସିକ ସରେଣ୍ଡର ହେଲା' ଫିଲ୍ମରେ ସମ୍ଭବ-ଜୟା ବିଶ୍ୱାସ


'ଚନ୍ଦ୍ରବଂଶୀ' ଫିଲ୍ମରେ ଆକାଶ-ପୁନମ


'ଆଶ୍ରମ' ଫିଲ୍ମରେ ସୂର୍ଯ୍ୟମୟୀ

## ଓଡ଼ିଶା ଆଜି ପଶ୍ଚିମବଙ୍ଗକୁ ଭେଟିବ

**ଭୁବନେଶ୍ୱର, ୨୫ା୧୨ (ତପନ ସ୍ୱାଇଁ):** ହାଇଦ୍ରାବାଦର ଡେକାନ ଆରେନାରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ରାଉଣ୍ଡର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଗୁରୁବାର ଆରମ୍ଭ ହେବ। ପ୍ରଥମ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ମୁକାବିଲା ହେବ। ଏହି ଦିନ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ମଣିପୁର ଓ ଦିଲ୍ଲୀ ମଧ୍ୟରେ ମୁକାବିଲା ହେବ। ୨୭ ତାରିଖରେ କେରଳ-ଜମ୍ମୁ କଶ୍ମୀର ଏବଂ ମେଘାଳୟ-ସର୍ଭିସେସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଗ୍ରୁପ୍ 'ଏ' ଶୀର୍ଷ ସ୍ଥାନରେ ରହି ଓଡ଼ିଶା ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲା। ଏଥିରେ ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଓଡ଼ିଶା ଗତ ୧୫ ତାରିଖରେ ଦିଲ୍ଲୀ ନିକଟରୁ ୦-୨ରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ଗୋଆକୁ ୨-୦ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ ହେଁ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖି ନ ପାରି ଦଳ ତୃତୀୟ ମ୍ୟାଚରେ କେରଳଠାରୁ ୦-୨ ଗୋଲରେ ହାରି ଯାଇଥିଲା। ତେବେ ୪ର୍ଥ ମ୍ୟାଚକୁ ତାମିଲନାଡୁ ବିପକ୍ଷରେ ୧-୧ ଏବଂ ୫ମ ତଥା ଅନ୍ତିମ ମ୍ୟାଚକୁ ମେଘାଳୟ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

# ରୋହିତଙ୍କ ବ୍ୟାଟିଂ ପୋଜିଶନ ଉପରେ ନଜର

**ମେଲବୋର୍ନ, ୨୫ା୧୨ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବକ୍ସିଂ ଡେ ଟେଷ୍ଟ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଏହି ଟେଷ୍ଟରେ ଫର୍ମରେ ନ ଥିବା ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟାଟିଂ ପୋଜିଶନ ଉପରେ ନଜର ରହିବ। ରୋହିତ କ୍ରିସମସ ଅବସରରେ ନେଟ୍ସରେ ଅନେକ ସମୟ ବିତାଇଛନ୍ତି। ତେଣୁ ସେ ଟପ୍ ଅର୍ଡରରେ ଲୋକେଶ ରାହୁଲଙ୍କ ସ୍ଥାନରେ ଇନିଂସ ଓପନ କରିପାରନ୍ତି ବୋଲି ଆଲୋଚନା ହେଉଛି। ଯଦି ଏହା ହୁଏ ତେବେ

**ଆଜିଠୁ ବକ୍ସିଂ ଡେ ଟେଷ୍ଟ**

ରାହୁଲ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ ଏବଂ ଶୁବମନ ଗିଲ୍ ମିଡିଲ ଅର୍ଡରରେ ଖେଳିବେ ନଚେତ ଧ୍ରୁବ ଜୁରେଲ ପ୍ଲେଇଂ ଇଲେଭେନ୍‌ରେ ସ୍ଥାନ ପାଇବେ। ୫ ମ୍ୟାଚ ବିଶିଷ୍ଟ ସିରିଜର ଏହା ଚତୁର୍ଥ ଟେଷ୍ଟ ହୋଇଥିବାବେଳେ ଉଭୟ ଦଳର ସ୍ଥିତି ବର୍ତ୍ତମାନ ୧-୧ ରହିଛି। ପର୍ଥରେ ଭାରତ ୨୯୫ ରନରେ ବିଜୟୀ ହୋଇଥିବାବେଳେ ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ ହୋଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ବ୍ରିସବେନ୍ ଟେଷ୍ଟ ଡ୍ର ରହିଥିଲା। ତେଣୁ ସିରିଜରେ ଅଗ୍ରଣୀ ନେବା ପାଇଁ ଉଭୟ ଦଳ ମେଲବୋର୍ନରେ ଚେଷ୍ଟା କରିବେ।


ବ୍ୟାଟିଂ ଅଭ୍ୟାସ ଅବସରରେ ରୋହିତ ଶର୍ମା।

ରୋହିତ ୨୦୧୯ରୁ ମିଡିଲ ଅର୍ଡର ପରିବର୍ତ୍ତେ ଓପନିଂ ସ୍ଥାନରେ ବ୍ୟାଟିଂ କରି ଆସୁଥିଲେ। ମାତ୍ର ଚଳିତ ସିରିଜରେ ରାହୁଲ ଫର୍ମରେ ଥିବାରୁ ତାଙ୍କୁ ଆଡିଲେଡ୍ ଓ ବ୍ରିସବେନ୍‌ରେ ଓପନିଂ ସୁଯୋଗ ମିଳିଥିଲା। ଆଗାମୀ ଟେଷ୍ଟରେ ଯଦି ରୋହିତ ଓପନ କରନ୍ତି ତେବେ ଗିଲ୍ ୫ ନମ୍ବରରେ ବ୍ୟାଟିଂ କରୁଛନ୍ତି ନା ଡ୍ରପ୍ ହେଉଛନ୍ତି ତାହା ଦେଖିବାର ଅଛି। ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଅଧିନାୟକ ରୋହିତ ବ୍ୟାଟିଂ ପୋଜିଶନକୁ ନେଇ ସେପରି କିଛି ସ୍ପଷ୍ଟ କରି ନାହାନ୍ତି। ଆମେ ଆଲୋଚନା କରି ନିଷ୍ପତ୍ତି ନେବୁ ବୋଲି କହିଛନ୍ତି। ଆଡିଲେଡ୍‌ରେ ପିଙ୍କବଲ୍ ଟେଷ୍ଟରେ ବିପର୍ଯ୍ୟୟ ପରେ ଗାବାରେ ମ୍ୟାଚ ଡ୍ର ଭାରତକୁ ଆଶ୍ୱସ୍ତ କରିଛି।

ମେଲବୋର୍ନ ହେଉଛି ଭାରତର ଫେଭରାଇଟ ଅଷ୍ଟ୍ରେଲିଆନ ଭେନ୍ୟୁ। ଏଠାରେ ୨୦୧୪ ସିରିଜଠାରୁ ଭାରତ ଅପରାଜେୟ ରହିଛି। ଶେଷ ୩ଟି ସିରିଜ ମଧ୍ୟରୁ ଭାରତ ୨ଟିରେ ୨୦୧୮-୧୯ ଓ ୨୦୨୦-୨୧ରେ ବିଜୟୀ ହୋଇଛି। ୨୦୧୪-୧୫ ସିଜନର ଟେଷ୍ଟ ଡ୍ର ରହିଥିଲା। ବର୍ତ୍ତମାନ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌ରେ ୩ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ ଓ ଶୁବମନ ଗିଲ, ଜଣେ ଆତ୍ମବିଶ୍ୱାସୀ ଓପନର ଲୋକେଶ ରାହୁଲ ଏବଂ ୨ ଜଣ ଅଭିଜ୍ଞ ବିରାଟ କୋହଲି ଓ ରୋହିତ ଶର୍ମା ଥିଲେ ମଧ୍ୟ କାହାର ପୋଜିଶନ ପକ୍କା ନୁହେଁ। ସ୍ଥାନ ବଜାୟ ରଖିବାକୁ ହେଲେ ସେମାନଙ୍କୁ ଘରୋଇ ଦଳ ବିପକ୍ଷରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ।

ଅଷ୍ଟ୍ରେଲିଆ କ୍ରିକେଟର ଭବିଷ୍ୟତଭାବେ ବିବେଚିତ ହେଉଥିବା ସାମ୍ କୋନ୍‌ଷ୍ଟାସ ଆଗାମୀ ଟେଷ୍ଟ ପାଇଁ ଦଳରେ ସାମିଲ ହୋଇଛନ୍ତି। ଆକ୍ରମଣାତ୍ମକ ଖେଳ ପାଇଁ ବିଶେଷ ପରିଚିତ କୋନଷ୍ଟାସ ଅନ୍ୟତମ ଓପନର ମ୍ୟାକସ୍ୱିନୀଙ୍କ ସ୍ଥାନ ନେଇଛନ୍ତି। ଅଷ୍ଟ୍ରେଲିଆ ପାଇଁ ଆଉଏକ ଭଲ ଖବର ହେଲା ଟ୍ରାଭିସ ହେଡ୍ ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି। ସେ ନେଟ୍ସରେ ଅନେକ ସମୟ ବିତାଇଛନ୍ତି। ଚଳିତ ସିରିଜରେ ସେ ୮୯, ୧୪୦ ଓ ୧୫୨ ରନ ସ୍କୋର କରି ସାରିଥିବାରୁ ତାଙ୍କ ଉପରେ ଅଙ୍କୁଶ ଲଗାଇବାକୁ ହେଲେ ଭାରତୀୟ ବୋଲରଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ତାପମାତ୍ରା ୪୦ ଡିଗ୍ରୀ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଟେଷ୍ଟର ଦ୍ୱିତୀୟ ଦିବସରେ ମଧ୍ୟ ସମାନ ତାପମାତ୍ରା ରହିବ। ତେଣୁ ଟିମ୍ ମ୍ୟାନେଜମେଣ୍ଟ ଜଣେ ଅତିରିକ୍ତ ସ୍ପିନରଙ୍କୁ ଖେଳାଇବା ସମ୍ପର୍କରେ ଗମ୍ଭୀରଭାବେ ଚିନ୍ତା କରିପାରେ। ଗତ କିଛିବର୍ଷ ଧରି ଏମସିଜି ପିଚ୍‌ରେ ଅଧିକ ଫାଟ ରହୁ ନ ଥିଲେ ମଧ୍ୟ ବାଉନ୍ସରେ ବିବିଧତାରୁ ନାଥାନ ଲିୟନ ଫାଇଦା ଉଠାଇବାରେ ସକ୍ଷମ ହୋଇଛନ୍ତି। ପିଚ୍‌କୁ ଦୃଷ୍ଟିରେ ରଖି ରୋହିତଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ। ୱାଶିଂଟନ ସୁନ୍ଦର ଫିଟ୍ ଅଛନ୍ତି କି ନାହିଁ ତାହା ଅସ୍ପଷ୍ଟ। ନୀତୀଶ ରେଡ୍ଡୀଙ୍କୁ ଡ୍ରପ୍ କରିବା ମଧ୍ୟ ବୁଦ୍ଧିମାନର କାର୍ଯ୍ୟ ହେବନାହିଁ। କଣ୍ଡିଶନକୁ ଦୃଷ୍ଟିରେ ରଖି ଆକାଶ ଦୀପଙ୍କୁ ନିଆଯିବ ନା ଅନ୍ୟ ଜଣେ ଦ୍ରୁତ ବୋଲରଙ୍କୁ ସୁଯୋଗ ଦିଆଯିବ ଏପରି ଅନେକ ପ୍ରଶ୍ନ ରହିଛି।

ଅଷ୍ଟ୍ରେଲିଆ ଇତିମଧ୍ୟରେ ପ୍ଲେଇଂ ଇଲେଭେନ ଘୋଷଣା କରିସାରିଛି। ଦଳରେ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ସମେତ ଉସମାନ ଖ୍ୱାଜା, ସାମ୍ କୋନ୍‌ଷ୍ଟାସ, ମାର୍ନସ ଲାବୁସେନ, ଷ୍ଟିଭ୍ ସ୍ମିଥ, ଟ୍ରାଭିସ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କାରେ, ମିଚେଲ ଷ୍ଟାର୍କ ଓ ସ୍କଟ ବୋଲାଣ୍ଡ ସ୍ଥାନ ପାଇଛନ୍ତି।

## ଓଡ଼ିଶା ଦଳ ଘୋଷିତ


ଗଙ୍ଗୋତ୍ରୀ ବେହେରା ଓ ସ୍ୱାଗତିକା ରଥ ଓଡ଼ିଶା ଦଳ ଘୋଷଣା କରୁଛନ୍ତି।

**ଭୁବନେଶ୍ୱର, ୨୫ା୧୨ (ତପନ ସ୍ୱାଇଁ)**

**୧୯ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୨୦୨୪-୨୫ ସିଜନ ଅନ୍ତର୍ଗତ ୧୯ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ବେଙ୍ଗାଲୁରୁଠାରେ ଜାନୁଆରୀ ୪ରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ପାଇଁ ଓସିଏ ମହିଳା ଚୟନ କମିଟି ଅଧ୍ୟକ୍ଷ ଗଙ୍ଗୋତ୍ରୀ ବେହେରା ଓ ମୁଖ୍ୟ କୋଚ୍ ସ୍ୱାଗତିକା ରଥ ବୁଧବାର ୧୬ ଜଣିଆ ଦଳ ଘୋଷଣା କରିଛନ୍ତି। ପୂଜା ଯାଦବଙ୍କୁ ଅଧିନାୟିକା ମନୋନୀତ କରାଯାଇଛି। ଓଡ଼ିଶା ଜାନୁଆରୀ ୪ରେ ବିହାର ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୬ରେ ମେଘାଳୟ, ୮ରେ ଉତ୍ତରାଖଣ୍ଡ, ୧୦ରେ ମୁମ୍ବାଇ ଓ ୧୨ରେ ବେଙ୍ଗଲକୁ ଭେଟିବ। ଓଡ଼ିଶା ଦଳ: ପୂଜା ଯାଦବ (ଅଧିନାୟିକା), ପ୍ରାର୍ଥନା ପ୍ରତିଶ୍ରୁତି, ପ୍ରିୟଙ୍କରି ମୁଦୁଲି, ଅନନ୍ୟା ମିଶ୍ର, ଅର୍ଚ୍ଚନା ରାଉତ, ମିତାଲି ଶର୍ମା, ଆଞ୍ଜେଲ ରାଜ, ଶ୍ରେୟା ପ୍ରୀୟଦର୍ଶନୀ, ଶୁଭଲକ୍ଷ୍ମୀ ସିଂ, ଏସ.ବି. ଲରେନ୍ସ, ଏମ.ଏସ. ଶୁଭଶ୍ରୀ ପ୍ରମାଣିକ, ବିଜୟଲକ୍ଷ୍ମୀ ବେହେରା, ଗାୟତ୍ରୀ ଖୁଣ୍ଟିଆ, ଅନନ୍ୟା ରାଉତ, ସ୍ୱତିକା ବେହେରା, ଇଶିତା ପାଣି।

## ଓଡ଼ିଶା ୬୭ ରନରେ ବିଜୟୀ


ବିନାୟକ ସାହୁ

**ଭୁବନେଶ୍ୱର, ୨୫ା୧୨ (ତପନ ସ୍ୱାଇଁ)**

ରାୟପୁରର ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ୨୩ ବର୍ଷରୁ କମ୍ କ୍ରିକେଟ ମ୍ୟାଚରେ ଓଡ଼ିଶା ୬୭ ରନରେ ଗୋଆକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୪୭.୩ ଓଭରରେ ୨୧୮ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ସର୍ବାଧିକ ୪୯ ଓ ସାୱନ ପହାରିଆ ୪୫ ରନ କରିଥିଲେ। ବିପକ୍ଷ ଦଳର ଏସ. ପଲକର ଓ ଶାଦବ ଖାଁ ୩ଟି ଲେଖାଏ ଉଇକେଟ ନେଇଥିଲେ।

**୨୩ ବର୍ଷରୁ କମ୍ କ୍ରିକେଟ**

୨୧୯ ରନ ବିଜୟ ଲକ୍ଷ୍ୟରେ ଗୋଆ ୪୨ ଓଭରରେ ୧୫୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ୟଶ କାଶଭାଙ୍କର ସର୍ବାଧିକ ୬୪ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବିନାୟକ ସାହୁ ଚମତ୍କାର ବୋଲିଂ କରି ୧୦ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବାସହ ମାତ୍ର ୨୭ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ବାଦଲଙ୍କୁ ୨ଟି ଉଇକେଟ ମିଳିଥିଲା।

## ରାଜ୍ୟ ପାରା ଆଥଲେଟିକ୍ସ ଉଦ୍‌ଯାପିତ


ଅତିଥିଙ୍କ ଗହଣରେ ପଦକ ବିଜୟୀ ପାରା ଆଥଲେଟ୍।

**ଭୁବନେଶ୍ୱର, ୨୫ା୧୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ସମ୍ମାନୀୟ ଅତିଥି ଓଏସ୍‌ଡି ସୋନାଲି ଚାନ୍ଦ ଓ ହରେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପଦକ ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସୁଯୋଗ ମିଳିବ ବୋଲି ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ପ୍ରକାଶ କରାଯାଇଛି।

## ଅଶ୍ୱିନଙ୍କ ରେକର୍ଡ ସହ ବୁମ୍‌ରା ସମକକ୍ଷ

**ଦୁବାଇ, ୨୫ା୧୨ (ପି.ଟି.)**

ଭାରତ-ଅଷ୍ଟ୍ରେଲିଆ ୪ର୍ଥ ଟେଷ୍ଟ ପୂର୍ବରୁ ଭାରତୀୟ ସ୍ପିଡଷ୍ଟର ଯଶପ୍ରୀତ୍ ବୁମ୍‌ରା ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ସର୍ବାଧିକ ରେଟିଂ ପଏଣ୍ଟ ପାଇବାରେ ପୂର୍ବତନ ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ସମକକ୍ଷ ହୋଇଛନ୍ତି। ଏଥିସହ ଆଇସିସି ର୍‍ୟାଙ୍କିଙ୍ଗ୍‌ର ବୋଲର ତାଲିକାରେ ସେ ଶୀର୍ଷସ୍ଥାନ ମଧ୍ୟ ହାସଲ କରିଛନ୍ତି। ବ୍ରିସବେନ୍‌ରେ ଡ୍ର ଟେଷ୍ଟରେ ୯୪ ରନ ବିନିମୟରେ ୯ ଉଇକେଟ ହାସଲ ଯୋଗୁ ବୁମ୍‌ରା ୧୪ ରେଟିଂ ପଏଣ୍ଟ ପାଇଥିଲେ। ଫଳରେ ସେ ଅଶ୍ୱିନଙ୍କ ସମକକ୍ଷ ୯୦୪ ପଏଣ୍ଟ ପାଇବାରେ ସକ୍ଷମ ହୋଇଥିଲେ। ଅଶ୍ୱିନ ୨୦୧୬ରେ ଏହି ସଫଳତା ପାଇଥିଲେ। ଗୁରୁବାରଠାରୁ ବକ୍ସିଂ ଡେ ଟେଷ୍ଟ ଆରମ୍ଭ ହେବାକୁ ଯାଉଥିବାରୁ ବୁମ୍‌ରାଙ୍କ କ୍ଷେତ୍ରରେ ଅଶ୍ୱିନଙ୍କ ରେଟିଂ ପଏଣ୍ଟକୁ ଅତିକ୍ରମ କରିବା ସୁଯୋଗ ରହିଛି।

## ଜାତୀୟ ଜୁନିୟର ସଫ୍ଟ ଟେନିସରେ ଭାଗନେବ ଓଡ଼ିଶା


ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଖେଳାଳି।

**ଭୁବନେଶ୍ୱର, ୨୫ା୧୨ (ତପନ ସ୍ୱାଇଁ)**

ଚଣ୍ଡିଗଡ଼ର ପଞ୍ଜାବ ୟୁନିଭର୍ସିଟି ପରିସରରେ ୧୯ଶ ଜାତୀୟ ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଚଳିତ ମାସ ୨୭ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଶିବ ବିରୁଆ ଅଧିନାୟକ ମନୋନୀତ ହୋଇଥିବାବେଳେ ସ୍ୱାଧୀନ ସାମଲ, ସାଇ ପ୍ରୀତମ ମହାନ୍ତି, ଆର୍ଯ୍ୟ କୁମାର ପ୍ରଥମେଶ, ନିରୋବାସ ଆସେମ, କୁନାଲ ନାଓରବାମ, ବୁଲିଆନ ଲାଇଶ୍ରମ, ଲୋଉକ୍ରାମପାମ ଥାୟାଙ୍ଗବା ମାଙ୍ଗାଗ୍ ଖେଳାଳିଭାବେ ସ୍ଥାନ ପାଇଛନ୍ତି। କୋଚ୍ ମହମ୍ମଦ ଅନସାରୁଲ ହକ୍ ଦଳସହ ଚଣ୍ଡିଗଡ଼ ଯାତ୍ରା କରିଛନ୍ତି। ଭୁବନେଶ୍ୱର ଛାଡ଼ିବା ପୂର୍ବରୁ ଓଡ଼ିଶା ଦଳକୁ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜାମ, ସ୍ୱାମୀ ସତ୍ୟ କୁମାର ନନ୍ଦ ସରସ୍ୱତୀ, ଜୟଚନ୍ଦ୍ର ନାୟକ ଓ ଅଶୋକ କୁମାର ରାଉତରାୟ ପ୍ରମୁଖ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି। ଚେୟାରମ୍ୟାନ ରଞ୍ଜନ କୁମାର ନନ୍ଦ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉପସଭାପତି ଦିଲୀପ କୁମାର ମହାନ୍ତି, ରୁଦ୍ର ନାରାୟଣ ବେହେରା, ଟିଟନ ସାହୁ, ନିର୍ଭୟ କୁମାର ସାମନ୍ତରାୟ ଓ ଅନ୍ୟ ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## ମାର୍ଟିନାଙ୍କୁ ରୌପ୍ୟ

**ଦୋହା, ୨୫ା୧୨ (ପି.ଟି.):** ଏସିଆନ ଜୁନିୟର ଭାରୋତ୍ତୋଳନରେ ଭାରତର ମାର୍ଟିନା ଦେବୀ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ଜୁନିୟର ୮୭+କେଜି ବର୍ଗରେ ସେ ଏହି ସଫଳତା ପାଇଛନ୍ତି। ୧୮ ବର୍ଷୀୟା ମଣିପୁରର ମାର୍ଟିନା ମୋଟ ୨୨୫ (ସ୍ନାଚ୍ ୯୬, କ୍ଲିନ୍ ଆଣ୍ଡ ଜର୍କ ୧୨୯) କେଜି ଉତ୍ତୋଳନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ସେ କ୍ଲିନ୍ ଆଣ୍ଡ ଜର୍କରେ ରୌପ୍ୟ ଓ ସ୍ନାଚ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ତେବେ ଏଠାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନାହାନ୍ତି ମାର୍ଟିନା। ଚଳିତ ବର୍ଷ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ଅବସରରେ ସେ ସ୍ନାଚ୍‌ରେ ୧୦୧ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୩୬ କେଜି ଉତ୍ତୋଳନ କରି ଜାତୀୟ ଜୁନିୟର ରେକର୍ଡର ଅଧିକାରୀ ହୋଇଥିଲେ। ମହାଦେଶୀୟ, ବିଶ୍ୱକପ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ୩ ବିଭାଗରେ ପଦକ ପ୍ରଦାନ କରାଯାଇଥାଏ।

## ସେମିରେ ବିହାରର ମା' କାମାକ୍ଷା

**ଆନନ୍ଦପୁର, ୨୫ା୧୨**
**(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ତରତରା ଖେଳପଡ଼ିଆରେ ବୁଧବାର ୨୫ତମ ମା' ତାରିଣୀ କପ୍ ଦ୍ୱିତୀୟ ଲିଗ ପର୍ଯ୍ୟାୟର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ୍ ବିହାର ଓ ଜଗା ୟୁନାଇଟେଡ୍ ଭୁବନେଶ୍ୱର

**ମା' ତାରିଣୀ କପ୍ ଆନ୍ତଃରାଜ୍ୟ ଫୁଟବଲ୍ ଟୁର୍ନାମେଣ୍ଟ**

ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୧ ଗୋଲରେ ଅମୀମାଂସିତ ଭାବେ ଖେଳ ଶେଷ ହେବା ପରେ ରେଫେରି ଟାଇବ୍ରେକରର ସହାୟତା ଲୋଡ଼ିଥିଲେ। ଏଥିରେ ବିହାର ୩-୨ ଗୋଲ ବ୍ୟବଧାନରେ ଜଗା ୟୁନାଇଟେଡ୍ ଭୁବନେଶ୍ୱରକୁ ପରାସ୍ତ କରି ସେମିଫାଇନାଲ ରାଉଣ୍ଡକୁ ପ୍ରବେଶ କରିଛି। ମୁଖ୍ୟ ରେଫେରୀ ରତ୍ନାକର ବାରିକଙ୍କ ସହ ପ୍ରସନ୍ନ ନାୟକ, ମାନସ ବିଶ୍ୱାଳ, ପ୍ରଦୀପ୍ତ ମହାନ୍ତି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଝିପି ଝିପି ବର୍ଷା ସତ୍ତ୍ୱେ ୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାବେଶ ହୋଇଥିଲା। ତରତରା ମା' ତାରିଣୀ ଫୁଟବଲ୍ କ୍ଲବ୍ ପକ୍ଷରୁ ସତ୍ୟବ୍ରତ ନାଇକ, ପ୍ରିୟବ୍ରତ ନାଇକ, ରାକେଶ ସାମଲ, ସୁଶୀଲ ସାମଲ, ସୁନୀଲ ସାମଲ, ଆକାଶ ନାଇକ, ଜଗନ୍ନାଥ ସାମଲ, ସୁରନ୍ଦର ନାଇକ, ରଶ୍ମୀରଞ୍ଜନ ନାଇକ, ଶୁଭମ ସାମଲ, ବିଷ୍ଣୁ ସାମଲ, ଅମୃତ ସାଗର ପାତ୍ର, ସ୍ମୃତି ନାଇକ, ସ୍ପନ୍ଦନ ନାଇକ, ସ୍ୱସ୍ତୀକ ସାହୁ, ସୁଶାନ୍ତ ସାମଲ, ମନ୍ଦର ଜେନା, ଜିତେନ୍ଦ୍ର ସାମଲ, ସୁବ୍ରତ ସାମଲ ପ୍ରମୁଖଙ୍କ ସମେତ ସମସ୍ତ ସସସ୍ୟମାନେ ଖେଳକୁ ପରିଚାଳନାରେ ସହଯୋଗ କରିଥିଲେ।


ମା' ତାରିଣୀ କପ୍ ଫୁଟବଲର ଦ୍ୱିତୀୟ ଦିବସ ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିଙ୍କ ସହ ଅତିଥିମାନେ।

# ଓଡ଼ିଶା ମହିଳା ଫୁଟ୍‌ବଲ ଦଳକୁ ଭବ୍ୟ ସ୍ୱାଗତ


ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ଓଡ଼ିଶା ମହିଳା ଫୁଟବଲ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା।

**ଭୁବନେଶ୍ୱର, ୨୫ା୧୨ (ତପନ ସ୍ୱାଇଁ)**

ଛତିଶଗଡ଼ର ନାରାୟଣପୁରସ୍ଥିତ ରାମକୃଷ୍ଣ ମିଶନ ଆଶ୍ରମ ପଡ଼ିଆରେ ରାଜମାତା ଜିଜାବାଇ ଟ୍ରଫି ପାଇଁ ଅନୁଷ୍ଠିତ ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ରନରଅପ୍ ହୋଇ ବୁଧବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ଦଳକୁ ଭବ୍ୟ ସ୍ୱାଗତ କରାଯାଇଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ଅଧିକାରୀ ଏବଂ ଅନେକ ଫୁଟବଲ ପ୍ରେମୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଓଡ଼ିଶାରେ ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଉପଲବ୍ଧ ସହ ଗତ କିଛିବର୍ଷ ଧରି ଉନ୍ନତ ମାନର ପ୍ରଶିକ୍ଷଣ ଯୋଗୁ ଫୁଟବଲ ଦଳର ପ୍ରଦର୍ଶନ କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ମହିଳା ଫୁଟବଲରେ ଓଡ଼ିଶା ଦଳ ଏଥର ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ ହେଁ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରିଥିଲା। ତାରକା ଖଚିତ ମଣିପୁର ଦଳଠାରୁ ଓଡ଼ିଶା ମାତ୍ର ଗୋଟିଏ ଗୋଲରେ ହାରି ରନରଅପ୍ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ୫୫ତମ ମିନିଟରେ ଅସେମ ରୋଜା ଦେବୀଙ୍କ ଏକମାତ୍ର ଗୋଲ ଦେଇ ମଣିପୁରକୁ ବିଜୟ ମୁକୁଟ ପିନ୍ଧାଇଥିଲେ। ଗତବର୍ଷ ଅର୍ଥାତ୍ ୨୦୨୩ ଜାତୀୟ କ୍ରୀଡ଼ାରେ ଓଡ଼ିଶା ମହିଳା ଫୁଟବଲ ଦଳ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲା। ୨୦୦୭ ଓ ୨୦୧୧ ପରେ ଓଡ଼ିଶା ତୃତୀୟ ଥରପାଇଁ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହା ବ୍ୟତୀତ ୨୦୧୫ ଓ ୨୦୨୨ରେ ୨ ଥର ରୌପ୍ୟ ଏବଂ ୨୦୦୨ରେ ବ୍ରୋଞ୍ଜ ପଦକ ହାସଲ କରିବାର ରେକର୍ଡ ମଧ୍ୟ ବହନ କରୁଛି ଓଡ଼ିଶା ଦଳ। ପ୍ରକାଶ ଯୋଗ୍ୟ ଯେ, ସମ୍ମାନଜନକ ସନ୍ତୋଷ ଟ୍ରଫିରେ ଓଡ଼ିଶା ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଆଶା ଉଜ୍ଜୀବିତ ରଖିଛି।

୧୯୯୧-୯୨ରୁ ଆରମ୍ଭ ହୋଇଥିବା ଜାତୀୟ ମହିଳା ଫୁଟବଲ ପ୍ରତିଯୋଗିତା ଇତିହାସରେ ଓଡ଼ିଶା ୭ ଥର ଫାଇନାଲରେ ପ୍ରବେଶ କରିଥିଲେ ହେଁ ଥରେମାତ୍ର ଚାମ୍ପିୟନ ହୋଇଛି। ୨୦୧୦-୧୧ରେ ପ୍ରତିଯୋଗିତାର ୧୯ଶ ସଂସ୍କରଣରେ ଭିଲାଇଠାରେ ଫାଇନାଲରେ ପଶ୍ଚିମବଙ୍ଗକୁ ୫-୦ ଗୋଲରେ ପରାସ୍ତ କରି ଟାଇଟଲ ଜିତିଥିଲା ଓଡ଼ିଶା। ଅନ୍ୟ ୬ ଥର ଫାଇନାଲରେ ମଣିପୁରଠାରୁ ୨୦୦୧-୦୨ରେ ସିଲିଗୁଡ଼ିଠାରେ ୦-୩, ୨୦୦୭-୦୮ରେ ହଲଦିଆଠାରେ ୧-୪, ୨୦୦୯-୧୦ରେ ଇମ୍ଫାଲଠାରେ ୦-୧, ୨୦୧୩-୧୪ରେ ଗୋଲାଘାଟଠାରେ ୧-୩, ୨୦୧୮-୧୯ରେ କଟକଠାରେ ୧-୨ ଓ ଏବେ ନାରାୟଣପୁରରେ ୦-୧ ଗୋଲରେ ପରାସ୍ତ ହୋଇ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ